

ଆଇପିଏଲ୍ ଫାଇନାଲ୍
ବେଙ୍ଗାଲୁରୁ-ପଞ୍ଜାବ ଲଢ଼େଇ
▸ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-334 •BHUBANESWAR •MONDAY •2 JUNE 2025 •PAGE-12 •₹ 6.00 | JEYPORE | •ବର୍ଷ-୪୨ •ସଂଖ୍ୟା-୩୩୪ •ଭୁବନେଶ୍ୱର •ସୋମବାର •୨ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦





# ପ୍ରଥମ ପ୍ରେମିକ ଠାରୁ ୩୦ କୋଟି ନେଇ ଦ୍ୱିତୀୟ ପ୍ରେମିକ ସହ ଫେରାର

ଓଟାୱା, ୧।୬ (ଏଜେନ୍ସି):

ଜୀବନ ଦେଇ ଭଲ ପାଉଥିଲେ। ନିଜଠାରୁ ଅଧିକ ଭରସା କରିଥିଲେ। ଲିଭ୍-ଇନ୍‌ରେ ରହୁଥିଲେ। ଦେଢ଼ ବର୍ଷ ହେଲା ସମ୍ପର୍କରେ ଥିଲେ। ସାରା ଜୀବନ ରହିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହେଲେ ଅର୍ଥର ଲୋଭ କାଳ ପାଲଟି ଗଲା। ପ୍ରେମିକ ଦେଇଥିବା ୩୦ କୋଟି ଟଙ୍କାର ଲଟେରି ପାଇଁ ଦେଢ଼ ବର୍ଷର ସମ୍ବନ୍ଧ ଦେଢ଼ ଦିନରେ ଭାଙ୍ଗିଗଲା। ପ୍ରେମିକର ବିଶ୍ୱାସକୁ ଦଳି ଚକଟି ଦେଇ ପ୍ରେମିକା ୩୦ କୋଟି ଟଙ୍କା ଧରି ଦ୍ୱିତୀୟ ପ୍ରେମିକା ସହ ପଳାଇ ଥିଲା। କାନାଡ଼ାର ୱିନପେଗ୍‌ରେ ଏହି ଘଟଣା ଘଟିଛି। ଏବେ ପ୍ରେମିକ ଲରେନ୍ସ କାମ୍ପବେଲ୍ ପୂର୍ବତନ ପ୍ରେମିକାକୁ କୋର୍ଟକୁ ଟାଣିଛି।

ସୂଚନା ଅନୁଯାୟୀ ଲରେନ୍ସ ୨୦୨୪ରେ ଏକ ଲଟେରି ଟିକେଟ କିଣିଥିଲେ। କିନ୍ତୁ ଉପଯୁକ୍ତ ପରିଚୟ ପତ୍ର ନ ଥିବାରୁ ଲଟେରୀ ଅଧିକାରୀଙ୍କ ପରାମର୍ଶ ନେଇ ସେ ପ୍ରେମିକା କ୍ରିଷ୍ଟାଲ ଅନା ମ୍ୟାକେଙ୍କୁ ୱେଷ୍ଟର୍ଣ୍ଣ କାନାଡା ଲଟେରି କର୍ପୋରେସନ (ଡବ୍ଲ୍ୟୁସିଏଲସି)ରୁ ପୁରସ୍କାର ଗ୍ରହଣ ପାଇଁ କହିଥିଲେ। ମ୍ୟାକେଙ୍କୁ ସେ ସମ୍ପୂର୍ଣ୍ଣ ବିଶ୍ୱାସ କରୁଥିଲେ। ପ୍ରେମ ପ୍ରଣୟରେ ଉଭୟେ ପରସ୍ପରକୁ ବହୁତ ସମ୍ମାନ ଦେଉଥିଲେ। ତେଣୁ ଭରସା ନ କରିବାର ପ୍ରଶ୍ନ ଉଠୁ ନ ଥିଲା। ଲରେନ୍ସଙ୍କ ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ନ ଥିଲା। ତେଣୁ ସେ ପ୍ରେମିକାଙ୍କୁ ନିଜ ଖାତାରେ ୫ ନିୟୁତ ଡଲାର (କାନାଡୀୟ) ଡିପୋଜିଟ କରିବାକୁ କହିଥିଲେ। ପ୍ରଥମେ ତ ସବୁକିଛି ଠିକ୍ ଥିଲା। ଉଭୟେ ଚେକ୍ ସହ ଖୁସିରେ ଭିଡିଓ ରେକର୍ଡିଂ କରି ତାହାକୁ ସୋସିଆଲ ମିଡିଆରେ ଛାଡ଼ିଥିଲେ। ଏଥିରେ ମ୍ୟାକେ ବହୁତ ଖୁସି

## ଧୂର୍ତ୍ତ ପ୍ରେମିକା

ଥିବା ଦେଖାଯାଉଛି। କିନ୍ତୁ ଏହା ପରେ ସ୍ଥିତି ବଦଳି ଯାଇଥିଲେ। ମ୍ୟାକେ ଏହି ଲଟେରିକୁ ନିଜର ଜନ୍ମଦିନ ଉପହାର କହିବା ଆରମ୍ଭ କରିଦେଇଥିଲେ। ଏହା ପରେ ଧିରେ ଧିରେ କାମ୍ପବେଲଙ୍କଠାରୁ ଦୂରେଇବାରେ ଲାଗିଥିଲେ। ଉଭୟେ ଏକାଠି ରହୁଥିବା ହୋଟଲେକୁ ମଧ୍ୟ ଆସି ନ ଥିଲେ। ଟଙ୍କା ନ ଫେରାଇ ସମସ୍ତ ସମ୍ପର୍କ କଟାଇ ଦେଇଥିଲେ। ଫୋନ୍ ବି ଉଠାଇ ନ ଥିଲେ। ବାର୍ତ୍ତାର ଉତ୍ତର ବି ଦେଇ ନ ଥିଲେ। ସୋସିଆଲ ମିଡିଆରେ ବ୍ଲକ କରି ଦେଇଥିଲେ। କେବଳ ସେତିକି ନୁହେଁ ପୁଲିସଠାରୁ ସୁରକ୍ଷା ମଧ୍ୟ ମାଗିଥିଲେ। ଏହା ମଧ୍ୟରେ କାମ୍ପବେଲ ପ୍ରେମିକାକୁ ନ ପାଇ ପାଗଳ ପ୍ରାୟ ହୋଇ ଯାଇଥିଲେ। ବୁଲି ବୁଲି ତାଙ୍କୁ ଖୋଜିଥିଲେ। ଶେଷରେ ଆଉ ଜଣଙ୍କ ସହ ଉତ୍ତେଜକ ଅବସ୍ଥାରେ ମ୍ୟାକେଙ୍କୁ ଦେଖିବାକୁ ପାଇ ଲରେନ୍ସ ନିଜକୁ ଘୃଣା କରିବାରେ ଲାଗିଥିଲେ। ଶେଷରେ ନିରାଶ ହୋଇ ସେ ମାନିଟୋବାର 'କୋର୍ଟ ଅଫ୍ କିଙ୍ଗସ୍ ବେଞ୍ଚ'ରେ ମାମଲା ରୁଜୁ କରିଥିଲେ।




## ଶେଖ ହସିନାଙ୍କ ବିରୋଧରେ ମକଦ୍ଦମା ଆରମ୍ଭ



ଢ଼ାକା, ୧।୬ (ଏଜେନ୍ସି): ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ମାନବତା ବିରୋଧରେ ଅପରାଧ କାରଣରୁ ମକଦ୍ଦମା ଆରମ୍ଭ କରାଯାଇଛି। ଏ ନେଇ ବିଧିବଦ୍ଧ ଭାବେ ଟ୍ରାଏଲ ଆରମ୍ଭ ହୋଇଛି। ବାଂଲାଦେଶର ଇଣ୍ଟରନ୍ୟାସନାଲ କ୍ରାଇମ୍ ଟ୍ରିବୁନାଲ (ଆଇସିଟି) ରବିବାର ଆନୁଷ୍ଠାନିକ ଭାବେ ତାଙ୍କ ବିରୋଧରେ ବିଭିନ୍ନ ଅପରାଧ ମାମଲାର ମକଦ୍ଦମା ଆରମ୍ଭ କରିଛି। ଚିଫ୍ ପ୍ରସିକ୍ୟୁଟର ତାଜୁଲ ଇସଲାମ୍ ଟ୍ରିବ୍ୟୁନାଲରେ ଏହି ଅଭିଯୋଗ ନେଇ ମମାଲା ରୁଜୁ କରିଛନ୍ତି। ମେ ୧୨ରେ ଟ୍ରିବୁନାଲର ଯାଞ୍ଚ୍ ଏଜେନ୍ସି ହସିନାଙ୍କ ବିରୋଧରେ ରିପୋର୍ଟ ପ୍ରଦାନ କରିଥିଲା। ଏଥିରେ ୨୦୨୪ ଆନ୍ଦୋଳନ ଅବସରରେ ୫ଟି ଅପରାଧିକ ଅଭିଯୋଗ ଦାଏର କରାଯାଇଥିଲା। ରିପୋର୍ଟ ମୁତାବକ ଆନ୍ଦୋଳନ ବେଳେ ୧୫୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।

## ମୁକ୍ତାର ଅନ୍‌ସାରୀ ପୁଅଙ୍କ ବିଧାୟକ ପଦ ରଦ୍ଦ




ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ଗ୍ୟାଙ୍ଗଷ୍ଟାରରୁ ନେତା ବନିଥିବା ସ୍ୱର୍ଗତ ମୁକ୍ତାର ଅନସାରୀଙ୍କ ପୁଅ ଅବାସା ଅନସାରୀର ବିଧାୟକ ପଦ ରଦ୍ଦ କରାଯାଇଛି। ଉତ୍ତରପ୍ରଦେଶ ବିଧାନସଭାରେ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଛି। ୨୦୨୨ରେ ସେ ଦେଇଥିବା ଏକ ଘୃଣାସ୍ପଦ ଭାଷଣ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ଫଳରେ ତାଙ୍କୁ ବିଧାୟକ ପଦ ହରାଇବାକୁ ପଡିଛି। ୨୦୨୨ ବିଧାନସଭା ନିର୍ବାଚନ ଅବସରରେ ମୋଉ ଜିଲ୍ଲାରେ ଏକ ରାଲିରେ ଭାଷଣ ଦେଉଥିବା ବେଳେ ସେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଉତ୍ତରପ୍ରଦେଶର ଏକ କୋର୍ଟ ତାଙ୍କୁ ଏହି ମାମଲାରେ ଦୋଷୀ ସାବ୍ୟସ୍ତ କରିବା ସହ ଦୁଇ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି ଓ ୩,୦୦୦ ଟଙ୍କାର ଜରିମାନା ଧାର୍ଯ୍ୟ କରିଛନ୍ତି। ନିର୍ବାଚନ ରାଲିରେ ବିଜୟୀ ହେବା ପରେ ଅଖିଳେଶ ଯାଦବଙ୍କୁ କୌଣସି ଟ୍ରାନ୍ସଫର ଓ ପୋଷ୍ଟିଂ ନ କରିବାକୁ ଓ ପ୍ରଥମେ ଅଧିକାରୀଙ୍କ ହିସାବ କିତାବ ହେବ ବୋଲି ସେ କହିଥିଲେ।

## ଇରାନ ପରମାଣୁ ବୋମା ପ୍ରସ୍ତୁତିର ନିକଟତର

ନୂଆଦିଲ୍ଲୀ,୧।୬(ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ଇରାନ ପରମାଣୁ ବୋମା ପ୍ରସ୍ତୁତିର ନିକଟତର ହୋଇଛି। ଜାତିସଂଘର ପରମାଣୁ ନୀରିକ୍ଷଣ ସଂସ୍ଥା, ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସୀ (ଆଇଏଇଏ) ଏକ ରିପୋର୍ଟରେ ଏ ନେଇ ଦାବି କରିଛି। ଇରାନ ଇତିମଧ୍ୟରେ ମିଲେଟ୍ରି ଗ୍ରେଡ୍ ଅର୍ଥାତ ୬୦ ପ୍ରତିଶତ ପର୍ଯ୍ୟନ୍ତ ଯୁଦ୍ଧ ୟୁରାନିୟମର ମହଜୁଦ ବଢ଼ାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ୟୁରାନିୟମ ପରମାଣୁ ଅସ୍ତ୍ର ସୃଷ୍ଟି କରିବାର ଅତି ନିକଟତର ବୋଲି ଗ୍ରହଣ କରାଯାଏ। ଇରାନ ସହଯୋଗ ବଢ଼ାଇବା ସହ ନିଜ ନୀତିରେ ପରିବର୍ତ୍ତନ ଆଣିବାକୁ ଏହି ଏଜେନ୍ସି ଅପିଲ କରିଛି। ଆମେରିକା ଓ ଇରାନ ମଧ୍ୟରେ ପରମାଣୁ ବୁଝାମଣା ନେଇ ପୁଣି ପ୍ରୟାସ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ରିପୋର୍ଟ ଆସିଛି। ଏହାକୁ ନେଇ ଦୁଇ ପକ୍ଷ ମଧ୍ୟରେ ଆଲୋଚନ ଆରମ୍ଭ ହୋଇଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଠୋସ୍ ପରିଣାମ ମଳି ପାରିନାହିଁ। ତେଣେ ଏହି ରିପୋର୍ଟକୁ ଇସ୍ରାଏଲ୍ ବେଶ୍ ଉଦବେଗଜନକ ବୋଲି କହିଛି। ଇରାନକୁ ଏଥିରୁ ନିବୃତ ରହିବା ପାଇଁ ଓ ତୁରନ୍ତ ରୋକିବା ପାଇଁ ଅନ୍ତର୍ଜାତୀୟ ସମୁଦାୟ ଚାପ ପକାଇବାକୁ ପ୍ରୟାସ କରିବା ଉଚିତ ବୋଲି ଇସ୍ରାଏଲ ଅପିଲ୍ କରିଛି।

## ଜଗନ୍ନାଥଙ୍କ ରଥରେ ସୁଖୋଇ ଜେଟ୍ ଟାୟାର ଲଗାଇଲା ଇସ୍କନ

 କୋଲକାତା,୧।୬(ଏଜେନ୍ସି): କୋଲକାତାର ପ୍ରସିଦ୍ଧ ଇସ୍କନ ରଥଯାତ୍ରାରେ ଏଥର ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଦୀର୍ଘ ୪୮ ବର୍ଷପରେ ପ୍ରଭୁ ଜଗନ୍ନାଥଙ୍କ ରଥର ଚକ ବଦଳିବାକୁ ଯାଉଛି। ଏଥର ରଥର ଚକ ବଦଳରେ ସୁଖୋଇ ଜେଟ୍‌ର ଟାୟାର ବ୍ୟବହାର କରାଯିବ। ଏହି ଫାଇଟର ଜେଟ୍‌ର ଟେକ୍ ଅଫ୍‌ସ୍ପିଡ୍ ଘଣ୍ଟାପ୍ରତି ୨୮୦ କିମି



ରହିଥିବା ବେଳେ ରଥ ଘଣ୍ଟାପ୍ରତି ୧.୪ କିମି ବେଗରେ ଯିବ। ଗତବର୍ଷ ରଥ ଚଳାଇବାରେ ସମସ୍ୟା ରହିଥିଲା। ଆୟୋଜକ ୧୫ ବର୍ଷ ହେବ ନୂଆ ଟାୟାର ଖୋଜୁଥିଲେ। ବୋଇଂ ବିମାନର ପୁରୁଣା ଟାୟାର ବ୍ୟବହାର କରିବାର ଥିଲା। କିନ୍ତୁ ଏହା ବଜାରରେ ମିଳିବା କଷ୍ଟକର ଥିଲା। ଏହାପରେ ଆୟୋଜକ ରଥରେ ସୁଖୋଇ ଜେଟ୍‌ର ଟାୟାର ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ଟାୟାର ବ୍ୟାସ ବୋଇଂ ସହ ପାଖାପାଖି ସମାନ।

# ଇସ୍ରାଏଲର ଅମାନବୀୟ ଆକ୍ରମଣ



## ଗାଜାରେ ଖାଦ୍ୟ ବଣ୍ଟନ ବେଳେ ଗୁଳିମାଡ଼; ୩୨ ମୃତ

ଗାଜା,୧।୬ (ଏଜେନ୍ସି): ଦକ୍ଷିଣ ଗାଜାରେ ରବିବାର ଆଉ ଏକ ଅଭାବନୀୟ ଘଟଣା ଘଟିଛି। ଖାଦ୍ୟ ବଣ୍ଟନ ବେଳେ ଗୁଳିମାଡରେ ପାଲେଷ୍ଟାଇନ୍‌ର ୩୨ ଜଣ ଲୋକ ପ୍ରାଣ ହରାଇଛନ୍ତି। ରାଫା ସହରରେ ଏକ ସହାୟତା ବିତରଣ କେନ୍ଦ୍ର ନିକଟରେ ଇସ୍ରାଏଲ ସେନା ଗୁଳିବର୍ଷଣ କରିବା ଫଳରେ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିଛି ବୋଲି ଗାଜାର ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ୨୦୦ ଲୋକ ଆହତ ହୋଇଛନ୍ତି। ପୁଣି ମଧ୍ୟ ଗାଜାରେ ଏକ ସହାୟତା କେନ୍ଦ୍ରରେ ସମାନ ଘଟଣା ଘଟିଛି। ଏଠାରେ ହୋଇଥିବା ଗୁଳି ମାଡରେ ଜଣେ ପାଲେଷ୍ଟାଇନ୍ ନାଗରିକ ମୃତ୍ୟୁବରଣ କରିଛନ୍ତି ଓ ୩୨ଜଣ ଆହତ ହୋଇଛନ୍ତି। ଆମେରିକାର ଏକ ଏଜେନ୍ସି ଜିଏଚ୍‌ଏଫ୍ ଗାଜାରେ ଖାଦ୍ୟ ବଣ୍ଟନର କାର୍ଯ୍ୟ ସମ୍ପାଦନ କରୁଛି। ତେବେ ଇସ୍ରାଏଲ ସେନା ଏ ବିଷୟରେ କିଛି ଜାଣିନାହିଁ ବୋଲି କହିଛି। ଏହି ମାମଲାରେ ତଦନ୍ତ କରାଯାଉଛି ବୋଲି ସେନା ତରଫରୁ କୁହାଯାଇଛି। ଅନ୍ୟପଟେ ଅଲ-ଜଜିରା ରିପୋର୍ଟ ମୁତାବକ ଗାଜାରେ ମେ ୨୭ରୁ ଜୁନ୍ ୧ ପର୍ଯ୍ୟନ୍ତ ହୋଇଥିବା ଖାଦ୍ୟ ବଣ୍ଟନ ପ୍ରକ୍ରିୟାରେ ହୋଇଥିବା ଗୁଳିମାଡ଼ରେ ୪୯ ଜଣ ଲୋକଙ୍କ ପ୍ରାଣହାନୀ ଘଟିଥିବା ବେଳେ ୩୦୦ ଲୋକ ଆହତ ହୋଇଛନ୍ତି। ଖାଦ୍ୟ ନେବା ସମୟରେ ବହୁ ସଂଖ୍ୟାରେ ଲୋକ ଏକାଠି ହୋଇଥିଲେ। ଫଳରେ ପ୍ରବଳ ଭିଡ଼ ଜମିଥିଲା। ଏହି ଘଟଣାରେ ୩୦ ଲୋକ ପ୍ରାଣ ହରାଇଥିବା ବେଳେ ୧୭ ୯ ଲୋକ ଆହତ ହୋଇଛନ୍ତି ବୋଲି ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଗତ ଗୋଟିଏ ସପ୍ତାହ ମଧ୍ୟରେ ଗାଜାରେ ଇସ୍ରାଏଲ ସେନା ଆକ୍ରମଣରେ ମୋଟ୍ ୫୦୦ ଲୋକଙ୍କ ମୃତ୍ୟୁ ହୋଇଛି। ୨୦୨୩ ଅକ୍ଟୋବର ୭ରୁ ଆରମ୍ଭ ହୋଇଥିବା ଇସ୍ରାଏଲ-ହମାସ ଯୁଦ୍ଧରେ ଏପର୍ଯ୍ୟନ୍ତ ୫୫,୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ହଜାର ହଜାର ଛୋଟ ପିଲା, ମହିଳା ଓ ବୟସ୍କ ଲୋକ ସାମିଲ ରହିଛନ୍ତି।

# ଅଥୟ କରୁଛି କରୋନା

## ୨୪ ଘଣ୍ଟାରେ ଆଉ ୩୬୩ ମାମଲା, ୪ ମୃତ

ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ଥମୁନି କରୋନା ସଂକ୍ରମଣ। ଏହା ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ୩୦୦ରୁ ଅଧିକ ଲୋକ ସଂକ୍ରମିତ ହୋଇଛନ୍ତି ଏବଂ ୪ ଜଣ ପ୍ରାଣ ହରାଇଛନ୍ତି। ଏହାସହିତ ଦେଶରେ ସଂକ୍ରମଣ ମାମଲା ୩୭୦୦ ଅତିକ୍ରମ କରିଥିବା ବେଳେ ମୃତ୍ୟୁସଂଖ୍ୟା ବର୍ତ୍ତମାନ ସୁଦ୍ଧା ୨୭କୁ ବୃଦ୍ଧି ପାଇଛି। କେରଳରେ ସର୍ବାଧିକ ୧୪୦୦ରୁ ଅଧିକ ସଂକ୍ରମିତ ରୋଗୀ ଥିବା ବେଳେ ମହାରାଷ୍ଟ୍ରରେ ୪୮୫, ଦିଲ୍ଲୀରେ ୪୩୬, ଗୁଜରାଟରେ ୩୨୦ ଏବଂ ପଶ୍ଚିମବଙ୍ଗରେ ୨୮୭ ଜଣ ସଂକ୍ରମିତ ହୋଇଛନ୍ତି। ସେହିଭଳି ଗତ ୨୪ ଘଣ୍ଟାରେ ଯେଉଁ ୪ ଜଣଙ୍କର ମୃତ୍ୟୁ ଘଟିଛି, ସେମାନଙ୍କ ମଧ୍ୟରେ ପଶ୍ଚିମ ବଙ୍ଗରେ ଦୁଇ ଜଣ ପ୍ରାଣ ହରାଇଥିବା ବେଳେ କେରଳ ଓ କର୍ଣ୍ଣାଟକରେ ଜଣେ ଲେଖାଏଁ ପ୍ରାଣ ହରାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ମେ ୨୨ ତାରିଖ ସୁଦ୍ଧା ସାରା ଦେଶରେ ମାତ୍ର ୨୫୭ କରୋନା ମାମଲା ରେକର୍ଡ କରାଯାଇଥିବା ବେଳେ ଏହାପରେ ୧୦ ଦିନ ଭିତରେ ୧୦ ଗୁଣାରୁ ଅଧିକ ରୋଗୀ ଚିହ୍ନଟ ହେଲେଣି। ଏଥିରେ ଉପରୋକ୍ତ ରାଜ୍ୟ ସହିତ କର୍ଣ୍ଣାଟକ, ତାମିଲନାଡୁ, ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନରେ ମଧ୍ୟ ସଂକ୍ରମଣ ଦ୍ରୁତ ଗତିରେ ଉପରମୁହାଁ ହେବାକୁ ଲାଗିଛି। ବିଶେଷ କରି ପଶ୍ଚିବଙ୍ଗରେ ଏହା ଅଧିକ ସଂଖ୍ୟାରେ ବଢ଼ିବାର ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମବଙ୍ଗରେ ସର୍ବାଧିକ ୮୨ ରୋଗୀ ଚିହ୍ନଟ ହୋଇଥିବା ବେଳେ କେରଳରେ ୬୪, ଦିଲ୍ଲୀରେ ୬୧ ଏବଂ ଗୁଜରାଟରେ ୫୫ ନୂଆ ସଂକ୍ରମିତ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ନୂଆ ସଂକ୍ରମଣକୁ ନେଇ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି କହିଛନ୍ତି ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍)ର ନିର୍ଦ୍ଦେଶକ ଡ. ରାଜୀବ ବେହେଲ। ସେ କହିଛନ୍ତି ଯେ କୋଭିଡର ୪ ପ୍ରକାର ଭୂତାଣୁ ଚିହ୍ନଟ ହୋଇଛନ୍ତି। ସେଗୁଡ଼ିକ ହେଲା ଏଲ୍‌ଏଫ୍-୭, ଏକ୍‌ଓଏଫ୍‌ଜି, ଜେଏନ୍ ୧ ଏବଂ ଏନ୍‌ବି.୧.୮.୧। ପ୍ରଥମ ତିନିଟି ଭୂତାଣୁ ଯୋଗୁଁ ଏବେ ସଂକ୍ରମଣ ବଢ଼ୁଛି। ପରିସ୍ଥିତି ଉପରେ ନଜର ରଖାଯାଇଛି। କିନ୍ତୁ ପରିସ୍ଥିତି ନିୟନ୍ତ୍ରଣରେ ରହିଛି ଏବଂ ବ୍ୟସ୍ତ ହେବାର କୌଣସି କାରଣ ନାହିଁ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

# ଶର୍ମିଷ୍ଠାଙ୍କ ଗିରଫକୁ ନେଇ ତେଜିଲା ରାଜନୀତି

ନୂଆଦିଲ୍ଲୀ,୧।୬(ଏଜେନ୍ସି): ପୁଣେ ଆଇନ୍ ଛାତ୍ରୀ ତଥା ଇନ୍‌ଷ୍ଟାଗ୍ରାମ ଇନଫ୍ଲୁଏନ୍ସର ଶର୍ମିଷ୍ଠା ପାନୋଲିଙ୍କ ଗିରଫ୍‌କୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ଶର୍ମିଷ୍ଠାଙ୍କୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କୋଲକାତା କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ତାଙ୍କ ପୋଷ୍ଟ ସାମ୍ପ୍ରଦାୟିକ ଥିବାରୁ ତାଙ୍କ ବିରୋଧରେ ମାମଲା ଦାଏର କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ଅପରେସନ ସିନ୍ଦୂର ନେଇ କେତେଜଣ ବଲିଉଡ ଅଭିନେତ୍ରୀ ନିରବ ଥିବା ନେଇ ସେ ନିଜ ପୋଷ୍ଟରେ ଆପତ୍ତି ଉଠାଇଥିଲେ। କିନ୍ତୁ ଏ ନେଇ ଏବେ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଆନ୍ଧ୍ରପ୍ରଦେଶ ଉପ-ମୁଖ୍ୟମନ୍ତ୍ରୀ ତଥା ଜନସେନା ପାର୍ଟି ମୁଖ୍ୟ ପବନ କଲ୍ୟାଣ ଶର୍ମିଷ୍ଠାଙ୍କ ଗିରିଫକୁ



କଡ଼ା ବିରୋଧ କରି ନିନ୍ଦା କରିଛନ୍ତି। ସେ ଏଥିପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଦାୟୀ କରିଛନ୍ତି। ଧର୍ମନିରପେକ୍ଷତାରେ ଦୋମୁହାଁ ନୀତି ଚଳିବ ନାହିଁ ବୋଲି ସେ କହିଛନ୍ତି। ପୁଣି ଶର୍ମିଷ୍ଠା ନିଜର ଭୁଲ ସ୍ୱୀକାର କରିବା ସହ ବିବାଦୀୟ ପୋଷ୍ଟକୁ ହଟାଇବା ପରେ ମଧ୍ୟ ତାଙ୍କୁ କାହିଁକି ଗିରଫ କରାଗଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ତେଣେ ବିଜେପି ସାଂସଦ ତଥା ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାୱତ୍ ମଧ୍ୟ ଏ ନେଇ ମମତା ସରକାରଙ୍କୁ ନିନ୍ଦା କରିଛନ୍ତି। ମମତା ପଶ୍ଚିମବଙ୍ଗକୁ ଉତ୍ତର କୋରିଆରେ ପରିଣତ କରିବାକୁ ପ୍ରୟାସ ନ କରନ୍ତୁ ବୋଲି ସେ ଅପିଲ କରିଛନ୍ତି। ଅନ୍ୟପକ୍ଷରେ ମମତାଙ୍କ ଦଳର ନେତାମାନେ ପ୍ରଶ୍ନ କରିଛନ୍ତି ଯେ ବିଜେପି ଓ ଏହାର ସହଯୋଗୀ ଦଳଙ୍କ ଦୋମୁହାଁ ନୀତି ନେଇ ପ୍ରଶ୍ନ ଉଠାଇଛନ୍ତି। ବିଜେପି ଶାସିତ ରାଜ୍ୟରେ ବିରୋଧୀଙ୍କୁ ଚୁପ କରିବା ଲାଗି କିପରି ପୁଲିସର ବ୍ୟବହାର କରୁଛନ୍ତି ତାହାର ଉଲ୍ଲେଖ କରି କହିଛନ୍ତି ଯେ କୋର୍ଟ ସେହି ସରକାରଙ୍କୁ ଭର୍ତ୍ସନା କରିବାର ନଜିର ରହିଛି। କିନ୍ତୁ ଶର୍ମିଷ୍ଠାଙ୍କ ଗିରଫଦାରୀ ସଂପୂର୍ଣ୍ଣ ରୂପେ ଆଇନ ଅନୁଯାୟୀ ହୋଇଛି ବୋଲି ସେମାନେ କହିଛନ୍ତି।

## ଅପରେସନ ସିନ୍ଦୂର

# ଅସ୍ତ୍ରବିରତି ନେଇ ପୁଣି ପ୍ରଶ୍ନ ଉଠାଇଲା କଂଗ୍ରେସ

ନୂଆଦିଲ୍ଲୀ,୧।୬(ଏଜେନ୍ସି):



ଅପରେସନ ସିନ୍ଦୂର ଓ ଏହାପରେ ଅସ୍ତ୍ରବିରତି ନେଇ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ପାର୍ଟି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ ପଚାରିବା ପ୍ରକ୍ରିୟାକୁ ଆହୁରି ଜୋରଦାର କରିଛି। ହଠାତ ଅସ୍ତ୍ରବିରତି ଘୋଷଣା ଓ ଏଥିରେ ଆମେରିକାର ସନ୍ଦେହଜନକ ଭୂମିକା ଏବଂ ନିକଟରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନଙ୍କ ବୟାନ ନେଇ ବରିଷ୍ଠ କଂଗ୍ରେସ ନେତା ପବନ ଖେଡ଼ା ବିଭିନ୍ନ ପ୍ରଶ୍ନ ପଚାରିବା ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ ଦିନକୁ ଦିନ ବିଭିନ୍ନ ପ୍ରଶ୍ନ ମନରେ ଉଙ୍କିମାରୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ସବୁଠାରୁ ବଡ଼ ପ୍ରହେଳିକା ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଅସ୍ତ୍ରବିରତି ପ୍ରକ୍ରିୟାରେ ରହିଥିବା ସର୍ତ୍ତଗୁଡିକ ବିଷୟରେ ଆମେ ତଥା ଦେଶବାସୀ ଅବଗତ ହେବା ନିହାତି ଆବଶ୍ୟକ। ସିଡିଏସ୍ ଚୌହାନଙ୍କ ବୟାନ ଏକାଧିକ ପ୍ରଶ୍ନ ଉତ୍ଥାପନ କରିଛି। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର ଆଗକୁ ଆସିବା ଉଚିତ ଓ ଦେଶବାସୀଙ୍କ ଭ୍ରମ ଓ ଦ୍ୱନ୍ଦ ଦୂର କରିବା ଉଚିତ ବୋଲି ସେ କହିଛନ୍ତି। ଅସ୍ତ୍ରବିରତି ଓ ଜାତୀୟ ନିରାପତ୍ତା ନେଇ ସଂସଦରେ ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ କଂଗ୍ରେସର ଥିବା ପୁରଣା ଦାବିକୁ ଖେଡା ଦୋହରାଇଛନ୍ତି। ଅନ୍ୟତମ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ମଧ୍ୟ ଖେଡାଙ୍କୁ ସମର୍ଥନ କରି ନିଜର ମନ୍ତବ୍ୟ ଦେଇଛନ୍ତି। ଅପରେସନ ସିନ୍ଦୂର ଓ ଅସ୍ତ୍ରବିରତି ନେଇ ସବୁ କିଛି ସ୍ପଷ୍ଟ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଉତ୍ତର-ପୂର୍ବରେ ପ୍ରବଳ ବର୍ଷା; ୩୫ ମୃତ

ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ଉତ୍ତର-ପୂର୍ବ ଭାରତର ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିଛି। ଏହା ସ୍ଥିତିକୁ ଅତ୍ୟନ୍ତ ଜଟିଳ କରିଦେଇଛି। ବିଭିନ୍ନ ରାଜ୍ୟରେ ବନ୍ୟା ଆସିବା ସହିତ ଭୂସ୍ଖଳନ ହୋଇଛି। ଆସାମଠାରୁ ନେଇ ତ୍ରିପୁରା, ଅରୁଣାଚଳ ପ୍ରଦେଶ ଆଦିରେ ଏ ପର୍ଯ୍ୟନ୍ତ ବର୍ଷା ଜନିତ ଦୁର୍ଘଟଣାରେ ୩୫ରୁ ଅଧିକ ଜୀବନ ଗଲାଣି। ଆସାମରେ ୧୬ ଜଣ, ଅରୁଣାଚଳରେ ୯ , ମିଜୋରାମରେ ୪ ଏବଂ ମେଘାଳୟରେ ୩ ଜଣଙ୍କ ଜୀବନ ଯାଇଛି। ଆସାମର ୧୫ରୁ ଅଧିକ ଜିଲ୍ଲାରେ ୭୮ ହଜାର ଲୋକ ପ୍ରଭାବିତ ହୋଇଥିବାବେଳେ ତ୍ରିପୁରାରୁ ୧୩୦୦ ପରିବାରକୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ମଣିପୁରରେ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ୩, ୮୦୨ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ଉତ୍ତର ସିକିମରେ ୧୫୦୦ ପର୍ଯ୍ୟଟକ ଫସି ରହିଛନ୍ତି। ଶ୍ରୀନଗର-ଲେହ ରାଜପଥରେ ରବିବାର ଭୂସ୍ଖଳନ ହୋଇଛି। ଅବଶେଷ ପଡ଼ି ରହିଥିବାରୁ ରାସ୍ତା ବନ୍ଦ ରହିଛି। ସ୍ଥିତିକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆସାମ, ଅରୁଣାଚଳ, ସିକିମ ମୁଖ୍ୟମନ୍ତ୍ରୀ ଏବଂ ମଣିପୁର ରାଜ୍ୟପାଳଙ୍କ ସହ କଥା ହୋଇଛନ୍ତି।

# ଚୀନ୍‌ର ଋଣ ଜାଲରେ ୧୫୦ ଦେଶ

ବେଜିଂ, ୧।୬ (ଏଜେନ୍ସି)

ବିଶ୍ୱରେ କର୍ତ୍ତୃତ୍ୱ ଜାହିର କରିବା ପାଇଁ ଚୀନ୍ କ୍ରମାଗତ ଭାବେ ପ୍ରଚେଷ୍ଟା ଜାରି ରଖିଛି। ଗରିବ ରାଷ୍ଟ୍ରଙ୍କୁ ଲୋଭ ଦେଖାଇ ଚୀନ୍ ନିଜ ଋଣ ଜାଲରେ ଫସାଇବାରେ ଲାଗିଛି। ଆଉ ଏହି ଦେଶଗୁଡିକ ଲୋଭରେ ଫସି ତଳିତଳାନ୍ତ ହେବାରେ ଲାଗିଛନ୍ତି। ଏବେ ଚୀନ୍ ଅର୍ଥ ଆଦାୟ ପାଇଁ ଏହି ଦେଶଗୁଡିକ ଉପରେ ଚାପ ପକାଉଛି। ବିଭିନ୍ନ ଭୟ ମଧ୍ୟ ଦେଖାଉଛି। ତେଣୁ ଚୀନ୍ ଋଣ ଆଦାୟ କରିବାରେ ବିଶ୍ୱରେ ସବୁଠୁ ଆଗରେ ରହିଛି। ଅଷ୍ଟ୍ରେଲିଆ ଥିଙ୍କ ଟ୍ୟାଙ୍କ ଲୋଭି ଲୋଭି ଇନ୍‌ଷ୍ଟିଚ୍ୟୁଟ ଅନୁଯାୟୀ ଚୀନ୍ ଚଳିତ ବର୍ଷ ବିଭିନ୍ନ ଦେଶଠାରୁ ରେକର୍ଡ ୩ ଲକ୍ଷ କୋଟି ଟଙ୍କାର ଋଣ ଆଦାୟ କରିବ। ଏଗୁଡିକ ମଧ୍ୟରେ ୭୫ଟି ଗରିବ ଦେଶ ସାମିଲ ଅଛନ୍ତି। ଏହି ଦେଶଗୁଡିକ ଚୀନ୍‌କୁ ୧.୯ ଲକ୍ଷ କୋଟି ଟଙ୍କା ପ୍ରଦାନ କରିବେ। ବିକାଶଶୀଳ ଦେଶ ଉପରେ ଚୀନ୍‌ର ମୋଟ ୯୪ ଲକ୍ଷ କୋଟି ଟଙ୍କା ବାକି ରହିଛି। ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ (ବିଆରଆଇ) ଅଧିନରେ ଏକ ଦଶନ୍ଧି ତଳେ ଚୀନ୍ ଏହି ଋଣ ଦେଇଥିଲା।

ଚୀନ୍ ଚାପ ଯୋଗୁଁ ଏହି ଦେଶଗୁଡିକର ଆର୍ଥିକ ସ୍ଥିତି ଉପରେ ଗଭୀର ପ୍ରଭାବ ପଡୁଛି। ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବଜେଟ ଉପରେ ବିପଦ ଦେଖାଦେଇଛି। ୨୦୨୩ରେ ୪୬ଟି ଗରିବ ଦେଶ ନିଜ ଟିକସ ଜନିତ ଆୟର ୨୦ ପ୍ରତିଶତ କେବଳ ଚୀନ୍ ଋଣ ପରିଶୋଧ କରିବାରେ ଖର୍ଚ୍ଚ କରିଥିଲେ। ଲୋଭରେ ପଡ଼ି ଋଣ ଆଣିଥିବା ଏହି ଦେଶ ଏବେ ଚୀନ୍‌ର ଜାଲରେ ପଡ଼ି ହନ୍ତସନ୍ତ ହେଉଛନ୍ତି। ସି ଜିନପିଙ୍ଗଙ୍କ ଏହି ଋଣ ରଣନୀତି ୨୦୧୩ରୁ ଆରମ୍ଭ ହୋଇଥିଲା। ୧୫୦ ଦେଶ ଏହି ପ୍ରକଳ୍ପରେ ସାମିଲ ହୋଇଛନ୍ତି। ବିଶ୍ୱ ଜିଡିପିକୁ ଏହି ଦେଶଗୁଡିକର ଯୋଗଦାନ ୪୦ ପ୍ରତିଶତ। ୪୨ ଦେଶ ଉପରେ ଜିଡିପିରୁ ଅଧିକ ଚୀନ୍ ଋଣ ରହିଛି। ୨୦୧୭ରେ ଚୀନ୍ ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)କୁ ପଛରେ ପକାଇ ସବୁଠାରୁ ବଡ଼ ଋଣଦାତା ହୋଇଥିଲା। ୮୦ ପ୍ରତିଶତ ଋଣ ବିକାଶଶୀଳ ଦେଶ ନେଇଥିଲେ।

## ଗରିବ ଦେଶଙ୍କ ଉପରେ ୯୪ ଲକ୍ଷ କୋଟି ବାକି

ଏବେ ୫୫ ପ୍ରତିଶତ ଋଣ ପରିଶୋଧ କରୁଛନ୍ତି। ୨୦୩୦ ସୁଦ୍ଧା ଏହା ୭୫ ପ୍ରତିଶତରେ ପହଞ୍ଚି ଯିବ। ୨୦୨୨ ସୁଦ୍ଧା ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଦେଶକୁ ଚୀନ୍ ୬୦ ପ୍ରତିଶତ ଋଣ ଦେଇଥିଲା। ଅଧିକ ସୁଧ ହାର ଯୋଗୁଁ ଅନେକ ଦେଶ ଏହାକୁ ପରିଶୋଧ କରିବାରେ ସମସ୍ୟା ଭୋଗୁଛନ୍ତି। ପାକିସ୍ତାନ (୨.୨୭ ଲକ୍ଷ କୋଟି), ଅଙ୍ଗୋଲା (୧.୭୯ ଲକ୍ଷ କୋଟି), ଶ୍ରୀଲଙ୍କା (୭୬ ହଜାର କୋଟି), ଇଥିଓପିଆ (୫୮ ହଜାର କୋଟି), କେନିଆ (୫୭ ହଜାର କୋଟି), ବାଂଲାଦେଶ (୫୨ ହଜାର କୋଟି), ଲାଓସ (୪୫ ହଜାର କୋଟି), ଇଜିପ୍ଟ (୪୪ ହଜାର କୋଟି) ଏବଂ ନାଇଜେରିଆ ୩୬ ହଜାର କୋଟି ଟଙ୍କାର ଋଣ ପରିଶୋଧ କରିବାରେ ବିଫଳ ହୋଇଛି। ଚୀନ୍ ବିଶ୍ୱବ୍ୟାଙ୍କକୁ ଲୁଚାଇ ମଧ୍ୟ ୩୩ ଲକ୍ଷ କୋଟିର ଋଣ ଦେଇଛି।



## ଫ୍ରେଞ୍ଚ୍ ଓପନ୍ କ୍ୱାର୍ଟରରେ ଭିଟୋଲିନା

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-334 ◆BHUBANESWAR ◆MONDAY ◆2 JUNE 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୩୪ ◆ଭୁବନେଶ୍ୱର ◆ସୋମବାର ◆୨ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**ସୁପର୍ ପାୱାର୍‌କୁ ସୁପର୍ ଝଟ୍‌କା**

# ୟୁକ୍ରେନ ଡ୍ରୋନ୍‌ର ତାଣ୍ଡବ

## ରୁଷ୍‌ର ୪ ଏୟାରବେସ୍‌ରେ ୪୦ ଯୁଦ୍ଧ ବିମାନ ଧ୍ୱଂସ

■ **ମସ୍କୋ, ୧।୬ (ଏଜେନ୍ସି):** ଅନେକ ପର୍ଯ୍ୟାୟ ଆଲୋଚନା, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ସତ୍ତ୍ୱେ ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ ହେବାର ନା ଧରୁନାହିଁ। ଏହା କ୍ରମାଗତ ଭାବେ ଭୟଙ୍କର ହେବାରେ ଲାଗିଛି। ରବିବାର ରୁଷରେ ବଡ଼ଧରଣର ଆକ୍ରମଣ କରିଛି ୟୁକ୍ରେନ। ନିଜ ସୀମାଠାରୁ ହଜାର ହଜାର କିମି ଦୂରରେ ଥିବା ଇଷ୍ଟର୍ଣ୍ଣ ସାଇବେରିଆ ସ୍ଥିତ ଓଲେନ୍ୟା ଏବଂ ବେଲାୟା ସମେତ ୪ଟି ଏୟାରବେସ୍ ଉପରେ ଡ୍ରୋନ୍ ଆକ୍ରମଣ କରିଛି। ଏଥିରେ ୪୦ଟି ଯୁଦ୍ଧ ବିମାନ ଧ୍ୱଂସ ହୋଇଯାଇଥିବା ୟୁକ୍ରେନ ପକ୍ଷରୁ



ରୁଷ୍ ନ ଅଟକିଲେ ପୁଣି ଆକ୍ରମଣ କରିବୁ: ୟୁକ୍ରେନ

ଦାବି କରାଯାଇଛି। କିଭ୍ ଇଣ୍ଡିପେଣ୍ଡେଣ୍ଟ ୱେବସାଇଟ ଅନୁଯାୟୀ ଏହି ଆକ୍ରମଣରେ ଏ-୫୦, ଟିୟୁ-୯୫ ଏବଂ ଟିୟୁ-୨୨ ଭଳି ବୋମାବର୍ଷଣକାରୀ ଯୁଦ୍ଧ ବିମାନ ଧ୍ୱଂସ ହୋଇଯାଇଛି। ରୁଷିଆର ଇରକୁଟସ୍କ ପ୍ରଦେଶର ଗଭର୍ଣ୍ଣର ମଧ୍ୟ ଆକ୍ରମଣ ଖବରକୁ ସ୍ୱୀକାର କରିଛନ୍ତି। ରିମୋଟ ଚାଳିତ ବିମାନ ଦ୍ୱାରା ଶ୍ରୀଡନି ଗ୍ରାମରେ ଥିବା ଏୟାରବେସ ଉପରେ ଆକ୍ରମଣ ହୋଇଥିବା ସେ କହିଛନ୍ତି।

ରିପୋର୍ଟ ଅନୁଯାୟୀ ରିପୋର୍ଟ ଅନୁଯାୟୀ, ୟୁକ୍ରେନୀୟ ସୁରକ୍ଷା ଏଜେନ୍ସି (ଏସବିୟୁ) ଏହି ଆକ୍ରମଣ କରିଥିଲା। ଏଥିରେ ଫାଷ୍ଟ ପର୍ସନ ଭ୍ୟୁ (ଏଫପିଭି) ଡ୍ରୋନ ବ୍ୟବହାର କରାଯାଇଥିଲା। ଜଣେ ଏସବିୟୁ ଅଧିକାରୀ କହିଛନ୍ତି ଯେ ଆତ୍ମରକ୍ଷା ପାଇଁ ଏହି ଆକ୍ରମଣ କରାଯାଇଛି। କାରଣ ରୁଷ୍‌ର ଏହି ବିମାନଗୁଡ଼ିକ ▶ପୃଷ୍ଠା-୭

# ୨ ଟଙ୍କା ବଢ଼ିଲା ଓମ୍‌ଫେଡ୍ କ୍ଷୀର


## ଚାଷୀଙ୍କୁ ଲିଟର ପିଛା ଅଧିକ ୩ ଟଙ୍କା

■ **ଭୁବନେଶ୍ୱର, ୧।୬ (ସମିସ):** ଓମ୍‌ଫେଡ୍ ଦୁଗ୍ଧ ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି କରିଛନ୍ତି ସରକାର। ଏହା ସହିତ ଚାଷୀଙ୍କଠାରୁ ଦୁଗ୍ଧ କ୍ରୟ ସମୟରେ ସେମାନଙ୍କୁ ଅଧିକ ୩ ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ପୂର୍ବରୁ ୧ ଲିଟର ଓମ୍‌ଫେଡ୍ ଦୁଗ୍ଧ ମୂଲ୍ୟ ୫୨ ଟଙ୍କା ଥିବାବେଳେ ଏବେ ଏହା ୫୪ ଟଙ୍କାରେ ବିକ୍ରି ହେବ। ଏହା ସହ ଓମ୍‌ଫେଡ୍ ଦ୍ୱାରା ପ୍ରସ୍ତୁତ ଅନ୍ୟାନ୍ୟ ଦୁଗ୍ଧଜାତ ସାମଗ୍ରୀ ଦହି, ରାବିଡ଼ି, ଲସି, ଚହ୍ଲା, ଛେନାପୋଡ଼, ପେଡ଼ା ଆଦିର ମୂଲ୍ୟ ମଧ୍ୟ ବୃଦ୍ଧି ପାଇବ । ଆସନ୍ତା ୧୬ ତାରିଖରୁ ବର୍ଦ୍ଧିତ ଦର ଲାଗୁ ହେବ। ଅନ୍ୟପକ୍ଷରେ ଓମ୍‌ଫେଡ୍ କ୍ଷୀର ଦର ୨ ଟଙ୍କା ବୃଦ୍ଧି ହୋଇଥିଲେ ହେଁ ଦୁଗ୍ଧ ଚାଷୀମାନେ ଲିଟର ପିଛା ୩ ଟଙ୍କା ଲାଭବାନ ହେବେ।

# ଧୋକାଦେଲା ମୌସୁମୀ

## ପ୍ରଚଣ୍ଡ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ

■ **ଭୁବନେଶ୍ୱର, ୧।୬ (ସମିସ):** ଧୋକା ଦେଲା ମୌସୁମୀ। ଓଡ଼ିଶା ଛୁଇଁବା ପୂର୍ବରୁ ଲଘୁଚାପ ଫାନ୍ଦରେ ପଡ଼ି ବାଟରେ ଅଟକି ଗଲା। ଦିନେ ଦୁଇଦିନ ବୁନ୍ଦା ଝାଡ଼ି ପ୍ରାକ୍ ମୌସୁମୀ ବର୍ଷା ବି ଓଡ଼ିଶାରୁ ମୁହଁ ଫେରାଇ ନେଲା। ଏହା ପରେ ରାଜ୍ୟରେ ପୁଣି ବଦଳିଛି ପାଗ; ତାତି ବଢ଼ିଛି, ଆରମ୍ଭ ହୋଇଛି ପ୍ରଚଣ୍ଡ ଗୁଳୁଗୁଳି। ଆଭ୍ୟନ୍ତରୀଣ ଓଡ଼ିଶାରେ ୫ରୁ ୬ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇଛି। ଆସନ୍ତା ଦୁଇ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ସମ୍ଭାବନା ନାହିଁ ଓ ସ୍ନାନପୂର୍ଣ୍ଣିମା ପୂର୍ବରୁ ଗୁଳୁଗୁଳିରୁ ନିସ୍ତାର ମିଳିବ ନାହିଁ ବୋଲି ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି।



ସ୍ନାନପୂର୍ଣ୍ଣିମା ପୂର୍ବରୁ ନିସ୍ତାର ନାହିଁ

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସମେତ ଦେଶର ଅଧିକାଂଶ ସ୍ଥାନରେ ମୌସୁମୀ ନିଷ୍କ୍ରିୟ ରହିବ। ଏହି ସମୟରେ କେବଳ ଦେଶର ପଶ୍ଚିମ ଉପକୂଳ ଓ ଉତ୍ତର-ପୂର୍ବ ଭାରତରେ ବର୍ଷା ହେବ। ବର୍ତ୍ତମାନ ରାଜ୍ୟକୁ ପଶ୍ଚିମା ପବନ ବହୁଥିବାରୁ ମୌସୁମୀ ଟ୍ରଫ୍ ସୃଷ୍ଟି ହୋଇପାରୁ ▶ପୃଷ୍ଠା-୭

# ଏଏସ୍‌ଆଇଙ୍କୁ ପୋଡ଼ି ମାରିଦେଲେ !

## ଗାଡ଼ି ସହ ଅର୍ଦ୍ଧଦଗ୍ଧ ଶବ ଉଦ୍ଧାର

■ **ଜୁନାଗଡ଼, ୧।୬ (ସମିସ):** ଭବାନୀପାଟଣା ରିଜର୍ଭ ପୁଲିସ୍ ମୁଖ୍ୟାଳୟରେ କାର୍ଯ୍ୟରତ ଏଏସ୍‌ଆଇ ପବିତ୍ର ଗୋଲାପିଙ୍କ ଆଜି ସନ୍ଦେହଜନକ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଜୁନାଗଡ଼ ଥାନା ଅଧୀନ ବନମାଳିପୁର ଏନ୍‌ଏଚ-୨୬ର ରାସ୍ତାକଡ଼ରୁ ବାଇକ୍ ସହ ତାଙ୍କର ଦରପୋଡ଼ା ଶବ ଜବତ ହୋଇଛି। ପୁଲିସ୍ ଏହାକୁ ଦୁର୍ଘଟଣା ବୋଲି କହୁଥିବା ବେଳେ ପରିବାରଲୋକ କିନ୍ତୁ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। କେହି ଦୁର୍ବୃତ୍ତ ତାଙ୍କୁ ପୋଡ଼ି ମାରିଦେଇଛନ୍ତି ବୋଲି ସେ କହିଛନ୍ତି। ଏପରିକି, କେ ଗାଁ ଥାନା ଆଇଆଇସିଙ୍କ ବିରୋଧରେ ମଧ୍ୟ ସଂଗିନ୍ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ଆଇଆଇସି ସବୁବେଳେ




**ଥାନାରେ ମାନସିକ ନିର୍ଯାତନା ଦେଉଥିଲେ ଆଇଆଇସି: ପତ୍ନୀ**

ପବିତ୍ରଙ୍କୁ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ତେଣୁ, ଏହାକୁ ନେଇ ପବିତ୍ର ସବୁବେଳେ ଚିନ୍ତାରେ ରହୁଥିଲେ। ଜୁନାଗଡ଼ ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ▶ପୃଷ୍ଠା-୭

# ପେଟ୍ରୋଲ ପମ୍ପରୁ ଟ୍ରକ୍‌ଭର୍ତ୍ତି ବିସ୍ଫୋରକ ଜବତ

■ **ରାଉରକେଲା, ୧।୬(ସମିସ):** ମେ' ୨୭ତାରିଖରେ ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର ଖାଦାନକୁ ଯାଉଥିବା ବିସ୍ଫୋରକ ବୋଝେଇ ଗାଡ଼ି ଲୁଟ୍ ଘଟଣା ପୁଲିସ୍‌ର ନିଦ ହଜାଇ ଦେଇଥିବା ବେଳେ ରବିବାର ପୁଣି ବିପୁଳ ବିସ୍ଫୋରକ ବୋଝେଇ ଦୁଇଟି ମିନିଟ୍ରକ୍ ଦେଓଗାଁସ୍ଥିତ ରାଉରକେଲା ପେଟ୍ରୋଲ ପମ୍ପରୁ ଜବତ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ବଡ଼ଗାଁ ଇତମାସ୍ଥିତ ବାରୁଦ ଗୋଦାମକୁ ପୁଲିସ୍ ସିଲ କରିଥିବା ବେଳେ ଉକ୍ତ ଗୋଦାମରୁ କିପରି ପୁଣି ବାରୁଦ ଆସିଲା, ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣାରେ ପୁଲିସ୍ ଗୋଦାମ ମାଲିକ ଶ୍ରବଣ ଅଗ୍ରୱାଲଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାଯୋଗ୍ୟ, ଗତ ୨୭ ତାରିଖ ଦିନ ୩୦ରୁ ୪୦ଜଣ ସଶସ୍ତ୍ର ମାଓବାଦୀ ସରଣ୍ଡା ଜଙ୍ଗଲରେ ଥିବା ବାଙ୍କୋ ଷ୍ଟୋନ୍ କ୍ୱାରୀ ନିକଟରୁ ୫ଟନ୍ ବୋଝେଇ ଏକ ମିନି ଟ୍ରକ୍‌କୁ ଲୁଟ୍ କରିବା ଘଟଣା ଓଡ଼ିଶା ଓ ଝାଡ଼ଖଣ୍ଡ ପୁଲିସ୍ ପାଇଁ ▶ପୃଷ୍ଠା-୭



**୨ଟି ମିନି ଟ୍ରକ୍‌ରେ ଥିଲା ୧୧୬ ପ୍ୟାକେଟ୍ ଜିଲେଟିନ, ୪୧୬ ଡେଟୋନେଟର**

**ବଡ଼ଗାଁ ଗୋଦାମ ସିଲ୍ ସତ୍ତ୍ୱେ ପୁଣି ବିସ୍ଫୋରକ ଚାଲାଣକୁ ନେଇ ପ୍ରଶ୍ନ**

**ମାଲିକକୁ ଅଟକ ରଖି ପଚରାଉଚରା**










# ଦେବଦମ୍ପତିଙ୍କ ନଗର ପରିକ୍ରମା



ଜୟପୁର,୧।୬(ସମିସ): ଜୟପୁର ସହରର ରାଜୁସାହି ସ୍ଥିତ ରାଜାରାଜୁଡ଼ା ସମୟର ପଞ୍ଚାନନ ମନ୍ଦିର ଅଷ୍ଟମଶମ୍ଭୁ ଶୈବପୀଠରେ ଶନିବାର ମହାଦେବ ଶିବ ଏବଂ ଦେବୀ ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଛି। ରବିବାର ମଧ୍ୟାହ୍ନରେ ହଜାର ହଜାର ସଂଖ୍ୟାରେ ଭକ୍ତ ଏବଂ ଶ୍ରଦ୍ଧାଳୁ ଅନ୍ନପ୍ରସାଦ ସେବନ କାରିଥିଲେ। ସନ୍ଧ୍ୟାରେ ମହାଦେବ ଓ ଦେବୀପାର୍ବତୀଙ୍କ ପ୍ରତମୂର୍ତ୍ତିକୁ ଏକ ସାଜସଜ୍ଜା ଗାଡ଼ିରେ ବସାଇ ବାଜା ବାଜଣା ସହିତ ନଗର ପରିକ୍ରମା କରାଯାଇଥିଲା। ଏଥିରେ ବିପୁଳ ମାତ୍ରାରେ ମହିଳା ଏବଂ ପୁରୁଷ ଯୋଗଦେଇଥିଲେ। ସେହିପରିଶୀତଳଷଷ୍ଠୀଉତ୍ସବପାଳନରୀତିନୀତିରେଅନୁଷ୍ଠିତହୋଇଯାଇଛି।ଏହିଅବସରରେ ପୁରୋହିତ ଓ ବ୍ରାହ୍ମଣଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ଶୀତଳଷଷ୍ଠୀ ଉତ୍ସବ ଅନୁଷ୍ଠିତ ହେବ।

# କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ବହିଷ୍କୃତ



ନବରଙ୍ଗପୁର,୧।୬(ସମିସ): ୨୦୨୪ ବିଧାନସଭା ନିର୍ବାଚନରେ ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ପ୍ରଧାନୀ ଦଳରୁ ବହିଷ୍କୃତ ହୋଇଛନ୍ତି। ଏନେଇ କଂଗ୍ରେସ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ଭୂଜବଳ ମାଝୀ କଂଗ୍ରେସ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ଶ୍ରୀ ମାଝୀଙ୍କ କହିବା ଅନୁଯାୟୀ, କଂଗ୍ରେସ ଏକ ଶୃଙ୍ଖଳିତ ଦଳ। ଦଳର ପ୍ରତ୍ୟେକ ସଦସ୍ୟ କଂଗ୍ରେସର ଏକ ନିର୍ଦ୍ଦିଷ୍ଟ ନିୟମାବଳୀକୁ ମାନି କାର୍ଯ୍ୟ କରିଥାନ୍ତି। ତେବେ ଦିଲ୍ଲୀପ ପ୍ରଧାନୀଙ୍କ ଦଳ ବିରୋଧି କାର୍ଯ୍ୟରେ ଲିପ୍ତ ହେବା ଅଭିଯୋଗ ହସ୍ତଗତ ହେବା ପରେ ଏନେଇ ପିସିସି ସଭାପତି ଭକ୍ତ ଚରଣ ଦାଶଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ପିସିସି ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଦଳରୁ ବହିଷ୍କାର କରାଯାଇଛି ବୋଲି ଶ୍ରୀ ମାଝୀ ସୂଚନା ପ୍ରଦାନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀକୁ ବରିଷ୍ଠ ଆଇନଜୀବୀ ତଥା ପିସିସି ସଦସ୍ୟ ଦିଲ୍ଲୀପ ବେହେରା ପରିଚାଳନା କରିଥିବା ବେଳେ ଏଥିରେ ଅନ୍ୟମାନଙ୍କ ମଧ୍ୟରେ କୃଷକ ସେଲ୍ ଅଧ୍ୟକ୍ଷ ବୃନ୍ଦାବନ ତ୍ରିପାଠୀ, ସମ୍ପାଦକ ପରୀ ସାହୁ, ଶ୍ରୀକାନ୍ତ ମିଶ୍ର, ଅନାମ ଦିଆନ, ଗୋପାଳ ତ୍ରିପାଠୀ, ବଳରାମ ବେହେରା, ସୁରଜ ଲାଲ ପ୍ରମୁଖ ନେତୃ ମଣ୍ଡଳୀମାନେ ଉପସ୍ଥିତ ଥିଲେ।

# ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ସେମିଲିଗୁଡ଼ା,୧।୬(ସମିସ): କୋରାପୁଟ ଜିଲ୍ଲାର ସେମିଲିଗୁଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରମାରଞ୍ଜନ ପଟ୍ଟନାୟକ ମେ' ୩୧ତାରିଖ ଦିନ ନିଜ କର୍ମରୁ ସେବା ନିବୃତ୍ତ ହୋଇଛନ୍ତି। ଏଅବସରରେ ସେମିଲିଗୁଡ଼ା ମହାବିଦ୍ୟାଳୟରେ ବିଦାୟକାଳୀନ ସଭାର ଆୟୋଜନ କରାଯାଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଭାରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଗଣ ଯୋଗଦେଇ ଶ୍ରୀ ପଟ୍ଟନାୟକଙ୍କ କର୍ମ କୁଶଳତାକୁ ସ୍ମରଣ କରିଥିଲେ। ଡ. ପଟ୍ଟନାୟକ ସେମିଲିଗୁଡ଼ା ମହାବିଦ୍ୟାଳୟରେ ୩୫ବର୍ଷ ଭିତରେ ଅଧ୍ୟାପକ, ବରିଷ୍ଠ ଅଧ୍ୟାପକ, ପ୍ରାଧ୍ୟାପକ ଏବଂ ଶେଷରେ ଦୁଇବର୍ଷ ଅଧ୍ୟକ୍ଷ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ଡ. ପଟ୍ଟନାୟକଙ୍କ ସମ୍ପର୍କରେ ଅଧ୍ୟାପକ ସୁରେଶ ପାଇକରାୟ, ଡ. ଗୀତା ପଟ୍ଟନାୟକ, ଦେବାନନ୍ଦ ନାୟକ, ଡ. ଶୁଭ୍ରାଂଶୁ ସୁନ୍ଦର ଦାସ, ହରେକୃଷ୍ଣ ସାହୁ, ଶେଷଦେବ ମିଶ୍ର, ରବିନାରାୟଣ ମିଶ୍ର, ଚିତ୍ତରଞ୍ଜନ ଦାସ, ଶୁଭେନ୍ଦୁ ଶ୍ରୀଚନ୍ଦନ ମିଶ୍ର, ବ୍ୟକ୍ତିଗତ ଅନୁଭୂତି ଓ ସ୍ମୃତିଭିତ୍ତିକ ଭାଷଣ ପ୍ରଦାନ କରିଥିଲେ। ଅତିଥି ଭାବେ ପରିଚାଳନା କମିଟିର ପୂର୍ବତ୍ତନ ସଭାପତି ଡ. ପ୍ରଦୀପ ବେହେରା ପୂର୍ବତନ ଅଧ୍ୟକ୍ଷ ନିଳାଞ୍ଚଳ ଆଚାର୍ଯ୍ୟ ଯୋଗଦେବା ସ୍ଥଳେ ନୂତନ ଭାବେ ଅଧ୍ୟକ୍ଷର କାର୍ଯ୍ୟଭାର ଗ୍ରହଣ କରିଥିବା ପ୍ରାଧ୍ୟାପିକା ଡ. ଝାନସୀ ସିଂହ ମଞ୍ଚ ପରିଚାଳନା କରିଥିଲେ। ଡ. ପଟ୍ଟନାୟକଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ, ମାନପତ୍ର ସହ ଉପହାର ପ୍ରଦାନ କରାଯାଇଥିଲା।

# ଅଣ୍ଡରପାସ୍ ରାସ୍ତାରେ ବସ୍-କାର ଧକ୍କା

ରାୟଗଡ଼ା,୧।୬(ସମିସ): ରାୟଗଡ଼ା କଲ୍ୟାଣସିଂପୁର ମୁଖ୍ୟ ରାସ୍ତାର ସିଙ୍ଗାପୁର ରୋଡ ଷ୍ଟେସନ ଦେଇ ଯିବା ରାସ୍ତାର ଅଳ୍ପ ଦୂରରେ ଥିବା ଅଣ୍ଡରପାସ୍ ରାସ୍ତାରେ ଆଜି ବସ କାର ଧକ୍କା ହୋଇଥିବା ଜଣାପଡିଛି। ତେବେ ଏହି ଧକ୍କାରେ କେହି ଆହାତ ହୋଇ ନଥିବା ବେଳେ କାରଟିର ମୁହଁ ଭାଗଟି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜଣାପଡିଛି। ଏନେଇ ଚାନ୍ଦିଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡିକୁ ବାହାରକୁ କାଢିବା ପରେ ଉକ୍ତ ରାସ୍ତାରେ ଟ୍ରାଫିକ୍ ସ୍ୱାଭାବିକ ହୋଇଛି। ସୂଚନା ପ୍ରକାରେ କଲ୍ୟାଣସିଂହପୁର ପଟରୁ ମା' ଶାରଳା ଜୟ ହନୁମାନ ନାମକ ଏକ ଘରୋଇ ବସ ରାୟଗଡ଼ା ଅଭିମୁଖେ ଆସୁଥିବା ବେଳେ ସିଙ୍ଗାପୁର ରୋଡ ସ୍ଥିତ ଅଣ୍ଡରପାସ ରାସ୍ତା ଦେଇ ଏକ କାର୍ ଅତିକ୍ରମ କରୁଥିଲା। ରାସ୍ତା ସଂକୀର୍ଣ୍ଣ ଥିବାରୁ ବସ୍-କାର ମଧ୍ୟରେ ଧକ୍କା ହୋଇ ଭିତରେ ଫସି ରହିଯାଇଥିଲେ। ଫଳରେ ଉକ୍ତ ରାସ୍ତାରେ କିଛି ଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ଲୋକେ ଚାନ୍ଦିଲି ଥାନା ପୁଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଉଭୟ ବସ୍-କାରକୁ କାଢିବାର ବ୍ୟବସ୍ଥା କରିଥିଲେ।

## ଶୋଚନୀୟ ରାୟଗଡ଼ାର ଲାଇଫ୍ ଲାଇନ୍

# ରକ୍ଷଣାବେକ୍ଷଣ ଅଭାବ; ଖାଲଖମାରେ ପୂର୍ଣ୍ଣ ଓଭରବ୍ରିଜ୍ ରାସ୍ତା

ରାୟଗଡ଼ା।୧।୬(ସମିସ):

ବଡ ସହରଗୁଡିକରେ ଟ୍ରାଫିକ୍ ସମସ୍ୟା ହ୍ରାସ, ଦୁର୍ଘଟଣା ହ୍ରାସ ଓ ନିୟମିତ ଯାନବାହନ ଚଳାଚଳ ପାଇଁ ଓଭରବ୍ରିଜ୍ ଏକ ଅତ୍ୟାବଶ୍ୟକ ଅଂଶ ହୋଇପାରିଛି। କିନ୍ତୁ ଯଦି ଏହି ବ୍ରିଜ ନିର୍ମାଣ ପରେ ଠିକ୍ ଭାବରେ ରକ୍ଷାଣବେକ୍ଷାଣ ନ କରାଯାଏ ତେବେ ଏହାର ଶୋଚନୀୟ ଅବସ୍ଥା ଦେଖିବାକୁ ଓ ଭୋଗିବାକୁ ପଡିଥାଏ। ଏଭଳି ଅବସ୍ଥା ଦେଖିବାକୁ ମିଳିଛି ରାୟଗଡ଼ାର ଲାଇଫଲାଇନ କୁହାଯାଉଥିବା ଓଭରବ୍ରିଜ୍ ରାସ୍ତା। ଓଭରବ୍ରିଜ୍ ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବାରୁ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ। ରାୟଗଡ଼ା ଓଭରବ୍ରିଜ୍‌ର ଶୋଚନୀୟ ଅବସ୍ଥାରେ ସୁଧାର ଆଣିବା ପାଇଁ ଦିଶା ବୈଠକରେ ଅନେକ ଥର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଥିବା ବେଳେ ଏହାର ସ୍ଥାୟୀ ନିର୍ମାଣ ପାଇଁ ୪ ରୁ ୫ କୋଟି ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର ଆହ୍ୱାନ କରାଯାଉଥିଲେ ମଧ୍ୟ କେହି ବି ଠିକାଦାର ଅଂଶଗ୍ରହଣ କରିବାକୁ ପ୍ରସ୍ତୁତ ହେଉ ନ ଥିବାରୁ ଏହା ବିଳମ୍ବ ହେବାରେ ଲାଗିଛି। ଯାହାକି ସମସ୍ତଙ୍କ ପାଇଁ ଏକ ବିପଦ ଆଡକୁ ଠେଲି ନେଉଛି। ତେଣୁ ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରିଙ୍କୁ ଚିଠି କରି ଏହାର ବିଭାଗୀୟ ଟେଣ୍ଡର ଆହ୍ୱାନ କରାଯାଇ ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ଉଦ୍ୟମ କରିବୁ ବୋଲି କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା ପ୍ରକାଶ କରିଛନ୍ତି। ୧୧ବର୍ଷ ପୁରିବାକୁ ଯାଉଥିବା ବେଳେ ଡବଲ ଇଂଜିନ ସରକାର କୌଣସି ଆଖିଦୃଶିଆ ବିକାଶମୂଳକ କାର୍ଯ୍ୟ କରି ନଥିବା ବେଳେ ଏବେ ତାଙ୍କର ଇଂଜନ ଗୁଡିକ ଅଲଗା ଅଲଗା ଦିଗରେ ଚାଲୁଛି ବୋଲି କହି କଟାକ୍ଷ କରିଛନ୍ତି ସାଂସଦ ସପ୍ତଗିରି। କାଳବୈଶାଖୀ ତଥା ପ୍ରାକ୍ ମୌସୁମୀ ବର୍ଷାରେ ଓଭରବ୍ରିଜର ପିଚୁଗୁଡିକ ଉଠିଯାଇ ଗାତ ସୃଷ୍ଟି ହୋଇ ଥିବା ଯୋଗୁଁ ଖାଲଖମା ଏହି ରାସ୍ତା ଉପରେ ଯାତାୟାତ କରିବାକୁ ଭୟ କରୁଛନ୍ତି ସହରବାସୀ। ଫଳରେ ଅଣ୍ଡରପାସ ରାସ୍ତାରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ବଢିବାରେ ଲାଗିଛି। ଗତ ବିଧାନସଭା ଅଧିବେସନରେ ରାୟଗଡା ବିଧାୟକ କାଡ୍ରକା ଆପଲାସ୍ୱାମୀ ମଧ୍ୟ ଆଇନ, ନିର୍ମାଣ ଓ ଅବକାରୀ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନଙ୍କୁ ଓଭରବ୍ରିଜ୍ ପ୍ରସଙ୍ଗରେ ପ୍ରଶ୍ନ କରିଥିଲେ। ରାୟଗଡ଼ା ସହରର ଲାଇଫଲାଇନ ଫ୍ଲାଏ ଓଭରବ୍ରିଜରେ ଲୋକମାନେ ଯାତାୟାତ କରୁଥିବା ବେଳେ ଏହାର ଶୋଚନୀୟ ଅବସ୍ଥା ଯୋଗୁଁ ଅନେକ ସମୟରେ ଦୁର୍ଘଟଣାର ଶିକାର ହେବା ସହ




ମୃତ୍ୟୁବରଣ କରୁଛନ୍ତି। ମାତ୍ର ୯୩ ମିଟର ବ୍ରିଜ ଉପରେ ୨ରୁ ୮ ଇଞ୍ଚ ଯାଏଁ ବଡ ବଡ ଗାତ ହେବା ସକାଶେ ବ୍ରିଜର ଲୁହାଛଡ ବାହାରି ୯୦ରୁ ଅଧିକ ସ୍ଥାନରେ ଫାଟ ସୃଷ୍ଟି କରିଛି। ଏହି ଫ୍ଲାଏ ଓଭରବ୍ରିଜ ଦକ୍ଷିଣ

### ଟେଣ୍ଡରରେ ଅଂଶଗ୍ରହଣ କରୁନାହାନ୍ତି ଠିକାଦାର : ସାଂସଦ

ଓଡିଶାର କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଜିଲ୍ଲା ସମେତ ପଡୋଶୀ ଆନ୍ଧ୍ର ପ୍ରଦେଶ ସମେତ ଦକ୍ଷିଣ ଭାରତର ଅନ୍ୟ ରାଜ୍ୟକୁ ସିଧାସଳଖ ସଂଯୋଗ କରୁଛି। ଏଥିସହ ଏହା ରାଜ୍ୟର ରାଜଧାନୀ ଭୁବନେଶ୍ୱରକୁ ମଧ୍ୟ ସଂଯୋଗ କରୁଛି। ଗତ ୪ ବର୍ଷ ଧରି ଏହି ରାସ୍ତାକୁ ୩୨୬ନମ୍ବର ଜାତୀୟ ରାଜପଥ ଭାବେ ଘୋଷଣା କରାଯାଇଥିବା ବେଳେ ଗତ ୧୯୯୦ ମସିହାରେ ରାୟଗଡ଼ାରେ ଓଭରବ୍ରିଜ ନିର୍ମାଣ ହୋଇଥିଲା। କିନ୍ତୁ ରାୟଗଡ଼ାରେ କାହିଁକି ଓଭରବ୍ରିଜର ବାରମ୍ବାର ଆବରଣ ବାହାର କରି ପୁରା ପ୍ରସ୍ତୁତ କରାଯାଉ ନାହିଁ। କେଉଁ ଦିନରୁ ଏହାର ମରାମତି କାର୍ଯ୍ୟାରମ୍ଭ ହେବ ଏବଂ ସହରରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବାରୁ ନୂତନ ଫ୍ଲାଏ ଓଭରବ୍ରିଜର ଅତି ଜରୁରୀ ଆବଶ୍ୟକତା ରହିଛି। ତେଣୁ ନୂତନ ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ସରକାର ଆଦେଶ ଦେବେ କି ବୋଲି ବିଧାୟକ କାଡ୍ରାକା ଆପଲାସ୍ୱାମୀ ପ୍ରଶ୍ନ କରିଥିଲେ। ଏହାର ଉତରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ୩୨୬ ନମ୍ବର ଜାତୀୟ ରାଜପଥର ରାୟଗଡ଼ା ଓଭରବ୍ରିଜ ୪୦ଗୋଟି ସ୍ପାନ୍ ବିଶିଷ୍ଟ ହୋଇଥିବା ବେଳେ ଏହି ମୁଖ୍ୟ ରାସ୍ତା ଦେଇ ବିଭିନ୍ନ ଶିଳ୍ପାନୁଷ୍ଠାନ ମାନଙ୍କୁ ଦୈନନ୍ଦିନ ବହୁ ସଂଖ୍ୟକ ଭାରିଯାନ ଯାତାୟାତ କରୁଛି। କ୍ଷତିଗ୍ରସ୍ତ ହେଉଥିବା ଓଭରବ୍ରିଜ୍‌ର ଉପରସ୍ତରକୁ ନିୟମିତ ମରାମତି କରାଯାଇଛି। ଏହାର ମରାମତି ଓ ପୁନରୁଦ୍ଧାର ପାଇଁ ଅଟକଳ କରାଯାଇ ଭାରତ ସରକାରଙ୍କ ରାଜପଥ ମନ୍ତ୍ରଣାଳୟକୁ ପଠାଯାଇଛି। ଏହା ଅନୁମୋଦିତ ହେଲା ପରେ ଟେଣ୍ଡର ଡକାଯାଇ କାର୍ଯ୍ୟ ସଂପାଦନା କରାଯିବ ବୋଲି ଗୃହରେ ମନ୍ତ୍ରୀ ଉତ୍ତର ରଖିଥିଲେ। ପ୍ରକାଶ ଥାଉ କି, ଗତ ମେ' ୪ ତାରିଖରେ ଓଭରବ୍ରିଜ ସୁରକ୍ଷା ପାଚେରୀ ଭାଙ୍ଗି ତଳକୁ ଏକ ବୁଲକର ଟ୍ୟାଙ୍କର ଖସିପଡିଥିବା ବେଳେ ପୂର୍ବରୁ ବହୁ ସଡକ ଦୁର୍ଘଟଣା ଘଟିଯାଇଛି। ଦୀର୍ଘ ବର୍ଷ ଧରି ମରାମତି ଅଭାବରୁ ସୁରକ୍ଷା ପାଚେରୀଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ନୂତନ ଓଭରବ୍ରିଜ ପାଇଁ ପ୍ରଶାସନ ପକ୍ଷରୁ ତଥା ରାଜନୈତିକ ଦଳ ପକ୍ଷରୁ ମଧ୍ୟ କୌଣସି ପ୍ରସ୍ତାବ ଦିଆଯାଉ ନଥିବାରୁ ଆଗାମୀ ଦିନରେ ରାୟଡ଼ାବାସୀଙ୍କ ସମେତ ବାହାର ରାଜ୍ୟରୁ ଏହି ବ୍ରିଜ୍ ଦେଇ ଯାତାୟାତ କରୁଥିବା ଗାଡି ଚାଳକଙ୍କ ପାଇଁ ମଧ୍ୟ ଏହା ବିପଦ ଅଟେ ବୋଲି ବୁଦ୍ଧିଜୀବିମାନେ ନିଜ ମତପ୍ରକାଶ କରୁଛନ୍ତି।

## ନଦୀରେ ଭାସିଯାଇ ଯୁବକ ନିଖୋଜ ଘଟଣା

# ଦୁଇଦିନ ପରେ ମୃତଦେହ ଉଦ୍ଧାର

କାଳିମେଳା,୧।୬(ସମିସ): ଗତ ମାସ ୩୦ ତାରିଖରେ ମାଲକାନଗିରି ଜିଲ୍ଲା କାଳିମେଳା ଥାନା ଅନ୍ତର୍ଗତ ପୋଟେରୁ କନ୍ୟାଶ୍ରମ ନଦୀରେ ଗାଧେଇବାକୁ ଯାଇ ଭାସି ନିଖୋଜ ହୋଇଥିବା ଯୁବକଙ୍କ ମୃତଦେହକୁ ଦୁଇଦିନ ପରେ ରବିବାର ଉଦ୍ଧାର କରିଛି ଅଗ୍ନିଶମ ବିଭାଗ। ପରିବାର ଲୋକେ ଶବ ଚିହ୍ନଟ କରିବା ପରେ କାଳିମେଳା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପଞ୍ଚନାମା କରିବା ସହ ଶବ ଜବତ କରି କାଳିମେଳା ମେଡ଼ିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୁଚନାନୁଯାୟୀ, ରବିବାର ସକାଳେ ପଡିଆ ବ୍ଲକ ଉଣ୍ଡୁରୁକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ ଏମପିଭି ୫୭ ଗ୍ରାମ ନିକଟସ୍ଥ ପୋଟେରୁ ନଦୀ କୂଳ ଭାଗରେ ଏକ ଶବ ଭାସୁଥିବା



ଦେଖି ଗ୍ରାମବାସୀ କାଳିମେଳା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ ବିଭାଗର ଏକ ଟିମ୍ ଏମପିଭି ୫୭ ଗ୍ରାମକୁ ଯାଇ ଶବକୁ ନଦୀରୁ ଉଦ୍ଧାର କରିଥିଲେ। ଉକ୍ତ ଗତ ଦୁଇ ଦିନ ଧରି ନିଖୋଜ ଥିବା ଅରୁଣ ଗୌଡଙ୍କ ବୋଲି ଚିହ୍ନଟ ଓ ଥାନାରେ ଅଭିଯୋଗ ପରେ କାଳିମେଳା ପୁଲିସ ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି। ବିଜେପି ନେତା ଅବଧୂତ ପ୍ରସାଦ ଦୁର୍ଗା ପରିବାର ଏବଂ ସମ୍ପର୍କୀୟଙ୍କ ନିକଟରେ ପହଞ୍ଚି ୨ ଦିନ ଧରି ପୁଲିସ୍ ଓ ଅଗ୍ନିଶମ ବିଭାଗ ସହ ମିଶି ନିରନ୍ତର ଭାବେ ଖୋଜାଖୋଜି ଜାରି ରଖିଥିଲେ।

# ଜନକଲ୍ୟାଣ ଆଶ୍ରମରେ ଶିବ ପାର୍ବତୀଙ୍କ ବିବାହ ମହୋତ୍ସବ

ଚନ୍ଦ୍ରପୁର,୧।୬(ସମିସ): ରାୟଗଡ଼ା ଜିଲ୍ଲାର ତ୍ରିବେଣୀ ସଙ୍ଗମ ଶ୍ରୀମିନାଝୋଲା ଜନକଲ୍ୟାଣ ଆଶ୍ରମ ପରିସରରେ ଶିବପାର୍ବତୀ ବିବାହ ତଥା ଶୀତଳ ଷଷ୍ଠୀ ମହୋତ୍ସବ ପାଳିତ ହୋଇଛି। ଜନକଲ୍ୟାଣ ଆଶ୍ରମ ମୁଖ୍ୟ ପରିଚାଳକ ସ୍ୱାମୀ ଜନକାନନ୍ଦ ଗିରି ମୁଖ୍ୟ ପୁରୋଧା ଭାବେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁନିଗୁଡା ଗ୍ରାମର କେ ଦୁଃଖିଶ୍ୟାମ ସୁବୁଦ୍ଧି ଓ ତାଙ୍କ ଧର୍ମପତ୍ନୀ କେଲିଲି ବରପିତାମାତା ଦାୟିତ୍ୱ ତୁଲାଇଥିବା ବେଳେ କନ୍ୟା ପିତାମାତା ଭାବେ ମୁନିଗୁଡାର ଧର୍ମେନ୍ଦ୍ର ପାତ୍ର ଓ ତାଙ୍କ ସହଧର୍ମିଣୀ ବେସିଲା ମଣି ପାତ୍ର ଦାୟିତ୍ୱ ତୁଲାଇଥିଲେ।



ବିରାଟ ପଟୁଆରରେ କନ୍ୟା ଘର ପକ୍ଷରୁ ମହାଦେବଙ୍କ ବର ଯାତ୍ରୀକୁ ସ୍ୱାଗତ କରିବା ସହିତ ବାଟବରଣ କରି ପାଛଟି ନେଇଥିଲେ। ପୁରୋହିତ ଦୈତାରୀ ବ୍ରହ୍ମା ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପାଦିତ କରିଥିଲେ। ତରଣୀ ଚୌଧୁରୀ, ହାରିସ୍, ସୁଶୀଲ ଚୌଧୁରୀ, କରୁଣା କର ବଳିଆର ସିଂହ, ପ୍ରଳୟ ସାହୁ, ପରୀକ୍ଷିତ ମୁଗୁଲି, ବିଜୟ ତୁଳ, ସାମ୍ବାଦିକ ହାଡ଼ିପା ଗୌଡ଼, ପ୍ରମୋଦ ସାହୁକାର, ବିଜୟ ଉଲାକା , ଏସ୍ ଈଶ୍ୱର ରାଓ, ପ୍ରିୟ ରଞ୍ଜନ ସାହୁକାର, ପ୍ରମୋଦ ମୁଗୁଲୀଙ୍କ ସମେତ ପ୍ରାୟ ଏକ ହଜାର ବ୍ୟକ୍ତି ଉପସ୍ଥିତ ଥିଲେ। ମେ ୩୧ ତାରିଖ ରାତ୍ରି ୮ଟା ୧୪ରେ ଶୁଭ ଲଗ୍ନରେ ବୈଦିକ ରୀତିନୀତି ଅନୁଯାଇ ଶିବପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ରବିବାର ଶୀତଳ ଷଷ୍ଠୀ ପର୍ବ ପାଳିତ ହୋଇଥିବା ସ୍ୱାମୀ ଜନକାନନ୍ଦ ଗିରି କହିଛନ୍ତି। ପ୍ରସାଦ ସେବନ ସହ ଭକ୍ତଙ୍କ ରହିବା ନିମନ୍ତେ ମିଟ୍ସ ଗ୍ରୁପ ରାୟଗଡା ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଜନକଲ୍ୟାଣ ଆଶ୍ରମ ତଥା ମିଟ୍ସ ଗ୍ରୁପ ଅଧ୍ୟକ୍ଷ ବାଳକୃଷ୍ଣ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ସ୍ୱାମୀ କହିଛନ୍ତି।

# ୩ ଯନ୍ତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ମାଲକାନଗିରି,୧।୬(ସମିସ): ମାଲକାନଗିରି ଜିଲ୍ଲା ସଦର ମହକୁମା ଇଂଜିନିୟର ଆସୋସିଏସନ ସଂଘ କାର୍ଯ୍ୟାଳୟରେ ଓଡ଼ିଶା ଡିପ୍ଲୋମା ସେବା ସଂଘ ତରଫରୁ ତିନିଜଣ ଯନ୍ତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଜ୍ଞାପନ କରାଯାଇଛି। ଅବସର ନେଇଥିବା ତିନିଜଣ ଯନ୍ତ୍ରୀଙ୍କ ମଧ୍ୟରୁ ମାଲକାନଗିରି ବ୍ଲକର କନିଷ୍ଠ ଯନ୍ତ୍ରୀ ବିଭୁତି ଭୂଷଣ ରାଉତ, ଆଇଟିଡିଏର ସହକାରୀ ନିର୍ବାହୀ ଯନ୍ତ୍ରୀ ଜେନାମଣୀ ପାଣ୍ଡେ ଓ କୋରୁକୋଣ୍ଡା ବ୍ଲକର କନିଷ୍ଠ ଯନ୍ତ୍ରୀ ଡି. ପ୍ରସାଦ ରାଓ। ଏହିତିନି ଯନ୍ତ୍ରୀ ମାଲକାନଗିରି ଜିଲ୍ଲାରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସୁଚାରୁରୁପେ କାର୍ଯ୍ୟ ତୁଲାଇ ଅବସର ନେଇଛନ୍ତି। ସେମାନଙ୍କୁ ସଂଘ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲ।। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂଘର ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ସହ ଅନ୍ୟ କର୍ମକର୍ତ୍ତା ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ପିପିଏଲ୍‌ରେ ସନାତନ ବୟସ ବିଜୟୀ



ଗୁଣ୍ଡୁପୁର,୧।୬(ସମିସ): ପୁରୁଣା ଗୁଣପୁରରେ ଚାଲୁଥିବା ପିପିଏଲ (ପୁରୁଣା ଗୁଣୁପୁର ପ୍ରୀମିୟର ଲିଗ୍) କ୍ରିକେଟ୍ ମ୍ୟାଚ୍‌ରେ ରବିବାର ସନାତନ ବୟସ ଏବଂ ଗ୍ଲାଡିଏଟର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ସନାତନ ବୟସ ପ୍ରଥମେ ଟସ୍ ଜିତି ବେଟିଂକରି ୧୦୧ ରନ୍ କରିଥିଲେ। ଗ୍ଲାଡିଏଟର ବ୍ୟାଟିଂ କରି ୬୯ରେ ଅଲ୍‌ଆଉଟ୍ ହେଇଯାଇଥିଲା। ଫଳରେ ସନାତନ ବୟସ ଟିମ୍ ବିଜୟ ହାସଲ କରିଛି। ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳାଳି ଭାବେ ସୁରେଶ ଶବରଙ୍କୁ ପୁରସ୍କାର ଦିଆଯାଇଥିଲା। ଟୁର୍ଣ୍ଣାମେଣ୍ଟରେ କମେଣ୍ଟ୍ରି ଦାୟିତ୍ୱ କିରଣ କୁମାର ପାଣିଗ୍ରାହୀ ଦାୟିତ୍ୱ ତୁଲାଇଥିଲେ। ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଗୁଣୁପୁର ବିଜେପି ନଗର ସଭାପତି ବଦ୍ରିନାଥ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ କୀର୍ତ୍ତିକୁମାର ପଣ୍ଡା ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟକୁ ପୁରୁଣା ଗୁଣୁପୁର ଯୁବ ଖେଳାଳି ସିନ୍ଧୁ ଶବର, ଯୋନାଲି ଶବର, ସୁଗୁନୁ ଶବର, ରବି ଶବର, କାର୍ଜି ସହଯୋଗ କରି ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିଥିଲେ।

# ବ୍ଲକ୍‌ସ୍ତରୀୟ ଚାମ୍ପିଅନସିପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କଲ୍ୟାଣସିଂହପୁର/ରାୟଗଡ଼ା,୧।୬(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତର ଅଡ଼ାବାଡ଼ି ଗ୍ରାମ ପଡ଼ିଆରେ ବ୍ଲକ୍‌ସ୍ତରୀୟ ଚାମ୍ପିଅନସିପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବିଜେପି କଲ୍ୟାଣସିଂହପୁର ମଣ୍ଡଳ ସଭାପତି ଅଜିତ୍ କୁମାର ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି ତଥା ସମାଜସେବୀ ସନ୍ତୋଷ କୁମାର ବଛା, ଅନ୍ୟତମ ଅତିଥିଙ୍କ ମଧ୍ୟରେ କମେଶ୍ୱର କରକରିଆ, ଅଡ଼ାବାଡ଼ି ଗ୍ରାମର ଯୁବନେତା ସୁରେନ୍ଦ୍ର କୌଶଲ୍ୟା, ଅଜିତ୍ କରକରିଆ, ସଦେଇ କୌଶଲ୍ୟା, ଦିଲ୍ଲୀପ ଭତ୍ରା, ଅଭିରାମ ହିଆଲ, ସୁରେଶ ମହାନନ୍ଦିଆ, ସାହିଲ କୌଶଲ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ପ୍ରଥମ ଦିନ ଖେଳରେ ତମଲିମା ଟିମ୍ ସହ କଦମଦ୍ୱାର ସାହି ଟିମ୍ ମଧ୍ୟରେ ଖେଳ ହୋଇଥଲା। ଟସ୍ ଜିତି କଦମଦ୍ୱାର ଟିମ୍ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ମୋଟ ୯



ଓଭରରେ ପ୍ରତିଦ୍ୱନ୍ଦ୍ୱି ଟିମ୍‌କୁ ମାତ୍ର ୩୦ରନ୍‌ରେ ଅଲ୍‌ଆଉଟ୍ କରିଦେଇଥିଲେ। ପରେ କଦମଦ୍ୱାର ଟିମ୍ ମାତ୍ର ୨.୪ ଓଭର ବଲ୍‌ରେ ୩୧ ରନ୍ କରି ବିଜୟୀ ହେଇଥିଲେ। ଅମ୍ପାୟାର ଭାବେ କିରନ କୌଶଲ୍ୟା ଓ ମୋହନ ମହାନନ୍ଦିଆ ଦାୟିତ୍ୱରେ ରହିଥିଲେ। ଆସନ୍ତା ୯ ତାରିଖରେ ଏହାର ଫାଇନାଲ ମ୍ୟାଚ୍ ହେବା ସହ ବିଜେତା ଟିମ୍‌କୁ ଟ୍ରଫି ସହ ୯ ହଜାର ଏବଂ ରନର ଟିମ୍‌କୁ ଟ୍ରଫି ସହ ୬ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

# କାମରେ ଆସୁନି ଆବର୍ଜନା ପୃଥିକୀକରଣ କେନ୍ଦ୍ର

**■ ଗାଁଠାରୁ ଏକ କିମି ଦୂରରେ ନିର୍ମାଣ ହୋଇଛି**

କାକିରିଗୁମା,୧।୬(ସମିସ): ସ୍ୱଚ୍ଛ ଭାରତ ଗଠନନିମିତ୍ତ ସରକାରୀସ୍ତରରେ ଗ୍ରାମାଞ୍ଚଳରୁ ଆରମ୍ଭକରି ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ପାଇଁ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ହେଲେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁଁ ସ୍ୱଚ୍ଛ ଭାରତ ଆବର୍ଜନା ପୃଥିକୀକରଣ କେନ୍ଦ୍ର ଗ୍ରାମବାସୀଙ୍କ କାମରେ ଲାଗୁନାହିଁ ବୋଲି ଅଭିଯୋଗ ହେଉଛି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅଧୀନ କାକିରିଗୁମା ପଞ୍ଚାୟତ, କାକିରିଗୁମା ଗ୍ରାମରେ ସ୍ୱଚ୍ଛ ଭାରତ ଆବର୍ଜନା ପୃଥିକୀକରଣ କେନ୍ଦ୍ର ନିର୍ମାଣ ପାଇଁ ଦୁଇ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହେଲା।



ଗାଁରୁ ପ୍ରାୟ ଏକ କିମି ଦୂର ପୁରୁଣାହାଟପଦା ଖେଳପଡ଼ିଆରେ ସ୍ୱଚ୍ଛ ଭାରତ ଆବର୍ଜନା ପୃଥିବୀକରଣ କେନ୍ଦ୍ର ନିର୍ମାଣ ହେବାର ଦୀର୍ଘମାସ ବିତିଗଲାଣି। ହେଲେ ଗାଁରୁ ପ୍ରାୟ ଗୋଟିଏ କିଲୋମିଟର ଦୂରରେ ଏହା ନିର୍ମାଣ ହେତୁ ତାହା ଗ୍ରାମବାସୀଙ୍କ କାମରେ ଲାଗୁନାହିଁ। ଅଳିଆ, ଆବର୍ଜନା ଏତେ ଦୂରକୁ ନେବାକୁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇନାହିଁ। ଗାଁ, ସାହି ଛକ ପାଖରେ ଅନେକ ସ୍ଥାନରେ ସରକାର ଜମି ଖାଲି ରହିଥିବା ପରେ ବି କାହାସ୍ୱାର୍ଥରେ ଏତେ ଦୂରରେ ତାହା ନିର୍ମାଣ ହୋଇଛି ବୋଲି ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନ ଉଠିଛି। ସ୍ୱଚ୍ଛ ଭାରତ ଓ ସୁସ୍ଥ ଭାରତର ସ୍ୱଚ୍ଛତା ଅଭିଯାନକୁ ସଫଳ ରୂପାୟନ ଦେବା ପାଇଁ ପ୍ରଧାନମନ୍ତ୍ରୀ ବିଶେଷ ପ୍ରାଧାନ୍ୟ ଦେଉଛନ୍ତି। ପ୍ରଶାସନ ଗୁରୁତ୍ୱ ନଦେବାରୁ ଦୁଇଲକ୍ଷ ଟଙ୍କାର ସ୍ୱଚ୍ଛ ଭାରତ ଆବର୍ଜନା ପୃଥିକୀକରଣ କେନ୍ଦ୍ର ଧୂଳି ଖାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି।



ନବରଙ୍ଗପୁର ନିର୍ବାଚନ ମଣ୍ଡଳୀର ସରପଞ୍ଚ ଓ ଅନ୍ୟ ନେତାମାନେ ବିଜେଡିରେ ଯୋଗଦେବା ପରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି।

### ପରଟା ଗ୍ରାମରେ ପାନୀୟ ଜଳ ସମସ୍ୟା

# ପରିତ୍ୟକ୍ତ କୁଅରୁ ପାଣି ପିଉଛନ୍ତି ୬୦ ପରିବାର

ନନ୍ଦପୁର,୧।୬(ସମିସ): ପାନୀୟ ଜଳ ସୁବିଧା ନଥିବାରୁ ପରିତ୍ୟକ୍ତ ଓ ଅପରିଷ୍କାର କୁଅରୁ ପାନୀୟ ଜଳ ବ୍ୟବହାର କରୁଛନ୍ତି ୬୦ ପରିବାର। ଯାହାଦ୍ୱାରା ବର୍ଷା ଦିନେ ଉକ୍ତ ଦୂଷିତ ପାଣି ଯୋଗୁଁ ହଇଜା ସଂକ୍ରମଣ ଆଶଙ୍କା ବଢ଼ିଛି। ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଥିବା ପଞ୍ଚାୟତର ପରଟା ଗ୍ରାମରେ। ଗ୍ରାମରେ ମୋଟ ଚାରୋଟି ସାହି ରହିଥିବା ବେଳେ ରଣା ସାହିରେ ରହିଛି ଗୋଟିଏ ନଳକୂପ। ହରିଜନ, ଆଦିବାସୀ ଓ ସଂଖ୍ୟାଲଘୁ ଏହି ତିନି ସାହିବାସିନ୍ଦାଙ୍କ ପାଇଁ ମାତ୍ର ଗୋଟିଏ କୁଅ ରହିଛି। ଯାହା ପରିତ୍ୟକ୍ତ ଅବସ୍ଥାରେ ରହିଛି। ଦୀର୍ଘ ବର୍ଷ ଧରି ତିନି ସାହିର ମୋଟ ୬୦ରୁ ଊର୍ଦ୍ଧ୍ୱ ପରିବାର



ପାନୀୟ ଜଳ ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି। ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଅଭିଯୋଗ ପରେ ବି ସମସ୍ୟା ଉପରେ ଗୁରୁତ୍ୱ ଦେଇ ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଫଳରେ ପରିତ୍ୟକ୍ତ କୁଅରୁ ପାନୀୟ ଜଳ ବ୍ୟବହାର କରି ଆସୁଛନ୍ତି। ଆଗକୁ ବର୍ଷା ଋତୁ ଆସୁଥିବାରୁ ଗାଁରେ ହଇଜା ସଂକ୍ରମଣର ଆଶଙ୍କା ଦେଖାଦେଇଥିବା ଗ୍ରାମବାସୀ କହିଛନ୍ତି। ଏନେଇ ଥିବା ସରପଞ୍ଚ ଅର୍ଜୁନ କ୍ରିସାନିଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ପାନୀୟ ଜଳର ସମସ୍ୟା ନାହିଁ। ସେଠାରେ ସୋଲାର ମଟର ଯୋଗେ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଗତ ଦୁଇ ମାସ ତଳେ ଦୁଇଟି ନଳକୂପ ଖନନ କରାଯାଇଥିଲା।

**● ବଢ଼ିଲା ହଇଜା ସଂକ୍ରମଣ ଆଶଙ୍କା**

ଜଳସ୍ତର ଅଭାବ ଯୋଗୁ ପାଣି ବାହାରିଲା ନାହିଁ। ଯେଉଁ ପରିତ୍ୟକ୍ତ କୁଅ କଥା କୁହାଯାଉଛି, ତାହା ମରାମତି କରାଯିବାକୁ ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି କହିଛନ୍ତି। ଗ୍ରାମବାସୀ ତିନି ସାହିରେ ରହିଥିବା ପାନୀୟ ଜଳ ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ ପାଇଁ ଗୁହାରି କରିଛନ୍ତି।

## ପଞ୍ଚାୟତ ଉନ୍ନତି ସୂଚନାଙ୍କ ଦିନିକିଆ କର୍ମଶାଳା

ନବରଙ୍ଗପୁର,୧।୬(ସମିସ):

ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ପଞ୍ଚାୟତ ଉନ୍ନତି ସୂଚନାଙ୍କ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତିରାଜ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମିନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଯଦୁମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାରେ ସମସ୍ତ ବିଡ଼ିଓ, ଜିପିଡିଓ, ପିଇଓ, ଆରଜିଏସ ଡିପିଏମ, ପିଏମ(ଆଇଟି), ସିପି କର୍ମଶାଳାରେ ଭାଗନେଇଥିଲେ। ପଞ୍ଚାୟତସ୍ତରରେ ସ୍ୱଚ୍ଛତାର ସହ ସୂଚନା ଦ୍ୱାରା ବିକାଶକୁ କିଭଳି ତ୍ୱରାନ୍ୱିତ କରାଯିବ ଓ ପ୍ରଣୟନ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ପରିମାପକର ଉନ୍ନତିକୁ ଦୃଷ୍ଟିରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପରିମାପକ ଦ୍ୱାରା ଗ୍ରାମ ପଞ୍ଚାୟତଗୁଡ଼ିକ ଜାତୀୟ ପଞ୍ଚାୟତ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି। ଏଥିରେ ପ୍ରଶିକ୍ଷଣ ଅଧିକାରୀ ଭାବେ ତପନ କୁମାର ମିଶ୍ର, ରାକେଶ କୁମାର ପାଲ, ପ୍ରବୀଣ କୁମାର ପଟ୍ଟନାୟକ ପ୍ରମୁଖ ରହିଥିଲେ। କର୍ମଶାଳାରେ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସୁନାବେଡା ମହିଳା କଲେଜ ଛାତ୍ରୀ ପୁରସ୍କୃତ

ସୁନାବେଡା,୧।୬(ସମିସ):

ପୂଣ୍ୟଶ୍ଳୋକା ମହାରାଣୀ ଅହଲ୍ୟାବାଈ ହୋଲକରଙ୍କ ୩୦୦ତମ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ସୁନାବେଡ଼ା ମହିଳା ଡିଗ୍ରୀ କଲେଜର ଛାତ୍ରୀ ସରୋଜିନୀ ଗୌଡ ପ୍ରଥମ ସ୍ଥାନ ଅଧିକାର କରି ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ମନୋନୀତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମୁଖ୍ୟଅତିଥି ଭାବେ ଯୋଗ



ଦେଇଥିବା ବେଳେ ବାଚସ୍ପତି ସୁରମା ପାଢ଼ୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଭାଷା, ସାହିତ୍ୟ, ସଂସ୍କୃତି ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାରାଣୀ ଅହଲ୍ୟାବାଈ ହୋଲକରଙ୍କ ଜୀବନୀ ଓ ସୁଶାସନ ସମ୍ପର୍କରେ ସରୋଜିନୀ ଆଲୋକପାତ କରି ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଏହି କୃତିତ୍ୱ ପାଇଁ ସୁନାବେଡା ମହିଳା ଡିଗ୍ରୀ କଲେଜର ଅଧ୍ୟକ୍ଷା ଉଷାରାଣୀ ଦାସଙ୍କ ସମେତ କଲେଜର ଅନ୍ୟାନ୍ୟ ଅଧ୍ୟାପିକା, କର୍ମଚାରୀ ଓ ଅଭିଭାବକଙ୍କ ପକ୍ଷରୁ ସରୋଜିନୀ ଗୌଡଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉତ୍ତୋରୋତ୍ତର ଉନ୍ନତି କାମନା କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ପୋଡ଼ାଗଡ,୧।୬(ସମିସ): କୋରାପୁଟ ସଦରଥାନା ଅଧିନସ୍ଥ ପୋଡ଼ାଗଡ଼ ଗ୍ରାମରେ ବାଇକ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ସ୍ଥାନୀୟ ମୁଦାର ଗ୍ରାମର ପର୍ଶୁ ଜାନି। ସେ ପୋଡ଼ାଗଡ଼ ଗ୍ରାମକୁ ଆସି ଫେରୁଥିବା ବେଳେ ଭାରସାମ୍ୟ ହରାଇ ପାଇକ ସାହିର ନିଶାଣି ମୁଣ୍ଡାରେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟବାସିନ୍ଦା ଉଦ୍ଧାର କରି ପ୍ରଥମେ ପୋଡ଼ାଗଡ ମେଡ଼ିକାଲ ଓ ପରେ କୋରାପୁଟ ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ।

## ଝଞ୍ଜାବତୀ ନଦୀରେ ବୁଡି ମହିଳା ମୃତ

ବନ୍ଧୁଗାଁ,୧।୬(ସମିସ): ବନ୍ଧୁଗାଁ ବ୍ଲକ୍‌ସଦର ପଞ୍ଚାୟତ ଗୁମୁଡ଼ାପୁଟ ଗାଁର ଜଣେ ମହିଳା ଝଞ୍ଜାବତୀ ନଦୀରେ ବୁଡି ଯାଇ ମୃତ୍ୟୁବରଣ କରିଛନ୍ତି। ମୃତ ମହିଳା ଜଣକ ହେଲେ ସାଏ ମେଲେକା (୩୫)। ସେ ନିଜ ଗାଁ ଗୁମୁଡ଼ାପୁଟରୁ ନଦୀ ପାରି ହୋଇ ତୁରୁକୁପେଟା ଗାଁକୁ କିଛି କିଣିବାକୁ ଯାଇ ଫେରି ନଥିଲେ। ଆଜି ସନ୍ଧ୍ୟାରେ ତାଙ୍କ ଶବ ଝଞ୍ଜାବତି ନଦୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ସେ ନଦୀ ପାର ହେଉଥିବା ବେଳେ ବୁଡିଯାଇଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି। ଏନେଇ ମୃତ ମହିଳାଙ୍କ ସମ୍ପର୍କୀୟ ଥାନାରେ ଅଭିଯୋଗ କରିଛନ୍ତି।

## ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତ ଗିରଫ

ଜୟପୁର,୧।୬(ସମିସ): କୋରାପୁଟ ଜିଲ୍ଲା ଜୟପୁର ମହିଳା ଥାନା ପୁଲିସ ପକ୍ଷରୁ ବିବାହ ପ୍ରଲୋଭନ ଦେଖାଇ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରାଯାଇ ରବିବାର କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ନବରଙ୍ଗପୁର ଜିଲ୍ଲା ଖାତିଗୁଡ଼ା ଥାନା ସଦର ଗ୍ରାମର ଇସ୍ରାଇସ ନାଗ (୨୫)। ଅଭିଯୋଗକାରିଣୀ ଯୁବତୀଙ୍କ ଏତଲା ଅନୁଯାୟୀ, ଅଭିଯୁକ୍ତ ଗତ ଏକବର୍ଷ ପୂର୍ବେ ଖାତାଗୁଡ଼ାରେ ଫାଷ୍ଟର ରହିଥିବା ତାଙ୍କ ଦାଦାଙ୍କ ନିକଟକୁ ଯାଇଥିବା ବେଳେ ପୀଡ଼ିତାଙ୍କ ସହ ଦେଖା ସାକ୍ଷାତ ହୋଇଥିଲା। ଫୋନ ମାଧ୍ୟମରେ କଥାବାର୍ତ୍ତା ସହ ଉଭୟ ପ୍ରେମ କରିଥିଲେ। ଏହାର ସୁଯୋଗ ନେଇ ଯୁବତୀଙ୍କ ଇଚ୍ଛା ବିରୁଦ୍ଧରେ ଅଭିଯୁକ୍ତ ଯୁବକ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲା। ଏନେଇ ପୀଡ଼ିତା ବିବାହ କରିବାକୁ ଜିଦ୍ କରିଥିଲେ, କିନ୍ତୁ ଅଭିଯୁକ୍ତ ମନା କରିବାରୁ ଶେଷରେ ଯୁବତୀ ଜଣଙ୍କ ଥାନାର ଦ୍ୱାରସ୍ତ ହୋଇଥିଲେ। ମହିଳା ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିଲା ଏବଂ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

## ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ

କୋରାପୁଟ,୧।୬(ସମିସ): ଶାବର ଶ୍ରୀକ୍ଷେତ୍ର କୋରାପୁଟରେ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବାସହ ଶୁଭାରମ୍ଭ ହୋଇଛି। ରବିବାର ସକାଳେ ୩ରଥ ନିମନ୍ତେ କାଠ ପହଞ୍ଚିଥିଲା। ପରେ ଶ୍ରୀଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଆସି ରଥଖଳାକୁ ଯାଇ ରଥ ପ୍ରସ୍ତୁତ ପାଇଁ ଲାଗି ହେବାସହ ପୂଜାର୍ଚ୍ଚନା କରାଯାଇଥିଲା। କୋରାପୁଟ ଜିଲ୍ଲାପାଳ ତଥା ମନ୍ଦିର ପରିଚାଳନା କମିଟି ସଭାପତି ଭି. କୀର୍ତ୍ତି ୱାସନ, ପୌରପରିଷଦ ଅଧ୍ୟକ୍ଷ ଲଲାଟରଞ୍ଜନ ସେଠୀ, ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଭବାନୀ ଶଙ୍କର ଆଚାର୍ଯ୍ୟ, ପୂର୍ବତନ ସମ୍ପାଦକ ଜଗବନ୍ଧୁ ସାମଲ ପ୍ରମୁଖଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଥିଲା। ଚଳିତ ବର୍ଷ ରଥଯାତ୍ରାରେ ପ୍ରବଳ ଜନସମାଗମ ହେବାର ସମ୍ଭାବନାକୁ ଆଖିରେ ରଖି ଜିଲ୍ଲା ତଥା ପୁଲିସ ପ୍ରଶାସନ ନିଜକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି। ନବରଙ୍ଗପୁରର ରଥଶିଳ୍ପୀ



ସନ୍ୟାସୀ ମାଝୀ ଗତଥର ତିନିରଥ ନିର୍ମାଣ କରିଥିବା ଯୋଗୁଁ ଚଳିତ ବର୍ଷ ମଧ ସେ ଓ ତାଙ୍କ ସହଯୋଗୀ ଜଗନ୍ନାଥ ମନ୍ଦିରରେ କାର୍ଯ୍ୟରତ ପ୍ରମୁଖ ଶିଳ୍ପୀ କୁନା ମହାରଣାଙ୍କ ସହ ମିଶି ରଥ ନିର୍ମାଣ କରିବେ ବୋଲି ସମ୍ପାଦକ ଶ୍ରୀ ଆଚାର୍ଯ୍ୟ ଜଣାଇଛନ୍ତି। ଚଳିତ ବର୍ଷ ରଥଯାତ୍ରା ଯେପରି ସୁରୁଖୁରୁରେ ଅନୁଷ୍ଠିତ ହେବ ସେଥିନିମନ୍ତେ ଜିଲ୍ଲା ପ୍ରଶାସନ, ପୁଲିସ ଓ ଭକ୍ତମାନଙ୍କର ସେ ସହଯୋଗ କାମନା କରିଛନ୍ତି। ତେବେ ଗତଥର ତିନିରଥ ଯେପରି ବିନା କୌଣସି ଅସୁବିଧାରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ପୁଣିଥରେ ଫେରି ଆସିଥିଲେ। ଚଳିତ ଥର ମଧ ସେହିପରି ସମସ୍ତଙ୍କ ସହଯୋଗରେ ତିନିରଥ ସହ ଘୋଷଯାତ୍ରା

**ଶାବର ଶ୍ରୀକ୍ଷେତ୍ର**

ସୁଚାରୁ ରୂପେ ସମ୍ପନ୍ନ ହେବ ବୋଲି ଶିଳ୍ପୀ ସନ୍ୟାସୀ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆଜିଠାରୁ ରଥକାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ରଥଖଳା ଚଳଚଞ୍ଚଳ ହୋଇଉଠିଛି। ନିର୍ଦ୍ଧାରିତ ସମୟରେ ରଥ ନିର୍ମାଣ କାର୍ଯ୍ୟ ସମାପନ କରାଯାଇ ଶାନ୍ତିଶୃଙ୍ଖଳାର ସହ ରଥଯାତ୍ରା କରିବା ଦିଗରେ ସମସ୍ତ ଜନସାଧାରଣ ସହଯୋଗ କରିବାକୁ ଜିଲ୍ଲାପାଳ ନିବେଦନ କରିଛନ୍ତି।

## ମା' ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଡାବୁଗାଁ,୧।୬(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ସଦରମହକୁମାରେ ଥିବା ନୂଆଗୁଡ଼ାରେ ମା' ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଶନିବାର ସୂର୍ଯ୍ୟପୂଜା, ଗୋ-ପୂଜା, ମଣ୍ଡଳାଦି ପୂଜନ, ମହାସ୍ନାନ, ପ୍ରସାଦ ଅଧିବାସ, ଧନ୍ୟାଧିବାସ ଶୟନାଧିବାସ, ନ୍ୟାସଙ୍ଗ ହୋମ, ପ୍ରାଣ ପ୍ରତିଷ୍ଠା, ମହାସ୍ନାନ ଉତ୍ସବରେ ପୂଜକ ମା' ମଙ୍ଗଳାଙ୍କୁ ସୁଗନ୍ଧିତ ଜଳରେ ସ୍ନାନ କରାଇବା ପରେ ସମସ୍ତ ଶ୍ରଦ୍ଧାଳୁ ମା'ଙ୍କୁ ସ୍ନାନ କରାଇଥିଲେ। ରବିବାର ରତ୍ନଗର୍ଭ ପ୍ରତିଷ୍ଠା, ଇନ୍ଦ୍ରଇନ୍ଦ୍ରାଣୀ ସ୍ଥାପନ, ରତ୍ନ ମୁଦ, ଯୁଗ ସ୍ଥାପନ, ଧ୍ୱଜ ଭ୍ରମଣ, ବିଗ୍ରହାଦି ସ୍ଥାପନ ଓ ଶେଷରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ କରାଯାଇଥିଲା। କର୍ତ୍ତାଭାବେ ଦେବୀ ରଥ ଓ ତାଙ୍କ ସହଧର୍ମିଣୀ ଦୀପା ରଥ କାର୍ଯ୍ୟନିର୍ବାହ କରିଥିଲେ। କମିଟିର ସଭାପତି ଗେଦୁ ପଟ୍ଟନାୟକ, ଉପ ସଭାପତି ଜିତେନ୍ଦ୍ର କୁମାର ମାଝୀ, ସମ୍ପାଦକ ପ୍ରଦୀପ କୁମାର ପାଢୀ, ସହସମ୍ପାଦକ ପି. ସୁବୁଦ୍ଧି ରାଓ, କୋଷାଧ୍ୟକ୍ଷ କାମେଶ୍ୱର ରାଓ, ଶ୍ରୀଧର ବିଶୋୟୀ, ସଞ୍ଜୟ ଶତପଥୀ, ଦୁଲଭ ଗୌଡ, ପିଣ୍ଟୁ ପରିଛା, ରମେଶ ପଟ୍ଟନାୟକ, ରାମ ଜେନା, ରଘୁ ବିଶୋୟୀ, ଗଣେଶ ବିଶୋୟୀ, ମୋହନ ପରିଛା, ମୋହନ ଖିଲ, ଉଦୟ ସିଂ, ପି ଭୈରବ ରାଓ ପ୍ରମୂଖ ଯୋଗଦେଇ ସହଯୋଗ କରିଥିଲେ। ସମସ୍ତ ପୂଜା କାର୍ଯ୍ୟରେ ମୁଖ୍ୟ ପୂଜକ ଭାବେ ଯାମିନୀ କାନ୍ତ ମହାପାତ୍ର, ରଜନୀକାନ୍ତ ନନ୍ଦ, ମୁକେଶ୍ୱର ପାତ୍ରଙ୍କ ସମେତ ଶିଶିର ପାତ୍ର ଓ ହୃଷିକେଶ ପାତ୍ର ସହଯୋଗ କରିଥିଲେ।

### ● ଜିଲ୍ଲା ନୋଟାରୀ ସଂଘର କର୍ମକର୍ତ୍ତା ଚୟନ

## ସଭାପତି ଦିଲ୍ଲୀପ ବେହେରା, ସମ୍ପାଦକ ରାମପ୍ରସାଦ ପାତ୍ର

ନବରଙ୍ଗପୁର,୧।୬(ସମିସ):

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଜିଲ୍ଲାର ସମସ୍ତ ନୋଟାରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ସଂଘ ଗଠନ କରାଯାଇଛି। ଜିଲ୍ଲାର ପ୍ରଥମ ନୋଟାରୀ ତଥା ଆଇନଜୀବୀ ଦିଲ୍ଲୀପ ବେହେରାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ହୋଟେଲ ସମ୍ମିଳନୀ ଗୃହରେ ସଭା ଆୟୋଜିତ ହୋଇଥିଲା। ଜିଲ୍ଲାର ସମସ୍ତ ଅଞ୍ଚଳରୁ ଯୋଗଦେଇଥିବା ସଦସ୍ୟମାନେ ବିଭିନ୍ନ ସମସ୍ୟା ଓ ସଂଘ ଜରିଆରେ ସେଗୁଡ଼ିକର କିଭଳି ଭାବେ ପ୍ରତିକାର କରାଯିବ ସେନେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲାର ସମସ୍ତ ଅଞ୍ଚଳର ପ୍ରତିନିଧିତ୍ୱକୁ ଦୃଷ୍ଟିରେ ରଖି କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଅବସରରେ ସଭାପତି ଭାବେ ଦିଲ୍ଲୀପ ବେହେରା ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ରାମପ୍ରସାଦ ପାତ୍ର, ଉପ-ସଭାପତି ଭାବେ ଶାନ୍ତନୁ ବାହିନୀପତି, ଦିବ୍ୟରଞ୍ଜନ ପାତ୍ର ଓ ଖଲିଦ ଜିଲାନି, ଯୁଗ୍ମ ସମ୍ପାଦକ ଭାବେ ଅଶୋକ



ପାଢ଼ୀ, ଅନୁପମା ଗନ୍ତାୟତ ଓ ରବୀନ୍ଦ୍ର ଜଗନ୍ନାଥ ନାୟକ, କୋଷାଧ୍ୟକ୍ଷ ଭାବେ ସନ୍ତୋଷ ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସୁବାଷ ଚନ୍ଦ୍ର ପାଳ ଓ ରାଜେନ୍ଦ୍ର ସାହୁ ସର୍ବ ସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ସେହିପରି ଉପଦେଷ୍ଟା କମିଟିର ସଦସ୍ୟ ଭାବେ ଗୋଦାବରୀ ଚନ୍ଦ୍ର ମହାପାତ୍ର, ଉମାଶଙ୍କର ତ୍ରିପାଠୀ, ସ୍ୱାଧୀନ ପଟ୍ଟନାୟକ, କେ. ଚନ୍ଦ୍ରଶେଖର ରେ‡ୀ, ଝାଡ଼େଶ୍ୱର ମହାନ୍ତି, ତପନ ଦେବନାଥ ଓ କୁଞ୍ଜବିହାରୀ ଦାଶଙ୍କୁ ମନୋନୀତ କରାଯାଇଛି। ସଭାରେ ସନ୍ତୋଷ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସମରେଶ ଗନ୍ତାୟତ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜ ବିଧାର, ମାନସ ତ୍ରିପାଠୀ, ମନୋହର ମହାନ୍ତି, କାଳୀପ୍ରସାଦ ନନ୍ଦ, ମହମ୍ମଦ ହୁସେନ, କୃଷ୍ଣଚନ୍ଦ୍ର ନନ୍ଦ, ପୁରୁଷୋତ୍ତମ ସାମନ୍ତ, ଜୟନ୍ତ ପାତ୍ର, ଦିଲ୍ଲୀପ ବିଷୋୟୀ, ମୀନାକ୍ଷୀ ପାଢ଼ୀ, ସନ୍ତୋଷ ନାୟକ, ଯଶୋବନ୍ତ ନାୟକ, ମିହୀର ଶଙ୍କର ପାତ୍ର ପ୍ରମୁଖ ଯୋଗଦେଇଥିଲେ।

## କୋଷାଗୁମୁଡ଼ା ଆକାଶ ଛୁଆଁ ବଡାଛତୁ ଦର

କୋଷାଗୁମୁଡା,୧।୬(ସମିସ): ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ଦୈନିକ ବଜାରରେ ପ୍ରଥମ କରି ବଡାଛତୁ ବିକ୍ରି ପାଇଁ ଆସିଥିବା ବେଳେ ଦର କିନ୍ତୁ ଆକାଶ ଛୁଆଁ ରହିଛି। ତଥାପି ଛତୁ କିଣିବାକୁ ବଜାରରେ ଗ୍ରାହକଙ୍କ ଠେଲାପେଲା ଦେଖିବାକୁ ମିଳିଛି। ଚକୋନୀ(ପତ୍ର ଥୋଲା)କୁ ୧୦୦ ଟଙ୍କା ଦରରେ ବଜାରରେ ଛତୁ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଏହି ବଡାଛତୁ ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଜିଲ୍ଲାରେ ଋତୁ ଅନୁସାରେ ବିକ୍ରି କରି ଆଦିବାସୀ ମହିଳା ଭଲ ଦୁଇପଇସା ରୋଜଗାର କରିଥାନ୍ତି।



ଏହା ସୁସ୍ୱାଦୁ ହୋଇଥିବାରୁ ଏହାର କିଲୋ ପିଛା ଦର ୧୮୦୦ ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ରହିଥାଏ। ଏହାକୁ ବର୍ତ୍ତମାନ ଚାଷ ପ୍ରଣାଳୀରେ ଉତ୍ପାଦନ କରି ଛତିଶଗଡ ଓ ଆନ୍ଧ୍ରପ୍ରଦେଶର ଚାଷୀମାନେ ବହୁତ ଟଙ୍କା ଉପାର୍ଜନ କରିଥାନ୍ତି। ଓଡ଼ିଶାରେ ସାଗୁଆନ(ସର୍ଗି) ଜଙ୍ଗଲ ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ଏହି ବଡାଛତୁ ଉତ୍ପନ୍ନ ହୋଇଥାଏ। ବଜ୍ରପାତ ସହ ବର୍ଷା ହେବାର ଗୋଟିଏ ଦିନ ଖରା ହେବା ପରେ ବଡା ଛତୁ ଫୁଟିବା ଦେଖି ତା'ଆର ଦିନ ସକାଳୁ ସକାଳୁ ବଡାଛତୁ ସଂଗ୍ରହ କରିବାକୁ ଅଧିବାସୀ ମହିଳା ଜଙ୍ଗଲ ଯାଇଥାନ୍ତି ବୋଲି କହିଛନ୍ତି। ଗୋଟିଏ ଗୋଟିଏ ଦିନରେ ପ୍ରାୟ ୪ହଜାର ରୁ ୬ ହଜାର ଟଙ୍କାର ଛତୁ ବିକ୍ରି କରୁଥିବା ମହିଳା ବିକାଳୀମାନେ କହିଛନ୍ତି।

## ସଂରକ୍ଷିତ ଜଙ୍ଗଲରେ ୨୮ ବେଆଇନ ଘର ଭାଙ୍ଗିଲା ବନ ବିଭାଗ

ଝରିଗାଁ,୧।୬(ସମିସ):

ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍‌ରେ ରହିଥିବା ସଂରକ୍ଷିତ ଜଙ୍ଗଲରେ ବହୁ ଅସାଧୁ ବେଆଇନ ଘର କରିବା ସହ ବହୁ ପୁରୁଣା ଜଙ୍ଗଲ ନଷ୍ଟ କରି ସେଠାରେ ଅବାଧ ଭାବେ ମକାଚାଷ କରୁଥିଲେ। ଏନେଇ ଅଭିଯୋଗ ପରେ ଝରିଗାଁ ବନାଞ୍ଚଳ ଅଧିନସ୍ଥ ହାତୀବାଡ଼ି ସଂରକ୍ଷିତ ଜଙ୍ଗଲରେ ନିର୍ମାଣ ହୋଇଥିବା ୨୮ ବେଆଇନ ଘରକୁ ବନ ବିଭାଗ ପକ୍ଷରୁ ଭଙ୍ଗାଯାଇଛି। ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରାଙ୍କ ନେତୃତ୍ୱରେ ରବିବାର ହାତୀବାଡ଼ି ଗ୍ରାମର ରାସ୍ତାକଡ଼ର ଦୁଇ ପାଶ୍ୱର୍ରେ ରହିଥିବା ୨୮ ଘରକୁ ଜେସିବି ଲଗାଇ ସମ୍ପୂର୍ଣ୍ଣ ଭଙ୍ଗାଯାଇଛି। ଗତ ମାସ ୧୮ ତାରିଖରେ ଝରିଗାଁ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ନୋଟିସ୍ ପ୍ରଦାନ କରାଯାଇଥିଲା। ପତ୍ର ପାଇବାର ତିନି ଦିନ ମଧ୍ୟରେ ଅସ୍ଥାୟୀ କୁଡ଼ିଆ ଉଠାଇବା ନେଇ ନୋଟିସ୍‌ରେ ଲିଖିତ ରହିଥିଲା। ଝରିଗାଁ ତହସିଲଦାର ସୁମନ୍ତ କୁମାର ପାତ୍ର ମାଜିଷ୍ଟ୍ରେଟ୍ ଭାବେ ଘଟଣାସ୍ଥଳରେ ଉପସ୍ଥିତ ରହିଥିବା ବେଳେ ଏସିଏଫ୍ ସୁବାସ ଚନ୍ଦ୍ର ଖୁଣ୍ଟିଆଙ୍କ ଉପସ୍ଥିତିରେ ସଂରକ୍ଷିତ ଜଙ୍ଗଲରେ ରହିଥିବା ବେଆଇନ ନିର୍ମାଣ ସ୍ଥାୟୀ ଏବଂ ଅସ୍ଥାୟୀ ଘରକୁ ଭଙ୍ଗାଯାଇଥିଲା। ଏହି ଅବସରରେ ଝରିଗାଁ ରେଞ୍ଜର ଗୋବିନ୍ଦ ଚନ୍ଦ୍ର ନାୟକ, ଉମରକୋଟ ରେଞ୍ଜର ବିଧୁସ୍ମିତା




ସାହୁ, ନବରଙ୍ଗପୁର ରେଞ୍ଜର ଗୋପୀନାଥ ସାହୁ, ଥାନା ଏସ୍‌ଆଇ କେ.ଲକ୍ଷ୍ମୀନାରାୟଣ ଦୋରା, ଏଏସ୍‌ଆଇ ମମତା ସେଠୀଙ୍କ ସମେତ ଜିଲାର ଝରିଗାଁ, ଉମରକୋଟ, ରାଇଘର, ଡାବୁଗାଁ ଓ କୋଡ଼ିଙ୍ଗା ରେଞ୍ଜର ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ, ୱାଇଲ୍ଡଲାଇଫ୍ ଟିମ୍, ପାରା ଷ୍ଟାଫ ପ୍ରମୁଖ ଉପସ୍ଥିତ ରହିଥିଲେ। ସଂରକ୍ଷିତ ଜଙ୍ଗଲରେ ବେଆଇନ ଘର ଭଙ୍ଗାଯିବା ପରେ କିଛି ପରିବାର ବେସାହାରା ହୋଇ ଗଛତଳେ ଆଶ୍ରୟ ନେଇଥିବା ଦେଖାଦେଇଛି। ଉଚ୍ଛେଦ ଚାଲିଥିବା ସମୟରେ ଡିଏଫ୍‌ଓ ଶୁଭେନ୍ଦୁ ପ୍ରସାଦ ବେହେରା ହାତୀବାଡ଼ ପହଞ୍ଚି ସ୍ଥିତି ଅନୁଧାନ କରିଥିଲେ। ସୂଚନାଯୋଗ୍ୟ, ହାତୀବାଡ଼ି ଗ୍ରାମରେ ରହିଥିବା ସଂରକ୍ଷିତ ଜଙ୍ଗଲରେ ନୂତନ ଘର ନିର୍ମାଣ ବାରଣ କରିବାରୁ ଗତ ମାସ ୧୫ ତାରିଖରେ ଫରେଷ୍ଟ ଗାର୍ଡଙ୍କୁ ମୁଣ୍ଡ ଫଟା ମାଡ଼ ହୋଇଥିଲା। ଘଟଣା ନେଇ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଝରିଗାଁ ଥାନାରେ ଏକ ମାମଲା(୭୬/୨୦୨୫) ରୁଜୁ ହୋଇଥିଲା। ଘଟଣାରେ ଝରିଗାଁ ପୁଲିସ ଜଗନ୍ନାଥ ସାନ୍ତାଙ୍କ ସହ ପୁଅ କୃତ୍ତିବାସ ସାନ୍ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଗ୍ରିନ୍ ଷ୍ଟମ୍ପ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



କୋରାପୁଟ,୧।୬(ସମିସ): ଗ୍ରିନ୍ ଷ୍ଟମ୍ପ ଟ୍ରଫି-୨୦୨୫ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ ନରେନ୍-୧୧ ଏବଂ ସୁରି ୧୧ ମଧ୍ୟରେ ହୋଇଥିଲା। ଯେଉଁଥିରେ ସୁରି ୧୧ ବିଜୟୀ ହୋଇଥିଲେ। ମୁଖ୍ୟଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଓ ଅନ୍ୟତମ ଅତିଥି ଭାବେ ସରପଞ୍ଚ ଲବ ମୁଡ଼ି, ରବିନ୍ଦ୍ର ଟାକ୍ରି ଓ ମୂର୍ତ୍ତି ଟାକ୍ରି ଉପସ୍ଥିତ ଥିଲେ। ଖେଳ ପରେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ନଗଦ ରାଶି ପ୍ରଦାନ କରାଯାଇଥିଲା। ଅତିଥି ଏବଂ ଅନ୍ୟମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ନରେନ୍ଦ୍ର ଟାକ୍ରିଙ୍କ ନେତୃତ୍ୱରେ କ୍ରୀଡ଼ା ଆୟୋଜନ ହୋଇଥିଲା।

# ସମ୍ପାଦକୀୟ



ଅତୀତର ଅଭିଜ୍ଞତାକୁ ପାଥେୟ କରି ତଥା ଭବିଷ୍ୟତର ଆଶାନେଇ,
ଆଜିର ଜୀବନ ବଂଚିବା ଶିଖ !
-ଆଲବର୍ଟ ଆଇନଷ୍ଟାଇନ

ସକାଳ
THE SAKALA

## ଭୂତ-ଗୁଣିଆ ଉପାଖ୍ୟାନ

ମେ’ ୩୧ ତାରିଖରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାର ନିଶାଦ୍ରବ୍ୟ, ଅପମିଶ୍ରିତ/ବିଷାକ୍ତ ମାଦକଦ୍ରବ୍ୟ ସେବନକୁ ନିରୁତ୍ସାହିତ କରିବା ଲାଗି ରାଜ୍ୟବ୍ୟାପୀ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନର ଲୋଗୋ ବା ପ୍ରତୀକ ରହିଛି - ‘ଆମ ସଂକଳ୍ପ: ନିଶା ନୁହେଁ ଜୀବନ’। ରାଜ୍ୟ ଅବକାରୀ ବିଭାଗ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇ କହିଛି ଯେ ‘ଆଜି ହିଁ ସଂକଳ୍ପ ନେବା- ନିଶା ନୁହେଁ ଜୀବନକୁ ବାଛିବା।’ ସଂକଳ୍ପକୁ ସାକାର କରିବା ପାଇଁ ଗଣମାଧ୍ୟମରେ ସରକାରୀ ବିଜ୍ଞାପନମାନ ପ୍ରକାଶ ପାଉଛି। ରାଜ୍ୟ ସରକାର ଯଦି ଆନ୍ତରିକତାର ସହ ନିଶାମୁକ୍ତ ସମାଜର ପରିକଳ୍ପନା କରିଥା’ନ୍ତି, ତେବେ ଏହା ଅତି ଉତ୍ତମ କଥା। ଏହା ମଧ୍ୟ ସମୟୋପଯୋଗୀ ଅପରିହାର୍ଯ୍ୟ ଆବଶ୍ୟକତା। କିନ୍ତୁ ଏହି ସଂକଳ୍ପ ଅଭିଯାନ ଆଢୁଆଳରେ ଅନେକ କିଛି ପ୍ରଶ୍ନ ଉହ୍ୟ ରହିଯାଉଛି, ଯାହାକୁ କିଞ୍ଚିତ୍ ତର୍ଜମା କଲେ ପ୍ରଶ୍ନ ଉଠୁଛି - ଏହା କେବଳ ଧର୍ମକୁ ଆଖିଠାର ନୁହେଁ ତ?

ଅପ୍ରିୟ ଓ ନଗ୍ନ ସତ୍ୟ ହେଉଛି ସରକାରୀ ସଚେତନତା ଏକ ପ୍ରହସନରେ ପରିଣତ ହୋଇଯାଇଛି। ଓଡ଼ିଆରେ ଏକ ଢଗ ଅଛି - ଭୂତ ହୋଇ ଲାଗିବ, ଗୁଣିଆ ହୋଇ ଝାଡ଼ିବ। ଅର୍ଥାତ୍ ଯିଏ ସମସ୍ୟା ସୃଷ୍ଟି କରୁଛି ସେ ହିଁ ଉପଚାରକର ଭୂମିକାରେ ଅବତୀର୍ଣ୍ଣ ହୋଇଛି। ଏଥିରେ ଲାଭ-କ୍ଷତି କାହାର ତାହା ବୋଧହୁଏ ବିଜ୍ଞ ପାଠକଙ୍କୁ ବୁଝାଇ କହିବା ଅନାବଶ୍ୟକ। ତମାଖୁ ବର୍ଜନ ଓ ନିଶା ନିବାରଣ ପାଇଁ ସରକାରଙ୍କର ସଦ୍ୟତମ ବିଜ୍ଞାପନକୁ ଉଦାହରଣ ରୂପେ ନେଲେ ଏହି ଉକ୍ତିର ବିଶ୍ଳେଷଣ ଆହୁରି ସ୍ପଷ୍ଟ ହେବ। ନିଶା ରାକ୍ଷସର ଦୌରାତ୍ମ୍ୟରେ କେତେ ଯେ ପରିବାର ଉଜୁଡ଼ି ଯାଉଛି, ସଡ଼କ ଦୁର୍ଘଟଣାରେ କେତେ ଯେ ନିରୀହ ଜୀବନ ଅକାରଣରେ ଅକାଳରେ ଯାଉଛି, କେତେ ଯେ ଅପରାଧ ଘଟୁଛି ସେ ବିଷୟରେ ସରକାର ବାହାଦୂର ନିଶ୍ଚୟ ଅଜ୍ଞ ନୁହନ୍ତି, ତାହାର ପ୍ରମାଣ ହେଉଛି ମେ’ ୩୧ରୁ ଆରମ୍ଭ ହେଉଥିବା ସରକାରଙ୍କ ନିଶାମୁକ୍ତ ସଂକଳ୍ପ ଓ ସଚେତନତା ଅଭିଯାନ। ଏହା କିନ୍ତୁ ସରକାରଙ୍କ ବାହ୍ୟ ବା ଲୋକଦେଖାଣିଆ ରୂପ। ଏହାର ପ୍ରଚ୍ଛଦପଟରେ ଲୁଚି ରହିଥିବା ଅନ୍ୟ ରୂପଟି ହେଉଛି ଅସାମାଜିକ ପରିବେଶ ଓ ପରିସ୍ଥିତିକୁ ଜନ୍ମ ଦେବାରେ ନିଶାର ପ୍ରଭାବ ଜାଣି ମଧ୍ୟ ମଦ ଦୋକାନ ଖୋଲିବା ପାଇଁ ଆଖିବୁଜା ଅନୁମତି ଦେଇ ଚାଲିବାର ଦାୟିତ୍ୱହୀନ ମାନସିକତା। ତମାଖୁ ବିକ୍ରିକୁ ଅନୁମତି ବନାମ ସଚେତନତା ମଧ୍ୟ ସେହି ସମାନ ବିରୋଧାଭାସରୁ ମୁକ୍ତ ନୁହେଁ। ଏକପକ୍ଷରେ ତମାଖୁ ସେବନର କ୍ଷତିକାରକ ଦିଗ ଉପରେ ଅସୁମାରି ସଚେତନତା ବିଜ୍ଞାପନ ସରକାର ଜାରି ରଖିଛନ୍ତି। ଅଥଚ ସରକାରଙ୍କ ଆଖି ସାମ୍ନାରେ ହିଁ ଗଳିକନ୍ଦିରେ ମାଲମାଲ ତମାଖୁ ବିକ୍ରି ହେଉଛି। ନିଶାମୁକ୍ତ ସମାଜ ଗଠନ ଦିଗରେ ସରକାରଙ୍କ ଯଦି ତିଳେମାତ୍ର ଆନ୍ତରିକତା ଥାଏ ତେବେ ପ୍ରଥମେ ମଦ ଦୋକାନ ଏବଂ ତମାଖୁ ଉତ୍ପାଦନ ବନ୍ଦ କରିବାକୁ ନିଷ୍ପତ୍ତି ନିଅନ୍ତୁ ଏବଂ ଏ ସମ୍ପର୍କିତ ଦୃଢ଼ ନୀତି ପ୍ରଣୟନ କରନ୍ତୁ।

ବିଡ଼ମ୍ବନା ହେଉଛି ସଦ୍ୟତମ ନିଶାମୁକ୍ତ ସମାଜ ଗଠନ ସଂକଳ୍ପ ଅଭିଯାନ ଆରମ୍ଭ କରିଥିବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନୂଆ ଅବକାରୀ ନୀତିରେ ଥିବା ବ୍ୟବସ୍ଥା ମୁତାବକ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) କୁ ଠିପିଖୋଲା ମଦ ଲାଇସେନ୍ସ ବାବଦରେ ଅନ୍ୟମାନଙ୍କ ତୁଳନାରେ ଅଧା ଅର୍ଥ ଦେବାକୁ ହେବ। ଏହାର ଅର୍ଥ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଓଟିଡିସି କିମ୍ବା ଆଇଟିଡିସି ମଦ ପରିବେଷଣ କରିପାରିବେ। ପର୍ଯ୍ୟଟନ ବିଭାଗର ନିଷ୍ପତ୍ତିରେ ସ୍ଥାନେ ସ୍ଥାନେ ‘ମଦ କୁଡ଼ିଆ’ ଖୋଲିବ। ଘରୋଇ କାର୍ଯ୍ୟକ୍ରମ ବା ଉତ୍ସବାନୁଷ୍ଠାନରେ ମଦ ପରିବେଷଣ ଲାଗି ବିଭାଗୀୟ କର୍ତ୍ତୃପକ୍ଷ ଅସ୍ଥାୟୀ ଅନୁମତି ଦେଇପାରିବେ। ଭୋଜିଭାତରେ ଚୋରା ଲୁଚାରେ ମଦ ପିଇବା ପରିବର୍ତ୍ତେ ମଦୁଆମାନେ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ମଦ ଖୋଲାଖୋଲି ପାନ କରି ମସଗୁଲ୍ ହେବାର ସୁଯୋଗ ପାଇବେ। ତେଣୁ ମଦ ନିଶା ଛଡ଼ାଇବା ପାଇଁ ସଂକଳ୍ପ ଅଭିଯାନ ଜରିଆରେ ଗୁଣିଆ ଭୂମିକାରେ ଅବତୀର୍ଣ୍ଣ ସରକାରଙ୍କ ଅବକାରୀ ନୀତି ଏବଂ ତମାଖୁ ବିକ୍ରିକୁ ଆଖିବୁଜା ପରୋକ୍ଷ ସମର୍ଥନ ତାଙ୍କର ଭୂତ ଭୂମିକାକୁ ପ୍ରମାଣିତ କରୁନାହିଁ କି? ସଚେତନ ନାଗରିକ ମନରେ ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ।

କେବଳ ମଦ ଓ ତମାଖୁ ନୁହେଁ, ପ୍ଲାଷ୍ଟିକ୍ ଓ ଶବ୍ଦ ପ୍ରଦୂଷଣ ମଧ୍ୟ ସମାନ ଅଭିଯୋଗରେ ଅଭିଯୁକ୍ତ। କାଗଜ କଲମରେ ପଲିଥିନ ମୁକ୍ତ ସହର ଓ ଦେଶଗଠନ ହୋଇସାରିଛି। ଏକକ ବ୍ୟବହାରଯୁକ୍ତ ପଲିଥିନ, ପ୍ଲାଷ୍ଟିକ୍ ସାମଗ୍ରୀର ଉତ୍ପାଦନ, ବିକ୍ରିବଟା ଓ ବ୍ୟବହାରକୁ ନିଷିଦ୍ଧ କରାଯାଇ ଦଣ୍ଡବିଧାନର ବ୍ୟବସ୍ଥା ଅଛି। କିନ୍ତୁ ବିଡ଼ମ୍ବନା ଏହା ଯେ ଯେଉଁମାନେ ଏହି ନୀତି ନିର୍ଦ୍ଧାରଣର ଶବ୍ଦବିନ୍ୟାସ କରିଛନ୍ତି ସେମାନଙ୍କ ହାତରେ ମଧ୍ୟ ପଲିଥିନ ଶୋଭା ପାଉଛି। ମଝିରେ ମଝିରେ କର୍ତ୍ତୃପକ୍ଷ ବିଭିନ୍ନ ଦୋକାନବଜାର ଉପରେ ଚଢ଼ଉ କରି ପଲିଥିନ ମୁଣା ଜବତ କରିବା ସହିତ ଜରିମାନା ଆଦାୟ କରୁଛନ୍ତି, ଅଥଚ ଏହାର ଉତ୍ପାଦନ ସ୍ଥଳ ବା ଫ୍ୟାକ୍ଟ୍ରିକୁ ଆଡ଼ ଆଖିରେ ମଧ୍ୟ ଚାହୁଁନାହାନ୍ତି। ସେହିପରି ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଲାଗି କଟକଣା ରହିଛି; ଅଥଚ ଉଚ୍ଚଶବ୍ଦଯୁକ୍ତ ବାଣ ଓ କାନଫଟା ଶବ୍ଦ ସୃଷ୍ଟି କରୁଥିବା ଡିଜେର ଉତ୍ପାଦନ ଓ ଉପକରଣକୁ ବନ୍ଦ କିମ୍ବା ଜବତ କରାଯାଇପାରୁନାହିଁ।

ଯଦି ଗୋଟିଏ ରାଜ୍ୟର ସରକାର ଚାହିଁବେ ତେବେ ଅସାମାଜିକ ଓ ଅବାଞ୍ଛିତ ତତ୍ତ୍ୱଗୁଡ଼ିର ବିଲୋପ ସମ୍ଭବ। ଯଦି ଉତ୍ପାଦନ ବା ଉତ୍ସ ହିଁ ବନ୍ଦ ହୋଇଯିବ ଆପେ ଆପେ ତାହାର ପ୍ରଭାବ ମଧ୍ୟ ଶୂନ୍ୟ ହୋଇଯିବ। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସଚେତନତା ଅଭିଯାନର ଆବଶ୍ୟକତା ହିଁ ପଡ଼ିବ ନାହିଁ। କିନ୍ତୁ ଭୂତ-ଗୁଣିଆ ଭୂମିକାକୁ ପସନ୍ଦ କରୁଥିବା ସରକାର ବାହାଦୂରଙ୍କୁ ବୁଝେଇବ କିଏ? ଆଣ୍ଟିଭାଇରସ ବିକାଶ କରୁଥିବା ସଂସ୍ଥା ହିଁ ଭାଇରସ ସୃଷ୍ଟି କରେ ଏବଂ ଟିକା ପ୍ରସ୍ତୁତକାରୀ କମ୍ପାନୀମାନେ ହିଁ ଭୂତାଣୁ ସୃଷ୍ଟି କରନ୍ତି। ଆଉ ରାଜସ୍ୱ ସଂଗ୍ରହ ନିଶାରେ ମସ୍‌ଗୁଲ୍ ସରକାର ନିଶାମୁକ୍ତ ଅଭିଯାନର ଛଳନା କରି ନିଜ ଭାବମୂର୍ତ୍ତି ସଜାଡ଼ିବାର ଉଦ୍ୟମ କରନ୍ତି। ଏହା ହିଁ ଆଜିର ବଜାର ଅର୍ଥନୀତିର ଅପରିଣାମଦର୍ଶୀ ବାସ୍ତବତା।

ଯଦି ନିଶାମୁକ୍ତ ସମାଜ ଗଠନ ଲାଗି ସରକାରଙ୍କ ଆନ୍ତରିକତା ଓ ନିଷ୍ଠା ଥାଏ ତେବେ ଏହି ଅଭିଯାନରେ ନିଶାଦ୍ରବ୍ୟ ଓ ତମାଖୁ ଜାତୀୟ ଦ୍ରବ୍ୟର ଉତ୍ପାଦନ ଓ ବିକ୍ରି ବନ୍ଦ ପାଇଁ ସରକାର ହିଁ ପ୍ରଥମେ ଆତ୍ମସଂକଳ୍ପ ନିଅନ୍ତୁ। ସମ୍ବିଧାନର ୪୭ ଧାରାରେ ଥିବା ନିଶା ନିବାରଣ ଏବଂ ୨୧ ଧାରାରେ ଥିବା ବଞ୍ଚିବାର ଅଧିକାରକୁ ଦୃଷ୍ଟିରେ ରଖି ପ୍ରଚଳିତ ଅବକାରୀ ନୀତି ଓ ଆଇନ୍‌ରେ ସଂଶୋଧନ ଆଣିବା ଲାଗି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ଐତିହାସିକ ରାୟ ଦେଇଛନ୍ତି, ତାହାର ଅନୁପାଳନ କରନ୍ତୁ। ନ ହେଲେ ଯାଦୁଆ ଯାଦୁର ମଲମ ବିକିବା ଭଳି ଅପବାଦ ସରକାରଙ୍କୁ ମୁଣ୍ଡାଇବାକୁ ପଡ଼ିବ।

# ନ୍ୟାୟପାଳିକା ନିର୍ଦ୍ଦେଶ ବନାମ ରାଷ୍ଟ୍ରପତିଙ୍କ ପ୍ରଶ୍ନ

**ଗଦାଧର ବଳ**

ନିକଟରେ ରାଷ୍ଟ୍ରପତି ଦେଶର ସର୍ବୋଚ୍ଚ ଅଦାଲତଙ୍କୁ ସମ୍ବିଧାନର ଅନୁଚ୍ଛେଦ ୧୪୩ ଅନୁଯାୟୀ ୧୪ ଗୋଟି ପ୍ରଶ୍ନ ପଚାରିଛନ୍ତି, ଯାହାର ଉତ୍ତର ପାଇଁ ପାଞ୍ଚଜଣିଆ ଖଣ୍ଡପୀଠ ଗଠନ ହେବ ବୋଲି ଅନୁମାନ କରାଯାଉଛି। ରାଷ୍ଟ୍ରପତି ପଚାରିଥିବା ପ୍ରଶ୍ନଗୁଡ଼ିକ ହେଲା - ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ଯେତେବେଳେ ରାଜ୍ୟପାଳଙ୍କ ନିକଟକୁ ବିଲ୍ ଆସେ ସେତେବେଳେ ସେ କ’ଣ କରିପାରିବାର କ୍ଷମତା ରହିଛି? ଅନୁଚ୍ଛେଦ ୨୦୦ ଅନୁଯାୟୀ ମନ୍ତ୍ରୀ ପରିଷଦ ଦ୍ୱାରା ସଂଶୋଧିତ ହୋଇ ଆସିଥିବା ବିଲ୍‌କୁ ରାଜ୍ୟପାଳ ସ୍ୱୀକୃତି ପ୍ରଦାନ କରିବା ପାଇଁ ବାଧ୍ୟ କି? ସେହି ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ନିକଟରେ ବିବେକାନୁମୋଦିତ କ୍ଷମତା ରହିଛି କି? ଅନୁଚ୍ଛେଦ ୨୦୦ ଅନୁଯାୟୀ ପାରିତ ହୋଇଥିବା ବିଲ ଅନୁଚ୍ଛେଦ ୩୬୧ ମୁତାବକ ସର୍ବୋଚ୍ଚ ଅଦାଲତର କ୍ଷମତା ବହିର୍ଭୂତ କି? ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳ ଉପଯୋଗ କରିଥିବା କ୍ଷମତାକୁ ନ୍ୟାୟିକ ନିର୍ଦ୍ଦେଶ ଅନୁଯାୟୀ ସମୟ ସୀମା ନିର୍ଦ୍ଧାରଣ କରିବା ସମ୍ବିଧାନ ସମ୍ମତ କି? ଅନୁଚ୍ଛେଦ ୨୦୧ ଅନୁଯାୟୀ ରାଷ୍ଟ୍ରପତି ନିଜର ସ୍ୱୀକୃତି ପ୍ରଦାନ ପାଇଁ କୌଣସି ସମୟ ସୀମା ଧାର୍ଯ୍ୟ କରା ଯାଇ ନ ଥିବା ବେଳେ ବିଚାର ବିଭାଗ ଦ୍ୱାରା ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ କରାଯିବା ଉଚିତ୍ କି? ରାଜ୍ୟପାଳଙ୍କ ଦ୍ୱାରା ପ୍ରେରିତ କୌଣସି ବିଲ ରାଷ୍ଟ୍ରପତିଙ୍କ ନିକଟକୁ ଆସିଥିଲେ ସେ ସ୍ୱୀକୃତି ଦେବା ବେଳେ ସମ୍ବିଧାନର ଅନୁଚ୍ଛେଦ ୧୪୩ ଅନୁଯାୟୀ ରେଫେରାନ୍ସ ବଳରେ ସର୍ବୋଚ୍ଚ ଅଦାଲତଙ୍କ ପାଖରୁ ଉପଦେଶ ନେଇପାରିବେ କି? ଅନୁଚ୍ଛେଦ ୨୦୦ ଓ ୨୦୧ ଅନୁଯାୟୀ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିକଟକୁ କୋଣସି ବିଲ୍ ଆସି ସ୍ୱୀକୃତି ପାଇ ଆଇନରେ ପରିଣତ ହେବା ବେଳେ ସେ କି ନିଷ୍ପତ୍ତି ନେବେ, ତେବେ ଏହା ବିଚାର ବିଭାଗ ଦ୍ୱାରା ଆଇନଗତ ତର୍ଜମା କରା ଯାଇପାରିବ କି? ଅନୁଚ୍ଛେଦ ୧୪୨ ଅନୁଯାୟୀ ସର୍ବୋଚ୍ଚ ଅଦାଲତ କୌଣସି ନିର୍ଦ୍ଦେଶ ଦେବା ବେଳେ ରାଜ୍ୟପାଳ ବା ରାଷ୍ଟ୍ରପତି ପୂର୍ବରୁ ଦେଇଥିବା ନିର୍ଦ୍ଦେଶାବଳୀକୁ ସେସୟରେ ବିଚାରକୁ ନେଇପାରିବେ କି? ବିଧାନସଭା ପ୍ରସ୍ତୁତ କରିଥିବା ଆଇନ ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳ ସ୍ୱୀକୃତି ନ ଦେବା ଯାଏଁ ଆଇନରେ ପରିଣତ ହୋଇପାରିବ କି? ସମ୍ବିଧାନରେ ଅନୁଚ୍ଛେଦ ୧୪୫(୩) ଅନୁଯାୟୀ ସର୍ବୋଚ୍ଚ ଅଦାଲତ ଦ୍ୱାରା ଗଠିତ ଖଣ୍ଡପୀଠ କୌଣସି ନିର୍ଦ୍ଦେଶ ଦେବା ବେଳେ ଏହା ଆଇନଗତ ଜଟିଳତା ଥିବାରୁ ତାହାକୁ ତର୍ଜମା ପାଇଁ ପାଞ୍ଚଜଣିଆ ଖଣ୍ଡପୀଠକୁ ପଠାଇ ଦେବା ବାଧ୍ୟତାମୂଳକ ନୁହଁ କି? ସର୍ବୋଚ୍ଚ ଅଦାଲତ ଅନୁଚ୍ଛେଦ ୧୪୨ ଅନୁଯାୟୀ ନିଜର ସୀମିତ କ୍ଷମତା ବଳରେ କୌଣସି ଆଦେଶ ଦେବା ବେଳେ ପୂର୍ବରୁ ପ୍ରଚଳିତ ଥିବା ଆଇନକୁ ବିଚାରକୁ ନେବା ଉଚିତ ନୁହଁ କି? କେନ୍ଦ୍ର ରାଜ୍ୟ ମଧ୍ୟରେ କୌଣସି ବିବାଦ ଉପୁଜି ଯଦି କିଛି ମାମଲା ରୁଜୁ ହେଲା ଅନୁଚ୍ଛେଦ ୧୩୧ ଅନୁଯାୟୀ ସେହି ମାମଲାକୁ ବିଚାର କରିବା କ୍ଷମତା ସର୍ବୋଚ୍ଚ ଅଦାଲତ ନିକଟରେ ରହିଥିବା ବେଳେ ଅନ୍ୟ ସବୁ ବିବାଦର ବିଚାର ପାଇଁ ସାମ୍ବିଧାନିକ କ୍ଷମତାଭୁକ୍ତ କି?

ବ୍ୟବସ୍ଥାପିକାର କାମ ଆଇନ ତିଆରି କରିବା, କାର୍ଯ୍ୟପାଳିକା ଆଇନ କାର୍ଯ୍ୟକାରୀ କରିବା ଏବଂ ନ୍ୟାୟପାଳିକା ଏହି ଆଇନର ସଦୁପଯୋଗ ହେଉଛି କି ନାହିଁ ତଦାରଖ କରିବା। ତେବେ ବିବାଦ ହେଲା, ଯେବେ ତାମିଲନାଡୁ ସରକାର ପାରିତ କରିଥିବା କେତେକ ବିଲ୍‌କୁ ରାଜ୍ୟପାଳ ସ୍ୱୀକୃତି ନ ଦେଇ ରାଷ୍ଟ୍ରପତିଙ୍କ ପାଖକୁ ତର୍ଜମା କରିବା ପାଇଁ ପଠାଇ ଦେଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ତାମିଲନାଡୁ ସରକାର ଦେଶର ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ। ତେଣୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ ବିଧାନସଭାରୁ ପାରିତ ହୋଇ ଆସୁଥିବା ସମସ୍ତ ବିଲକୁ ରାଜ୍ୟପାଳ ୧ ମାସ ମଧ୍ୟରେ ସ୍ୱୀକୃତି ପ୍ରଦାନ କରିବେ। ନ କଲେ ନିଜ ପାଖରେ ସର୍ବାଧିକ ୩ ମାସ ପର୍ଯ୍ୟନ୍ତ ରଖିପାରିବେ କିମ୍ବା ରାଷ୍ଟ୍ରପତିଙ୍କ ନିକଟକୁ ମଞ୍ଜୁରୀ ପାଇଁ ପଠାଇ ପାରିବେ। ବିଧାନସଭାରେ ପାରିତ ହୋଇ ପୁନର୍ବାର ବିଲ ତାଙ୍କ ନିକଟକୁ ଗଲେ ସେ ବିଲକୁ ରାଜ୍ୟପାଳ ୧ ମାସ ମଧ୍ୟରେ ସ୍ୱୀକୃତି ପ୍ରଦାନ କରିବା ପାଇଁ ବାଧ୍ୟ ଅଟନ୍ତି।

ପ୍ରଶ୍ନ ହେଉଛି ସର୍ବୋଚ୍ଚ ନ୍ୟାୟାଳୟ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେଇପାରିବ କି? ସମ୍ବିଧାନର ଅନୁଚ୍ଛେଦ ୧୪୨ ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟ କୌଣସି ସମୟରେ ଯଦି ଅନୁଭବ କରନ୍ତି ନ୍ୟାୟ ପ୍ରଦାନରେ ଅନିୟମିତତା ହୋଇଛି ‘ଜୁଡିସିଆଲ ରିଭ୍ୟୁ’ ନାମରେ ସେ ନିର୍ଦ୍ଦେଶ ଦେଇପାରିବେ। ତାମିଲନାଡୁ ମାମଲାରେ ନ୍ୟାୟପାଳିକା ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଏହି ନିୟମ ଅନୁଯାୟୀ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ ସମ୍ବିଧାନ ଅନୁଚ୍ଛେଦ ୧୪୨ ଅନୁଯାୟୀ ଏମିତି ନିର୍ଦ୍ଦେଶ ଦେବା ଆଦୌ ଅସମୀଚୀନ ଲାଗୁ ନ ଥିଲେ ବି ପ୍ରଶ୍ନ ହେଉଛି ଯିଏ ଦେଶର ପ୍ରଥମ ନାଗରିକ, ଯିଏ ଦେଶର ସମ୍ବିଧାନର ସୁରକ୍ଷା ପାଇଁ ଶପଥ ନେଇଛନ୍ତି, ତାଙ୍କୁ ସର୍ବୋଚ୍ଚ ଅଦାଲତ ଏମିତି ଆଦେଶ ଦେବା କେତେ ଦୂର ନ୍ୟାୟସଙ୍ଗତ? ଦେଶର ଉପରାଷ୍ଟ୍ରପତି ଜଗଦୀପ ଧନକଡ଼ କହିଛନ୍ତି ଯେ ଏମିତି ନିର୍ଦ୍ଦେଶ ସମ୍ବିଧାନର ଅନୁଚ୍ଛେଦ ୧୪୨ର ଦୁରୁପଯୋଗ ଏବଂ ଆଣବିକ କ୍ଷେପଣାସ୍ତ୍ର ସଦୃଶ। ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ବିଚାର ନ ହୋଇ ଦୀର୍ଘଦିନ ହେବ ପଡ଼ି ରହିଥିବା ବେଳେ ତରବର ଭାବରେ ଏମିତି ନିର୍ଦ୍ଦେଶ ଦେବା, ଏପରି କି ଦିଲ୍ଲୀ ଉଚ୍ଚ ଅଦାଲତର କାର୍ଯ୍ୟରତ ବିଚାରପତି ଯଶୋବନ୍ତ ବର୍ମାଙ୍କ ବାସଭବନରୁ କୋଟି କୋଟି ଟଙ୍କା ଉଦ୍ଧାର ହେବା ଘଟଣାରେ ସର୍ବୋଚ୍ଚ ଅଦାଲତ କି ପଦକ୍ଷେପ ନେଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ବିରୋଧୀ ଦଳର ସାଂସଦ କପିଲ ସିବଲ ବିଗତ ଦିନରେ ସର୍ବୋଚ୍ଚ ଅଦାଲତଙ୍କ ଆଦେଶ ବଳରେ ବହୁମତରେ ନିର୍ବାଚିତ ଇନ୍ଦିରା ଗାନ୍ଧୀ ସରକାରର ପତନ ବିଷୟ କହି ନିଜର ଯୁକ୍ତି ଉପସ୍ଥାପନ କରିଛନ୍ତି। ତା’ପରେ ଏହି ବିଷୟକୁ ନେଇ ଦେଶ ତମାମ ବିତର୍କ ଆରମ୍ଭ ହୋଇ ଯାଇଛି।

ଆମ ଦେଶର ଗଣତନ୍ତ୍ରର ସ୍ୱତନ୍ତ୍ରତା ହେଲା ସ୍ୱାଧୀନ ତଥା ନିରପେକ୍ଷ ନ୍ୟାୟପାଳିକା। ଆଇନ ପ୍ରଣୟନର କ୍ଷମତା ସଂସଦ ବା ବିଧାନସଭାରେ ରହିଛି। ପ୍ରଶ୍ନ ହେଉଛି ଜନମଙ୍ଗଳ ରାଷ୍ଟ୍ରରେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ଜନପ୍ରତିନିଧିମାନେ ପ୍ରଣୟନ କରିଥିବା ଆଇନ ସର୍ବାଗ୍ରେ ଗ୍ରହଣୀୟ ଥିବାରୁ ତାମିଲନାଡୁ ସରକାର ପାରିତ କରିଥିବା ବିଲକୁ ଆଇନରେ ପରିଣତ କରିବାକୁ ସମୟ ସୀମା ଧାର୍ଯ୍ୟ କରାଯିବା ଆଇନତଃ ଜରୁରୀ ଅନୁଭବ ହେଉଛି। ସମ୍ବିଧାନର ସିଡ୍ୟୁଲ ୭ ଅନୁଯାୟୀ ରାଜ୍ୟ ଓ କେନ୍ଦ୍ରକୁ ମିଳିତ କ୍ଷମତା ଦିଆଯାଇଛି। ବିଧାନସଭାରେ ବହୁମତରେ ବିଲ ପାରିତ ହେଲେ ରାଜ୍ୟପାଳଙ୍କ ନିକଟକୁ ସ୍ୱୀକୃତି ପାଇଁ ପଠାଯାଏ ଏବଂ ସ୍ୱୀକୃତି ମିଳିବା ପରେ ତାହା ଆଇନରେ ପରିଣତ ହୁଏ। କେନ୍ଦ୍ର ସରକାର କେନ୍ଦ୍ରୀୟ ଶାସନର ଦୃଢ଼ତା ପାଇଁ ବିଭିନ୍ନ ରାଜ୍ୟରେ ନିଜର ପ୍ରତିନିଧି ଭାବରେ ରାଜ୍ୟପାଳ ନିଯୁକ୍ତି କରିଛନ୍ତି। ରାଜ୍ୟରେ ପାରିତ ସମସ୍ତ ବିଲ ତାଙ୍କ ସ୍ୱାକ୍ଷର ବିନା ଆଇନରେ ପରିଣତ ହୁଏ ନାହିଁ।

ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ବିଲ ମଞ୍ଜୁରୀ ବେଳେ ରାଜ୍ୟପାଳଙ୍କୁ ୪ ଗୋଟି କ୍ଷମତା ପ୍ରଦାନ କରାଯାଇଛି। ପ୍ରଥମତଃ, ବିଧାନସଭାରେ ବିଲ ପାସ ହେବା ପରେ ତା’ ଉପରେ ସେ ସ୍ୱୀକୃତି ଦେଲେ ବିଲ ଆଇନରେ ପରିଣତ ହୁଏ। ଦ୍ୱିତୀୟରେ ସେ ବିଲକୁ ସ୍ୱୀକୃତି ନ ଦେଇ ପୁନଶ୍ଚ ସଂଶୋଧନ ପାଇଁ ବିଧାନସଭାକୁ ଫେରସ୍ତ କରିପାରିବେ ଏବଂ ବିଧାନସଭା ସେହି ବିଲକୁ ପୁନର୍ବାର ପାରିତ କରି ପଠାଇଲେ ସେ ଏଥିରେ ସ୍ୱୀକୃତି ପ୍ରଦାନ କରିବାକୁ ବାଧ୍ୟ। ତୃତୀୟରେ ରାଜ୍ୟପାଳ ଚାହିଁଲେ ନିଜ ପାଖରେ ବିଲ୍‌କୁ କିଛିଦିନ ରଖିପାରିବେ। ଚତୁର୍ଥରେ ରାଜ୍ୟପାଳଙ୍କ ପାଖକୁ ଆସିଥିବା ବିଲ ତାଙ୍କର ବିବେକାନୁମୋଦିତ ନ ହେଲେ ବା ଏହା କେନ୍ଦ୍ର-ରାଜ୍ୟ ସମ୍ପର୍କ ଖରାପ ହେବାର ଆଶଙ୍କା ଥିଲେ ନିଜେ ମଞ୍ଜୁରୀ ନ ଦେଇ ରାଷ୍ଟ୍ରପତିଙ୍କ ନିକଟକୁ ସ୍ୱୀକୃତି ପାଇଁ ପଠାଇ ପାରିବେ। ପ୍ରଶ୍ନ ହେଲା ରାଷ୍ଟ୍ରପତି ଏହି ଆଇନକୁ ମଞ୍ଜୁରୀ ନ ଦେଇ କେତେଦିନ ନିଜ ପାଖରେ ରଖି ପାରିବେ? ରାଜ୍ୟପାଳ ମଧ୍ୟ ରାଷ୍ଟ୍ରପତିଙ୍କ ପରି ବିଲ ଉପରେ ସ୍ୱୀକୃତି ବେଳେ ସମାନ କ୍ଷମତା ଉପଭୋଗ କରିପାରିବେ କି?

ଏହି ଜଟିଳ ପ୍ରସଙ୍ଗ ସର୍ବୋଚ୍ଚ ଅଦାଲତଙ୍କ ସମୟ ସୀମା ନିର୍ଦ୍ଧାରଣ ନିର୍ଦ୍ଦେଶ ପରେ ଅଧିକ ବିତର୍କିତ ହୋଇପଡ଼ିଛି। ତାମିଲନାଡୁ ଏକମାତ୍ର ରାଜ୍ୟ, ଯେଉଁଠି ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କ ବିନାସ୍ୱୀକୃତିରେ ୧୦ ଗୋଟି ବିଲ ଆଇନରେ ପରିଣତ ହୋଇ କାର୍ଯ୍ୟକାରୀ ହୋଇସାରିଛି। ସାମ୍ବିଧାନିକ ବ୍ୟବସ୍ଥାକୁ ନେଇ ସର୍ବୋଚ୍ଚ ଅଦାଲତ ଓ ବ୍ୟବସ୍ଥାପିକା ମଧ୍ୟରେ ଏ ବିବାଦ ପ୍ରଥମ ନୁହଁ। ଏହାପୂର୍ବରୁ ଚମ୍ପକ ରାମ ଦୁରାଇ ରାଜନ ମାମଲାରେ କେନ୍ଦ୍ର ସରକାର, ୧୯୬୭ ମସିହାରେ ଗୋଲକ ନାଥ ମାମଲାରୁ ବିବାଦ ଆରମ୍ଭ ହୋଇ କେଶବାନନ୍ଦ ଭାରତୀ ମାମଲା ଯାଏଁ ଅନେକ ମାମଲାର ବ୍ୟବସ୍ଥାପିକା ଓ ନ୍ୟାୟପାଳିକା ଭିତରେ ବିବାଦ ଇତିହାସରେ ଲିପିବଦ୍ଧ ରହିଛି।

(ଆଇନଜୀବୀ)
ଭଦ୍ରକ, ମୋ: ୯୪୩୭୧୨୮୮୪୧

# ଇଚ୍ଛାପତ୍ର: ବରିଷ୍ଠ ନାଗରିକଙ୍କ ସୁରକ୍ଷା କବଚ

**ଅନନ୍ତ ଚରଣ ସ୍ୱାଇଁ**

କିଛିବର୍ଷ ତଳେ ନିଜର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ପୁଅ ନାଁରେ କରିଦେଲେ ଜଣେ ବିଶିଷ୍ଟ ଉଦ୍ୟୋଗପତି। ସମ୍ପତ୍ତି ହାତକୁ ଆସିବା ପରେ ପୁଅର ବ୍ୟବହାର ତାଙ୍କ ବୃଦ୍ଧ ପିତାଙ୍କ ପ୍ରତି ସମ୍ପୂର୍ଣ୍ଣ ବଦଳି ଗଲା। ବୃଦ୍ଧ ଜଣଙ୍କ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ ଯେ ତାଙ୍କ ଗେହ୍ଲା, ଅଲିଅଳ ଓ ଏପର୍ଯ୍ୟନ୍ତ ଅତ୍ୟନ୍ତ ନିଜର ବୋଲି ଭାବୁଥିବା ପୁଅ ସମ୍ପତ୍ତି ପାଇବା ପରେ ତାଙ୍କୁ ଘରୁ ତଡ଼ିଦେବ। କୋଟିକୋଟି ଟଙ୍କା, କୋଠାବାଡ଼ି, ଅସୁମାରୀ ସମ୍ପତ୍ତି ଅର୍ଜନ କରିଥିବା ବ୍ୟକ୍ତିଜଣଙ୍କ ପରିଣତ ବୟସରେ ଗୋଟିଏ ଛୋଟ ଭଡ଼ା ଘରେ ଏବେ ସେ ଅଭାବ ଅନଟନରେ ଦିନ କାଟୁଛନ୍ତି। ଆଉ ଏକ ଘଟଣା। ନିକଟରେ ଜଣେ ପ୍ରତିଷ୍ଠିତ ଧନୀ ବ୍ୟବସାୟୀଙ୍କ ହୃଦଘାତରେ ମୃତ୍ୟୁ ହେଲା। ସେ ଥିଲେ ଅବିବାହିତ। ଛାଡ଼ି ଯାଇଥିଲେ ଅଚଳାଚଳ ସମ୍ପତ୍ତି। ସେହି ସମ୍ପତ୍ତି ପାଇବା ପାଇଁ ତାଙ୍କ ନିକଟ ସମ୍ପର୍କୀୟ ଏବଂ କିଛି ସହକର୍ମୀଙ୍କ ମଧ୍ୟରେ କଳହ ଚରମସୀମାରେ ପହଞ୍ଚିଛି।

ସମାଜରେ ଏପରି ଅନେକ ଘଟଣା ନିତିଦିନ ଘଟୁଛି। ସେଥିରୁ କେତେକ ଲୋକଲୋଚନକୁ ଆସୁଛି ଏବଂ ଆଉ କେତେକ ଘଟଣାକୁ ଲୋକଲଜ୍ଜାରୁ ବଞ୍ଚିବା ପାଇଁ ଚପାଇ ଦିଆଯାଉଛି। ମୁଣ୍ଡ ଝାଳ ତୁଣ୍ଡରେ ମାରି, ଦିନରାତି ପରିଶ୍ରମ କରି ଧନସମ୍ପତ୍ତି ଅର୍ଜନ କରିବା ପଛର ଉଦ୍ଦେଶ୍ୟ ହେଉଛି, କିପରି ନିଜ ପରିବାର ସୁଖରେ ରହିବେ। କିନ୍ତୁ ଦେହାନ୍ତ ପରେ ଦିନେ ସେହି ଧନ ସମ୍ପତ୍ତିର ଭାଗ ବଣ୍ଟା ଉତ୍ତରାଧିକାରୀଙ୍କ ମଧ୍ୟରେ ମନାନ୍ତର, ମତାନ୍ତର ଓ କଳହ ସୃଷ୍ଟିର କାରଣ ହେବ, ଏହି କଥା ସେତେବେଳେ କେହି ଭାବି ନଥା’ନ୍ତି। ସମ୍ପତ୍ତି ଭାଗବଣ୍ଟାକୁ ନେଇ କଳହ କେବଳ ବିତ୍ତଶାଳୀଙ୍କ ଭିତରେ ସୀମିତ ନଥାଏ। ଏପରି ସ୍ଥିତିରେ ନିଜର ସୁରକ୍ଷା ପାଇଁ ‘ଇଚ୍ଛାପତ୍ର’ ବହୁତ ସହାୟକ ହୋଇଥାଏ। ଜୀବିତାବସ୍ଥାରେ ସ୍ୱାର୍ଜିତ ସମ୍ପତ୍ତିର ସୁରକ୍ଷା, ସୁପରିଚାଳନା ଓ ମୃତ୍ୟୁ ପରେ ସେସବୁର ଉତ୍ତରାଧିକାରୀଙ୍କ ମଧ୍ୟରେ ବଣ୍ଟନର ସୁବ୍ୟବସ୍ଥା କରିବା ହେଉଛି ଇଚ୍ଛାପତ୍ରର ଲକ୍ଷ୍ୟ। ବିଶେଷକରି ବରିଷ୍ଠ ନାଗରିକମାନେ ନିଜ ଅର୍ଜିତ ଧନ ସମ୍ପତ୍ତି ଭୋଗ କରିବା ଅଧିକାରରୁ ବଞ୍ଚିତ ନହେବା ଏବଂ ଜୀବନକୁ ସରସ କରିବା ପାଇଁ ଇଚ୍ଛାପତ୍ର ହେଉଛି ଏକ ସୁରକ୍ଷିତ ଆୟୁଧ।

ଇଚ୍ଛାପତ୍ର (ୱିଲ୍) ହେଉଛି ଏକ ଆଇନଗତ ଦଲିଲ୍। ଏଥିରେ ଜଣେ ବ୍ୟକ୍ତି ନିଜ ସମ୍ପତ୍ତି ଅଧିକାର ତାଙ୍କ ଦେହାନ୍ତ ପରେ କାହାକୁ ଏବଂ କେମିତି ବଣ୍ଟନ କରାଯିବ ସେ ବିଷୟରେ ସବିଶେଷ ଲିପିବଦ୍ଧ ହୋଇଥାଏ। ଭାରତରେ ଇଚ୍ଛାପତ୍ର ବ୍ୟବସ୍ଥାକୁ ଇଣ୍ଡିଆନ ସକ୍ସେସନ ଆକ୍ଟ -୧୯୨୫, ହିନ୍ଦୁ ସକ୍ସେସନ ଆକ୍ଟ-୧୯୫୬, ହିନ୍ଦୁ ସକ୍ସେସନ( ଆମେଣ୍ଡମେଣ୍ଟ) ଆକ୍ଟ-୨୦୦୫, ମୁସଲିମ ପରସନାଲ ଲ’(ସରିଆତ) ଆପ୍ଲିକେସନ ଆକ୍ଟ-୧୯୩୭ ଅନୁସାରେ ପରିଚାଳିତ କରାଯାଏ। ଇଚ୍ଛାପତ୍ରର ବୈଧତା ସ୍ପଷ୍ଟ କରିବା ପାଇଁ କେତେକ ସ୍ଥାନରେ ‘ପ୍ରୋବେଟ’ ଉପରେ ନିର୍ଭର କରାଯାଏ। ‘ପ୍ରୋବେଟ୍’ ହେଉଛି ଏକ ଆଇନଗତ ପ୍ରକ୍ରିୟା, ଯାହା ମାଧ୍ୟମରେ ମରଣୋତ୍ତର ଜଣେ ବ୍ୟକ୍ତିର ଇଚ୍ଛାପତ୍ର ନ୍ୟାୟାଧୀଶଙ୍କ ଦ୍ୱାରା ସ୍ୱୀକୃତି ପାଇଥାଏ। ଯଦି କୌଣସି ବ୍ୟକ୍ତି ଇଚ୍ଛାପତ୍ର ନ ଲେଖି ଇହଲୋକ ତ୍ୟାଗ କରନ୍ତି, ତାହାକୁ ‘ଇନ୍ଟେଷ୍ଟେଟ୍ ମୃତ୍ୟୁ’ କୁହାଯାଏ। ଏହି ପରିସ୍ଥିତିରେ, ତାଙ୍କ ସମ୍ପତ୍ତି କିପରି ଭାଗବଣ୍ଟା ହେବ ତାହା ଦେଶର ‘ଉତ୍ତରାଧିକାର ଆଇନ’ ଅନୁଯାୟୀ ନ୍ୟାୟାଳୟ ନିଷ୍ପତ୍ତି ନେଇଥାଏ।

ଅଭିଜ୍ଞ ଓକିଲ, ଚାର୍ଟର୍ଡ ଆକାଉଟାଣ୍ଟ କିମ୍ବା ଦକ୍ଷ ଆର୍ଥିକ ପରାମର୍ଶଦାତାଙ୍କ ପରାମର୍ଶ ନେଇ ଇଚ୍ଛାପତ୍ର ପ୍ରସ୍ତୁତ କରା ଯାଇପାରିବ। ଇଚ୍ଛାପତ୍ର ଲେଖିବା ସମୟରେ ଲେଖୁଥିବା ବ୍ୟକ୍ତିର ବୟସ ଅଠର କିମ୍ବା ତଦୂର୍ଦ୍ଧ୍ୱ ହେବା ସହ ମାନସିକ ସ୍ଥିତି ଭଲ ଥିବା ଦରକାର। ଦଲିଲରେ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ, କିଏ କେତେ ସମ୍ପତ୍ତି କେଉଁଠି ଓ କେତେବେଳେ ପାଇବ ସେ ସବୁର ସ୍ପଷ୍ଟ ଉଲ୍ଲେଖ କରିବାକୁ ପଡ଼ିଥାଏ। ଇଚ୍ଛାପତ୍ରରେ ଅତିକମ୍‌ରେ ଦୁଇଜଣ ସାକ୍ଷୀଙ୍କ ଦସ୍ତଖତ ଥିବା ଦରକାର, ଯାହାକି ଏହାର ବୈଧତା ସୁନିଶ୍ଚିତ କରିଥାଏ। ଇଚ୍ଛାପତ୍ରକୁ ନୋଟାରାଇଜ ବା ପଞ୍ଜିକୃତ କରିବାରେ କୌଣସି ବାଧ୍ୟବାଧକତା ନାହିଁ। ପଞ୍ଜିକୃତ କଲେ ଦଲିଲର ଆଇନଗତ ବୈଧତା ବୃଦ୍ଧି ପାଏ।

ଇଚ୍ଛାପତ୍ର ପ୍ରସ୍ତୁତ କରିବାର କିଛି ନିର୍ଦ୍ଦିଷ୍ଟ ସମୟ ନାହିଁ। ଏହା ବ୍ୟକ୍ତିର ବ୍ୟକ୍ତିଗତ ନିଷ୍ପତ୍ତି। ତେବେ ବିବାହ ସମୟ, ପିଲାଙ୍କ ଜନ୍ମ, ବ୍ୟବସାୟର ପ୍ରାରମ୍ଭ, ସମ୍ପତ୍ତି କ୍ରୟ ବା ଉତ୍ତରାଧିକାରୀ ରୂପେ ସମ୍ପତ୍ତି ଅଧିଗ୍ରହଣ ହେଉଛି ଇଚ୍ଛାପତ୍ର କରିବାର ପ୍ରକୃଷ୍ଟ ସମୟ। ନିଜର ସ୍ୱାସ୍ଥ୍ୟ ସେବା ଜନିତ ଖର୍ଚ୍ଚକୁ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଦରକାର। ତେବେ ନିଜକୁ ସୁହାଇବା ଭଳି ଜୀବନକାଳରେ ଇଚ୍ଛାପତ୍ରକୁ କେବେ ମଧ୍ୟ ରଦ୍ଦ ବା ପରିବର୍ତ୍ତନ କରିହେବ।

ଇଚ୍ଛାପତ୍ରରେ ଜଣେ ନିର୍ବାହକଙ୍କ ନାମ ଉଲ୍ଲେଖ ଥାଏ। ବ୍ୟକ୍ତିର ଦେହାନ୍ତ ପରେ ତା’ ଇଚ୍ଛାପତ୍ରରେ ଉଲ୍ଲେଖ ଥିବା ତଥ୍ୟାନୁସାରେ ନିର୍ବାହକ କାର୍ଯ୍ୟ ସମ୍ପାଦନ କରିଥାଏ। ବ୍ୟକ୍ତିର ପରିବାର ପ୍ରତି ନୈତିକ ଦାୟିତ୍ୱ ଥାଏ। କୋଣସି କାରଣରୁ ତା’ର ହଠାତ ମୃତ୍ୟୁ ହେଲେ ପରିବାର ଉପରେ ଦୁଃଖ ମାଡ଼ିଆସେ। ପରିବାର କିମ୍ବା ପରିବାରରେ ଥିବା ନାବାଳକ ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଆନୁସଂଗିକ ଖର୍ଚ୍ଚର ପ୍ରାବଧାନ ଇଚ୍ଛାପତ୍ରରେ ଥିଲେ ବ୍ୟକ୍ତିର ଅସମୟରେ ଦେହାନ୍ତ ହେଲେ ମଧ୍ୟ ଉତ୍ତରାଧିକାରୀମାନେ ଆର୍ଥିକ ଅସୁବିଧାରେ ପଡ଼ି ନ ଥା’ନ୍ତି।

ବ୍ୟକ୍ତିର ନିଜ ଧନ ସମ୍ପତ୍ତି ଉପରେ ସମ୍ପୂର୍ଣ୍ଣ ଅଧିକାର ଥାଏ। ବଞ୍ଚିବା ଅବସ୍ଥାରେ ଏହି ସମ୍ପତ୍ତି ଅନ୍ୟମାନଙ୍କ ପାଖକୁ ଚାଲିଗଲେ ବ୍ୟକ୍ତି ନିଜର ଅଧିକାର ହରାଇ ବସେ। ଭରଣପୋଷଣ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଖର୍ଚ୍ଚ ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡ଼େ। ଅନେକ ସଂସ୍କାରୀ ସନ୍ତାନ ବୃଦ୍ଧାବସ୍ଥାରେ ପିତାମାତାଙ୍କ ଯତ୍ନ ନେଇଥା’ନ୍ତି, ସମ୍ପତ୍ତି ପାଇବାର ଲାଳସା ସେମାନଙ୍କର ନଥାଏ। ଘରେ ଥାଏ ଏକ ସକାରାତ୍ମକ ପରିବେଶ। ଉତ୍ତରାଧିକାରୀଙ୍କ ମଧ୍ୟରେ ଉତ୍ତମ ସହଯୋଗ, ସହାନୁଭୂତି ମନୋଭାବ ଥିଲେ ଇଚ୍ଛାପତ୍ର ଦ୍ୱାରା ବ୍ୟକ୍ତିର ମରଣୋତ୍ତର ସମ୍ପତ୍ତି ବଣ୍ଟନ ପ୍ରକ୍ରିୟା ସହଜରେ ସଂଗଠିତ ହୋଇଥାଏ।

(ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ)
ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

# ଆମ ବୃକ୍ଷଲତା ଆମ ଜୀବନ

**କମଳାଗୁଣ୍ଡି**

**ପ୍ରକୃତି-ପରିବେଶ**

**ସୌଭାଗ୍ୟସୁନ୍ଦର**

କମଳାଗୁଣ୍ଡି ଏକ ସାଧାରଣ ବହୁବର୍ଷୀୟ ଉଦ୍ଭିଦ, ଯାହା ସାରା ଭାରତ ସମେତ ଆଫଗାନିସ୍ତାନ, ଶ୍ରୀଲଙ୍କା, ମାଲେସିଆ, ଚୀନ୍, ଫିଲିପାଇନ୍ସ ଓ ଅନ୍ୟାନ୍ୟ ଦକ୍ଷିଣ-ପୂର୍ବ ଏସୀୟ ଦେଶ ଏବଂ ଅଷ୍ଟ୍ରେଲିଆରେ ଦେଖାଯାଏ। ଏହା ତୁଷାରପାତ ଓ ମରୁଡ଼ି ପ୍ରତିରୋଧୀ। କମଳାଗୁଣ୍ଡିକୁ ବିଭିନ୍ନ ଅଞ୍ଚଳରେ କପିଳଗୁଣ୍ଡି, ପାଟଗୁଣ୍ଡା, କୁଙ୍କୁମ ନାମରେ ମଧ୍ୟ ପରିଚିତ।

ପ୍ରାୟ ୧୦ରୁ ୨୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରୁଥିବା କମଳାଗୁଣ୍ଡିର ଗଣ୍ଡି ୪୦ ସେମି ବ୍ୟାସ ବିଶିଷ୍ଟ। ଛାଲି ମସୃଣ କିମ୍ବା କୁଞ୍ଚିତ, ଧୂସର ରଙ୍ଗର। ଛୋଟ ଶାଖାଗୁଡ଼ିକ ଛୋଟ କେଶ ସହିତ ଆଚ୍ଛାଦିତ ଥାଏ। ପତ୍ରଗୁଡ଼ିକ ସରଳ, ଚମଡ଼ା ଭଳି, ବିକଳ୍ପ ଭାବରେ ସଜା ଯାଇଥିବା ଅଣ୍ଡାକାର କିମ୍ବା ଚତୁର୍ଭୁଜାକାର, ଲୋମଶ -ମଖମଲ, ୪ ରୁ ୧୨ ସେମି ଲମ୍ବା, ୨ ରୁ ୭ ସେମି ଚଉଡ଼ା। ପତ୍ରଗୁଡ଼ିକ ମୂଳରୁ ୩ ଶିରା ବିଶିଷ୍ଟ। ମାର୍ଚ୍ଚରୁ ଏପ୍ରିଲ ପର୍ଯ୍ୟନ୍ତ ଫୁଲ ଫୁଟେ ଏବଂ ଜୁଲାଇ-ଅଗଷ୍ଟରେ ଫଳ ପାଚିଥାଏ। ଏଥିରେ ପିମ୍ପୁଡ଼ିଙ୍କୁ ଆକର୍ଷିତ କରୁଥିବା ଅତିରିକ୍ତ ଫୁଲର ଅମୃତ ଥାଏ। ଫଳ ଏକ ତିନିଫାଳିଆ ଅଣ୍ଡାକୃତି, ପ୍ରଚୁର କମଳା କିମ୍ବା ଲାଲ ଗ୍ରନ୍ଥ ଦାନା ସହିତ କଳା ରଙ୍ଗର ୩ବୀଜ ଓ ୪ ମିମି ବ୍ୟାସ ବିଶିଷ୍ଟ।

ଏହି ଉଦ୍ଭିଦଟି ପାରମ୍ପରିକ ଭାବରେ ଫାଇଲେରିଆଲ୍, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟି-ଇନ୍‌ଫ୍ଲେମାଟୋରୀ, ଆଣ୍ଟି-ଏଚ୍ଆଇଭି ଏବଂ ଇମ୍ମ୍ୟୁନିଏଟ୍-ନିୟନ୍ତ୍ରକ, ପ୍ୟୁଗେଟିଭ୍, ଆଣ୍ଟେଲମିଣ୍ଟିକ୍, ଡିଟରଜେଣ୍ଟ, କାର୍ମିନେଟିଭ୍, ଆଲେକ୍ସିଟେରିକ ଭାବେ ବ୍ୟବହୃତ ହୁଏ। ଶ୍ୱାସରୋଗ, ପେଟ ରୋଗ, ପ୍ଲୀହା ବୃଦ୍ଧି, ପେଟ ଘା’, କୃମି, ଚର୍ମରୋଗ, ଆଣ୍ଟିମାଇକ୍ରୋବାୟଲ୍, ଆଣ୍ଟିପାରାସାଇଟିକ୍ ଇତ୍ୟାଦି ଚିକିତ୍ସାରେ ଏହା ଉପଯୋଗୀ। ଆୟୁର୍ବେଦ ଅନୁସାରେ, ପତ୍ରଗୁଡ଼ିକ ତିକ୍ତ, ଶୀତଳ ଓ ଭୋକବର୍ଦ୍ଧକ। ଏହାକୁ ମୌଖିକ ଗର୍ଭ ନିରୋଧକ ଭାବରେ ଏବଂ ତେଲକୁ କେଶ-ନିର୍ଦ୍ଦିଷ୍ଟକ ଭାବରେ ବ୍ୟବହାର କରାଯାଏ। ବିହନରୁ ତିଆରି ପିଠାକୁ ଜୈବ ସାର ଭାବରେ ବ୍ୟବହାର କରାଯାଏ। ଉଦ୍ଭିଦର ବିଭିନ୍ନ ଅଂଶରେ ଥିବା ଫାଇଟୋକେମିକାଲ୍ସରେ ବିଭିନ୍ନ ପ୍ରାକୃତିକ ଜୈବିକ ଉପାଦାନ, ଯଥା ଫେନୋଲ୍ସ, ଡାଇଟରପେନୋଇଡ୍ସ, ଷ୍ଟେରଏଡ୍ସ, ଫ୍ଲାଭୋନୋଇଡ୍ସ, କାର୍ଡେନୋଲାଇଡ୍ସ, ଟ୍ରାଇଟରପେନୋଇଡ୍ସ, କୁମାରିନ, ଆଇସୋକୋମାରିନ୍ସ, ଆଣ୍ଟିଅକ୍ସିଡାଣ୍ଟ କାରକ ଟାନିନ୍, ଅଣସାଚୁରାଇଜଡ୍ ଫ୍ୟାଟି ଏସିଡ୍ ବା ଟ୍ରିପଲିଅନସାଚୁରାଡ୍ ହାଇଡ୍ରୋକ୍ସି ଏସିଡ୍ କାମଲୋଲେନିକ୍ ଏସିଡ୍, ଗ୍ଲିସେରାଇଡ, ରୋଟଲେରିନ୍, ଆଇସୋରୋଟଲେରିନ୍ ଆଦି ଭରପୂର ରହିଛି। ମାଲୋଟୋକ୍ସିନ୍ ଓ ରୋଟଲେରିନ୍ କର୍କଟ ଉପଚାର କେମୋଥେରାପିରେ ଉପଯୋଗ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ପରିପକ୍ୱ ଫଳଗୁଡ଼ିକ ଲାଲ ବାଦାମୀ ପାଉଡର ପଦାର୍ଥରେ ଆଚ୍ଛାଦିତ ହୋଇଥାଏ, ଯାହା ହାତରେ ଫଳଗୁଡ଼ିକୁ ହଲାଇ ଏବଂ ଘଷି କପଡ଼ାରେ ସଂଗ୍ରହ କରାଯାଏ। ସଂଗୃହୀତ ପଦାର୍ଥ ସୂକ୍ଷ୍ମ, ଦାନାଦାର ପାଉଡର, ଅଦ୍ରବଣୀୟ ହୋଇଥିବାରୁ ପାଣିରେ ଭାସମାନ ରହିଥାଏ। ଏହା ଫୁଟୁଥିବା ପାଣିରେ ସାମାନ୍ୟ ଦ୍ରବଣୀୟ, କିନ୍ତୁ ଇଥର ଓ ଆଲକୋହୋଲରେ ଯଥେଷ୍ଟ ଦ୍ରବଣୀୟ ଏବଂ ଗଭୀର-ଲାଲ ଦ୍ରବଣ ଗଠନ କରେ। ଏହାର ମୁଖ୍ୟ ରଙ୍ଗ ଉପାଦାନ ହେଉଛି ରୋଟଲେରିନ୍, ଆଇସୋରୋଟଲେରିନ୍, ଯାହା ରେଶମ, ପଶମ, ଖାଦ୍ୟ ଓ ପାନୀୟ ପଦାର୍ଥ ରଙ୍ଗକୁ ରଙ୍ଗ କରିବା ପାଇଁ ଉପଯୁକ୍ତ ଉତ୍ପାଦନ ଏବଂ କସମେଟିକ୍ ପ୍ରସାଧନ ପ୍ରସ୍ତୁତ ପାଇଁ ବ୍ୟବହୃତ ହୁଏ।

ଏହାର କାଠ ହାଲୁକା ଓ ଶକ୍ତ ଥିବାରୁ କୃଷି ଉପକରଣ, ଆସବାବ ନିର୍ମାଣ, କାଗଜ ପଲ୍ପ ବା ମଣ୍ଡ ପାଇଁ ଉପଯୋଗୀ। ଶୁଖିଲା ବିହନକୁ ୬ ମାସ ପର୍ଯ୍ୟନ୍ତ ଶୁଖିଲା ସ୍ଥାନରେ ଅଖା ବା ଗନି ବ୍ୟାଗରେ କିମ୍ବା ଟିଣରେ ସଂରକ୍ଷଣ କରାଯାଇପାରିବ। ଏହାକୁ ବର୍ଷା ଋତୁ ଆରମ୍ଭରେ ବିହନ ଭାବରେ ବୁଣା ଯାଇପାରିବ। ଗଛର ମୂଳରୁ ମଧ୍ୟ ଆପେ ନୂତନ ଚାରା ଗଛ ମୁକ୍ତ ଭାବରେ ଉତ୍ପନ୍ନ ହୋଇ ବଂଶ ବିସ୍ତାର ହୁଏ। ବହୁମୁଖୀ ଗୁଣ ପାଇଁ ଏହି ଜଙ୍ଗଲୀ ଗଛର ସଂରକ୍ଷଣ ଜରୁରୀ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଲଇକେରାରେ ତେଜିଲା ମଦ ବିରୋଧୀ ଅଭିଯାନ

# ପ୍ଲାକାର୍ଡ ଧରି ଗାଁ ଗାଁ ବୁଲିଲେ ଶତାଧିକ ମହିଳା

**ସୁନ୍ଦରଗଡ଼, ୧।୬(ସମିସ):** ହେମଗିରି ବ୍ଲକ୍ ଅନ୍ତର୍ଗତ ଲଇକେଲା ପଞ୍ଚାୟତର ସରପଞ୍ଚ ଦିନେଶ ନାଏକଙ୍କ ଉଦ୍ୟମକ୍ରମେ ପଞ୍ଚାୟତରେ ମଦ ବିରୋଧୀ ଅଭିଯାନ ତେଜିବାରେ ଲାଗିଛି। କିଛି ଦିନ ତଳେ ଗୋପାଳପୁର ଲାଇସେନ୍ସପ୍ରାପ୍ତ ମଦଭାଟିକୁ ଲଇକେରାକୁ ସ୍ଥାନାନ୍ତର

## ମଦ ମାଫିଆଙ୍କୁ ପଞ୍ଚାୟତ ଛାଡ଼ିବାକୁ ଚେତାବନୀ

ପାଇଁ ପ୍ରଶାସନର ନିଷ୍ପତ୍ତି ବିରୋଧରେ ଗ୍ରାମସଭାରେ ପ୍ରସ୍ତାବ ଗୃହୀତ ହୋଇଥିବା ବେଳେ ଆଜି ଶତାଧିକ ମହିଳା ଶୋଭାଯାତ୍ରାରେ ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରି ମଦ ବିରୋଧରେ ସଚେତନତା ସୃଷ୍ଟି କରିଛନ୍ତି।

ଏହି ଶୋଭାଯାତ୍ରାରେ ନଙ୍ଗଲକଟା, ଠିଟେଇଟାଙ୍ଗର, ଲଇକେରା, ସାରେଶମାଲ, ବନ୍ଧପାଲି, କାଲୋବାହାଲ, ବାଲିଯୋରୀ ଗ୍ରାମର ଶତାଧିକ ମହିଳା ସାମିଲ ହୋଇ ମଦଭାଟି ବିରୁଦ୍ଧରେ ତୀବ୍ର ସ୍ୱର ଉତ୍ତୋଳନ କରିଥିଲେ। ସେମାନେ ହାତରେ ମଦ ବିରୋଧୀ ପ୍ଲାକାର୍ଡ ପ୍ରଦର୍ଶନ ପୂର୍ବକ ବିଭିନ୍ନ ସ୍ଲୋଗାନ ଦେଇ ପଞ୍ଚାୟତର ଗୋଟିଏ ପରେ ଗୋଟିଏ ଗାଁ ମାଡ଼ି ଚାଲିଥିଲେ। ମଦମୁକ୍ତ ପଞ୍ଚାୟତ ଗଠନ କରିବାକୁ




ଗାଁ ଲୋକଙ୍କୁ ପ୍ରବର୍ତ୍ତାଇଥିଲେ। ପଞ୍ଚାୟତବାସୀଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଗୋପାଳପୁର ମଦଭାଟିକୁ ଲଇକେରାରେ ସ୍ଥାପନ ଉଦ୍ୟମରୁ ପ୍ରଶାସନ ନଓହରିଲେ, ନିଆଁ ଜଳିବ ବୋଲି ଚେତାଇ ଦେଇଥିଲେ। ମଦ ମାଫିଆମାନଙ୍କୁ ମଧ୍ୟ ପଞ୍ଚାୟତ ଛାଡ଼ି ଚାଲିବାକୁ ଚେତାବନୀ ଦେଇଛନ୍ତି। ମଦ୍ୟପାନ ଯୋଗୁଁ ଘରେ, ବାହାରେ, ଗାଁରେ ଅଶାନ୍ତିକର ବାତାବରଣ ସୃଷ୍ଟି ହେବା, ନାନା ରୋଗବ୍ୟାଧିରେ ପଡ଼ି ଅକାଳରେ ଜୀବନ ଯିବା, ଗାଁ ଗାଁରେ ବିଧବା ସଂଖ୍ୟା ବଢ଼ି ଚାଲିବା, ଯୁବପିଢ଼ି ବିପଥଗାମୀ ହେବା ଆଦି ସେମାନେ ଅଭିଯୋଗ କରିଛନ୍ତି। ଯେତେ ଯାହା ମୂଲ୍ୟ ଦେବାକୁ ପଡ଼ିଲେ ବି ଆଗାମୀ ଦିନରେ ଏହି ମଦ ବିରୋଧୀ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସେମାନେ କହିଛନ୍ତି।

## ଏମ୍‌ଭି ଆକ୍ଟରେ ପୁଲିସକୁ କ୍ଷମତା

# ଯାନବାହନ ଯାଞ୍ଚ ସହ କରିପାରିବେ ଜରିମାନା ଆଦାୟ

**ଭୁବନେଶ୍ୱର,୧।୬(ସମିସ):** ରାଜ୍ୟର ସମସ୍ତ ସହରାଞ୍ଚଳରେ ପୁଲିସକୁ ମୋଟର ଯାନ ସମ୍ପର୍କିତ ସମସ୍ତ ଯାଞ୍ଚ କ୍ଷମତା ସହ ଜରିମାନା ଆଦାୟ କ୍ଷମତା ଦେବା ପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ରାଜ୍ୟ ପରିବହନ କମିସନର ଏକ ଚିଠି ଲେଖି ଏ ସମ୍ପର୍କରେ ନିଷ୍ପତ୍ତି ନେବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ନିବେଦନ କରିଛନ୍ତି।

ମୋଟର ଯାନ ଆଇନ(ଏମ୍‌ଭି ଆକ୍ଟ)-୧୯୮୮ ଅନୁଯାୟୀ ସଂପ୍ରତି ପୁଲିସକୁ କିଛି କ୍ଷମତା ପ୍ରଦାନ କରାଯାଇଛି। ଏହି କ୍ଷମତା ବଳରେ ପୁଲିସ ପକ୍ଷରୁ ହେଲ୍‌ମେଟ୍ ଓ ଭୁଲ୍ ଦିଗରେ ଗାଡ଼ି ଚାଳନା, ଟ୍ରିପଲ୍ ରାଇଡର ଓ ସିଟ୍ ବେଲ୍ଟ ନ ବାନ୍ଧିବା ଭଳି ନିୟମ ଉଲ୍ଲଙ୍ଘନ ପାଇଁ ଜରିମାନା ଆଦାୟ କରାଯାଉଛି। ମାତ୍ର ଆଗକୁ ପୁଲିସକୁ ଏ କ୍ଷେତ୍ରରେ ଅଖଣ୍ଡ କ୍ଷମତା ଦେବା ପାଇଁ ପରବହନ ବିଭାଗ ପକ୍ଷରୁ ବିଚାର କରାଯାଉଛି। ଯଦିଓ ରାଜ୍ୟରେ ଦୁର୍ଘଟଣା ହ୍ରାସକୁ ଆକଳନ କରି ବିଭାଗ ଏଭଳି ନିଷ୍ପତ୍ତି ନେବା ପାଇଁ ଯୋଜନା କରୁଛି, ହେଲେ ବିଭାଗର ଏଭଳି ନିଷ୍ପତ୍ତି ପଛରେ ଅନ୍ୟ କିଛି ଉଦ୍ଦେଶ୍ୟ ରହିଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ରାଜ୍ୟ ପରିବହନ କମିସନରଙ୍କ ପକ୍ଷରୁ ଲିଖିତ ଚିଠିରେ ଦର୍ଶାଯାଇଛି ଯେ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ପୁଲିସ ଷ୍ଟେସନରେ ନିଯୁକ୍ତ ସବ-ଇନ୍ସପେକ୍ଟର ପଦବୀ ଏବଂ ତା'ଠାରୁ ଅଧିକ ପାହ୍ୟାର ପୁଲିସ ଅଧିକାରୀ, ଓ ଗ୍ରାମାଞ୍ଚଳରେ ନିଯୁକ୍ତ ସହକାରୀ ସବ-ଇନ୍ସପେକ୍ଟର ପଦବୀ ଏବଂ ତା'ଠାରୁ ଅଧିକ ପାହ୍ୟାର ଅଧିକାରୀ ଏବଂ ରାଜ୍ୟର ସମସ୍ତ ଟ୍ରାଫିକ ପୁଲିସ ଷ୍ଟେସନକୁ ଏମ୍‌ଭି ଆକ୍ଟ-୧୯୮୮ର ଧାରା ୧୮୦, ୧୮୧, ୧୮୪ (କ), ୧୮୪ (ଖ), ୧୮୪ (ଘ), ୧୮୪ (ଇ), ୧୮୪ (ଚ), ୧୮୫, ୧୯୨, ୧୯୬ ଅନୁଯାୟୀ ଦଣ୍ଡନୀୟ ମୋଟରଯାନ ଏବଂ ଯୌଗିକ ଅପରାଧ ଯାଞ୍ଚ କରିବାକୁ ଅଧିକାର ଦିଆଯାଇପାରେ। ଏହି ନିଷ୍ପତ୍ତି ବଳରେ ପୁଲିସ ଅଧିକାରୀମାନେ ପୂର୍ବ କ୍ଷମତା ସାଙ୍ଗକୁ ଫିଟ୍‌ନେସ୍, ଇନସ୍ୟୁରାନ୍ସ, ପରମିଟ୍, ରେଜିଷ୍ଟ୍ରେସନ୍ ଆଦି କ୍ଷେତ୍ରରେ ମଧ୍ୟ ଜରିମାନା ଆଦାୟ କରିପାରିବେ।

ବରିଷ୍ଠ ଆଇନଜୀବୀ ତଥା ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦ କହିଛନ୍ତି ଯେ ଗୋଟିଏ ଘଟଣା ପାଇଁ ପୁଲିସ ଓ ପରିବହନ ବିଭାଗକୁ ମିଳିତ ଭାବେ କ୍ଷମତା ଦିଆଯାଇପାରିବ ନାହିଁ। ଏହାଦ୍ୱାରା ଲୋକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବାର ଆଶଙ୍କା ରହିଛି। ଯାହାକୁ ନେଇ ପୂର୍ବରୁ ମାସାନୀ କମିସନ ଆପତ୍ତି ଉଠାଇବା ସହ ଏଭଳି ନିୟମ କାର୍ଯ୍ୟକାରୀ ନ କରିବାକୁ ସୁପାରିସ୍ କରିଛନ୍ତି। ଅନ୍ୟପଟେ ବର୍ତ୍ତମାନ ପୁଲିସ ନିଜ କ୍ଷମତା ବଳରେ ଯେଉଁ ଜରିମାନା ଅର୍ଥ ଆଦାୟ କରୁଛି, ଏହି ଅର୍ଥକୁ ମାସ ମାସ ଧରି କୋର୍ଟକୁ ପଠାଉନାହିଁ। ପୁଣି ଯେଉଁ ଦଫାଗୁଡ଼ିକରେ ପୁଲିସକୁ କ୍ଷମତା ଦେବା ପାଇଁ ଯୋଜନା ହେଉଛି, ସେହି ଦଫାରେ ଜରିମାନାର ପରିମାଣ ବହୁ ଅଧିକ ରହିଛି। ତେଣୁ ପୁଲିସକୁ ଏମ୍‌ଭି ଆକ୍ଟରେ ଯାନ ଯାଞ୍ଚ ଓ ଜରିମାନା ଆଦାୟ କ୍ଷମତା ଦିଆଗଲେ ପରିବହନ ବିଭାଗର ଆର୍ଥିକ ସ୍ଥିତି ବିଗିଡ଼ିଯିବା ସହ ପୁଲିସ ବିଭାଗ ଅଧିକ ଶକ୍ତିଶାଳୀ ହେବ ବୋଲି ଶ୍ରୀ ନନ୍ଦ ମତ ଦେଇଛନ୍ତି।

# ଓମ୍‌ଫେଡ୍‌ର ଏ-୨, ଏ-୨ ଘିଅ ବିକ୍ରି ଆରମ୍ଭ




**ଭୁବନେଶ୍ୱର,୧।୬(ସମିସ):** ବିଶ୍ୱ ଦୁଗ୍ଧ ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓମଫେଡ୍ ବାଲ୍ଟି ଦହି, ଏ-୨ ମିଲ୍କ, ଏ-୨ ଘିଅର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୂତନ ଗୋଶାଳା ପ୍ରତିଷ୍ଠା ଓ ପଞ୍ଜିକୃତ ଗୋଶାଳାକୁ ସହାୟତା ଲକ୍ଷ୍ୟରେ ସରକାର ୧୮୬ କୋଟି ଟଙ୍କା ବ୍ୟୟ ଅଟକଳରେ "ମୁଖ୍ୟମନ୍ତ୍ରୀ ପ୍ରାଣୀକଲ୍ୟାଣ ଯୋଜନା'ର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଲୋକସେବା ଭବନ ସମ୍ମେଳନ କକ୍ଷଠାରେ ରାଜ୍ୟସ୍ତରୀୟ ବିଶ୍ୱ ଦୁଗ୍ଧ ଦିବସରେ ରାଜ୍ୟର ଓମ୍‌ଫେଡ୍ ଦୁଗ୍ଧ ଉତ୍ପାଦକମାନଙ୍କୁ ସରକାରଙ୍କ ତରଫରୁ ଲିଟର ପିଛା ୩ ଟଙ୍କା ଅଧିକ ଦାମ ଦିଆଯିବ ବୋଲି ଘୋଷଣା କରିଛନ୍ତି। ଏହା ସହିତ ଓମଫେଡ ଚାଷୀମାନଙ୍କୁ ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ରାଶି ୧ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ପଣ୍ଡିଗାଁ ମଣ୍ଡିରେ ମିଲର୍ସଙ୍କ ମନମାନି

# ମନ୍ଥର ଗତିରେ ଧାନ ଉଠାଣ ପାଇଁ ତାତିଲେ ଚାଷୀ

**କଲମପୁର,୧।୬(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ପ୍ୟାକ୍ସ ଅଧୀନ ପଣ୍ଡିଗାଁ ମଣ୍ଡିରେ ଅବ୍ୟବସ୍ଥା ସମେତ ମିଲର୍ସଙ୍କ ମନମାନି ନେଇ ରବିବାର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିରେ କଲମପୁର ବ୍ଲକ୍ କଂଗ୍ରେସ ଭାରପ୍ରାପ୍ତ ସଭାପତି ବିପିନ ପ୍ରଧାନୀ, ବିଜେଡି ବ୍ଲକ୍ ସଭାପତି ଅଭିମନ୍ୟୁ ବାଗ, ବିଜେପି ପୂର୍ବତନ ବ୍ଲକ ସଭାପତି କମଳ ବାଗ, ରାହାସ ରାଉତ, ହର ହଂସ, କୃଷ୍ଣ ବାଗଙ୍କ ସମେତ ଅନେକ ଚାଷୀ ମଣ୍ଡିରେ ଚାଲୁଥିବା ମନମାନି କାରବାରକୁ ଭର୍ତ୍ସନା କରିବା ସହ ସୂଚାରୁରୂପେ ପରିଚାଳନା ନ କଲେ ରାଜରାସ୍ତା ଅବରୋଧ କରିବାକୁ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁସାରେ, ପଣ୍ଡିଗାଁ ମଣ୍ଡିରୁ ଧାନ ଉଠାଣ ପାଇଁ ୬ଟି ମିଲ୍‌କୁ ଅନୁମତି ଦିଆଯାଇଛି। ୬ଟି ମିଲର ଏଜେଣ୍ଟ ଭାବେ ୨ ଜଣ ବ୍ୟକ୍ତି ନିୟୋଜିତ ହୋଇଛନ୍ତି। ଶିବାଶିଷ ବେହେରା ୨ଟି ମିଲ୍ ପାଇଁ କାମ କରି ପ୍ରାୟ ୫ ହଜାର କୁଇଣ୍ଟାଲ ଧାନ ଉଠାଇଛନ୍ତି। ପିଣ୍ଟୁ ଜୈନ ୪ଟି ମିଲ୍ ପାଇଁ କାମ କରି ୧ ହଜାର କୁଇଣ୍ଟାଲ ଧାନ ଉଠାଇଛନ୍ତି। ଏହି ମଣ୍ଡିରୁ ପ୍ରଥମ ପର୍ଯ୍ୟାୟରେ ଉଠାଣ ପାଇଁ ୨୬,୪୦୦କୁଇଣ୍ଟାଲ ଟାର୍ଗେଟ ରହିଛି। ଏ ପର୍ଯ୍ୟନ୍ତ ୬ ହଜାର ୨୫ କେଜି ଧାନ ଉଠାଣ ହୋଇଛି। ଗାଇଗାଁ ବାସୁଦେବ ମିଲ୍ ୫ହଜାର ପାଇଥିବା ଟାର୍ଗେଟରୁ ବର୍ତ୍ତମାନ ସୁଦ୍ଧା ୭୩୬ କୁଇଣ୍ଟାଲ ୨୦କେଜି ଉଠାଇଛି। ସେହିଭଳି ବିଶ୍ୱନାଥ ୩ ହଜାରରୁ ୨୬୭ କୁଇଣ୍ଟାଲ ୪୦କେଜି, ଦୁର୍ଗା ରାଇସ୍ ମିଲ୍ ୭ ହଜାରରୁ ୩୬୩୧କୁଇଣ୍ଟାଲ ୬୭ କେଜି, କଳିଙ୍ଗା ରାଇସ୍ ମିଲ୍ ୪ହଜାରରୁ ୭୪୧ କୁଇଣ୍ଟାଲ ୬୦କେଜି, ପୂଜା ଏଗ୍ରୋ ଇଣ୍ଡଷ୍ଟ୍ରି ୩ହଜାର ୪ଶହରୁ ୭୨୬ କୁଇଣ୍ଟାଲ ୪୦କେଜି ଉଠାଇଛି। ତେବେ ଶ୍ରୀକ୍ରିଷ୍ଣା ରାଇସ୍ ମିଲ୍ ୪ ହଜାରରୁ କିଛି ବି ଉଠାଇନାହିଁ। ସମୁଦାୟ



୨୬ ହଜାର ୪ଶହ କୁଇଣ୍ଟାଲରୁ ବର୍ତ୍ତମାନ ସୁଦ୍ଧା ୬ ହଜାର୨୦୮ କୁଇଣ୍ଟାଲ ୨୫କେଜି ଧାନ ମିଲର୍ସମାନେ ଉଠାଣ କରିଛନ୍ତି। ଏଣୁ ଏହି ମଣ୍ଡିରେ ଧାନ ଉଠାଣରେ ମନ୍ଥରତା ଦେଖାଯାଇଥିବାରୁ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

୨ଟି ମିଲ୍ ୫ହଜାର କୁଇଣ୍ଟାଲ ଧାନ ଉଠାଣ କରିବାରେ ସକ୍ଷମ ହୋଇଥିବା ବେଳେ କାହିଁକି ୪ଟି ମିଲ୍ ୧ ହଜାର କୁଇଣ୍ଟାଲରେ ସୀମିତ ରହିଲା, ଏହାର ଅସଲ କାରଣ କ'ଣ ହୋଇପାରେ, ତାହା ବଡ଼ ପ୍ରଶ୍ନ ପାଲଟିଛି।

ଏନେଇ ପ୍ୟାକ୍ସ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କ୍ଷେତ୍ରମୋହନ ବାଗଙ୍କୁ ପଚାରିବାରୁ ଶିବାଶିଷ ବେହେରା ହିଁ ଏକମାତ୍ର ଏଜେଣ୍ଟ ଭାବେ ନିଯୁକ୍ତ ହୋଇଥିବା ବେଳେ ଅନ୍ୟ ମିଲ୍‌ଗୁଡ଼ିକ ଏଜେଣ୍ଟ ମଧ୍ୟ ଏପର୍ଯ୍ୟନ୍ତ ନିଯୁକ୍ତ କରି ନଥିବା କହିଛନ୍ତି। ତେବେ ପିଣ୍ଟୁ ଜୈନ ମଣ୍ଡିରୁ ପଠାଇଥିବା ଧାନ କୁଆଡ଼େ ଗଲା, କେଉଁ ପ୍ରକ୍ରିୟାରେ ପିଣ୍ଟୁ ଜୈନ ଧାନ ନେବାକୁ ଦିଆଗଲା, ଏଭଳି ଅନେକ ଅସମାହିତ ପ୍ରଶ୍ନର ଉତ୍ତର ଖୋଜିଲେ ବି ମିଳିପାରୁନାହିଁ। ଏପଟେ ବର୍ଷା ଯୋଗୁଁ ଧାନ ଉଠାଣରେ ବ୍ୟାଘାତ ହୋଇଥିବା ବିଭାଗ ସଫେଇ ଦେଇଛି। ତେବେ ୨ଟି ମିଲ୍ ଧାନ ଉଠାଣରେ ପ୍ରତିକୂଳ ପାଗ ସତ୍ତ୍ୱେ ସମ୍ଭବ କରିପାରିଲା। ବାକି ମିଲ୍ କାହିଁକି ନୁହେଁ ବୋଲି ଉପସ୍ଥିତ ଚାଷୀ ପାଲଟା ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷେ ପଣ୍ଡିଗାଁ ମଣ୍ଡି ଖାଲୁଆ ଜାଗାରେ ଅସ୍ଥାୟୀ ଭାବେ ଚାଲୁଛି। ଟ୍ରକ୍ ପଶିଲେ ବାହାରି ପାରୁନାହିଁ। ଏଣୁ, ରାସ୍ତା ଉପରେ ସିଧାସଳଖ ଧାନ ବିକ୍ରି କରିବାକୁ ସୁଯୋଗ ଦିଆଯାଉ ବୋଲି ଚାଷୀ ଦାବି ରଖିଥିଲେ। ଏନେଇ ପ୍ୟାକ୍ସ ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ବାଗ ଚାଷୀଙ୍କୁ ବୁଝାଇବା ପରେ ସେମାନେ ଶାନ୍ତ ପଡ଼ିଥିଲେ। ଏହାପରେ ମଣ୍ଡିରୁ ଧାନ ଉଠାଣ ସ୍ୱାଭାବିକ ହୋଇଥିଲା।

## ଅବଶିଷ୍ଟାଂଶ

### ୟୁକ୍ରେନ ଡ୍ରୋନ୍‌ର...

ୟୁକ୍ରେନ ସହରଗୁଡ଼ିକୁ ନିଶାଣ କରି ଆକ୍ରମଣ କରିଥାନ୍ତି। ପ୍ରାରମ୍ଭିକ ଆକଳନ ଅନୁଯାୟୀ ୨ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୧୭ ହଜାର କୋଟିରୁ ଅଧିକ ଟଙ୍କାର କ୍ଷତି ହୋଇଛି। ରୁଷର ବେଲାୟା ଏୟାରବେସ୍ ୟୁକ୍ରେନ ସୀମାରୁ ପ୍ରାୟ ୪ ହଜାର କିମି ଏବଂ ଓଲେନ୍ୟା ଏୟାରବେସ୍ ପ୍ରାୟ ୧୮୦୦ କିମି ଦୂରରେ ଅବସ୍ଥିତ। ଏହି ଆକ୍ରମଣ ମସ୍କୋ ପାଇଁ ବଡ଼ ଧକ୍କା ସାବ୍ୟସ୍ତ ହୋଇଛି। ଏହା ଯୁଦ୍ଧକୁ ନୂଆ ଗତି ଦେଇପାରେ। ରୁଷ୍ ୟୁକ୍ରେନ ବିରୋଧରେ ବଡ଼ଧରଣର ଆକ୍ରମଣ କରିପାରେ। ଏବେ ରୁଷ ସେନା ସତର୍କ ହୋଇଯାଇଛି। ଡ୍ରୋନ ଆକ୍ରମଣ ମଧ୍ୟ ବନ୍ଦ ହୋଇଯାଇଛି। ୟୁକ୍ରେନ ଏହାର ନାମ ପାଭୁତିନା କୁମ୍ବା ୱେବ ରଖାଯାଇଥିଲା। ଏହି ଆକ୍ରମଣର ୟୁକ୍ରେନ୍‌ର ସାମରିକ କ୍ଷମତାକୁ ମଧ୍ୟ ପ୍ରଦର୍ଶିତ କରୁଛି।

ଏସ୍‌ବିୟୁ ପକ୍ଷରୁ କୁହାଯାଇଛି ଯେ ଡ୍ରୋନଗୁଡ଼ିକ ରୁଷକୁ ଗଭୀର ଆଘାତ ଦେଇଛି। ଏହା ରୁଷ୍ ଭିତରେ ପ୍ରବେଶ କରି ଟିୟୁ-୯୫, ଟିୟୁ-୨୨ ଭଳି ବଡ଼ ବୋମା ବିସ୍ଫୋରଣକାରୀ ବିମାନ ଏବଂ ଏ-୫୦ ଭଳି ମହଙ୍ଗା ଗୁପ୍ତଚର ବିମାନକୁ କ୍ଷତି ପହଞ୍ଚାଇଛି। ଏ-୫୦ ବିମାନ ବହୁତ ଶକ୍ତିଶାଳୀ। ରୁଷ ପାଖରେ କେବଳ ଏପରି ବିମାନ ରହିଛି। ଗୋଟିଏ ବିମାନର ମୂଲ୍ୟ ପ୍ରାୟ ୩୫୦ ନିୟୁତ ଡଲାର (୩୦୦୦ କୋଟି ଟଙ୍କା) ବୋଲି କୁହାଯାଉଛି। ଏହି ଆକ୍ରମଣରେ ବିଶେଷ କରି ବେଲାୟା ଏୟାରବେସକୁ ବିଶେଷ ନିଶାଣ କରାଯାଇଥିଲା। ତେବେ ସେହି ସମୟରେ ଓଲେନ୍ୟା ଏୟାରବେସରେ ଆକ୍ରମଣ ଘଟିଥିବା ଖବର ମିଳିଥିଲା। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏୟାରବେସ୍‌ରେ ନିଆଁ ଜଳୁଥିବା ଦେଖାଯାଉଛି। ଟିୟୁ-୯୫ ଏବଂ ଟିୟୁ-୧୬୦ ଭଳି ବିମାନ ବହୁତ ପୁରୁଣା। କିନ୍ତୁ ଏଗୁଡିକ କ୍ଷେପଣାସ୍ତ୍ର ସହ ଦୀର୍ଘ ପଥ ଅତିକ୍ରମ କରିପାରିବେ। ଏଗୁଡ଼ିକୁ ରୁଷ ବାୟୁସେନାର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର କୁହାଯାଏ। ଏହି ବିମାନକୁ ଧ୍ୱଂସ କରିବା ୟୁକ୍ରେନ ପାଇଁ ବଡ଼ ସଫଳତା କୁହାଯାଉଛି। ୟୁକ୍ରେନ ପକ୍ଷରୁ ରୁଷ୍‌କୁ ମଧ୍ୟ ଚେତାବନୀ ଦିଆଯାଇଛି। କୁହାଯାଇଛି ଯେ ବୋମାମାଡ଼ ବନ୍ଦ କରିବା ପାଇଁ ରୁଷ୍ ଉପରେ ଏହି ଆକ୍ରମଣ କରାଯାଇଥିଲା। କାରଣ ପ୍ରାୟ ପ୍ରତିଦିନ ରାତିରେ ରୁଷ୍ ବିମାନଗୁଡ଼ିକ ୟୁକ୍ରେନୀୟ ସହର ଉପରେ ଆକ୍ରମଣ କରୁଛନ୍ତି। ଏହି ଆକ୍ରମଣ ରୁଷକୁ କ୍ଷମତାର ଦମ୍ଭକୁ ଭାଙ୍ଗି ଚକିତ କରିଦେଇଛି। ଯଦି ଏହି ଦେଶ ଆକ୍ରମଣ ବନ୍ଦ ନ କରେ ତେବେ ୟୁକ୍ରେନ ପୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ଏହି ଆକ୍ରମଣକୁ ନେଇ ରୁଷ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ବିବୃତ୍ତି ଦିଆଯାଇନାହିଁ। ଯଦି ୟୁକ୍ରେନର ଦାବି ସତ୍ୟ ହୁଏ ତେବେ ଏହା ରୁଷୀୟ ବାୟୁସେନା ଉପରେ ହୋଇଥିବା ସବୁଠାରୁ ବଡ଼ ଆକ୍ରମଣ ହେବ। ଆଗକୁ ମଧ୍ୟ ଡ୍ରୋନ ଆକ୍ରମଣ ଜାରି ରହିବ ବୋଲି ୟୁକ୍ରେନ ପକ୍ଷରୁ କୁହାଯାଇଛି।

### ଏଏସ୍ଆଇଙ୍କୁ ପୋଡ଼ି...

ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ଏଏସ୍ଆଇ ପବିତ୍ରଙ୍କ ପୈତୃକ ଘର କୋରାପୁଟରେ। ସେ କଳାହାଣ୍ଡି ଜିଲ୍ଲା କେ ଗାଁ ଥାନାରେ ୨ବର୍ଷ ତଳେ ଯୋଗ ଦେଇଥିଲେ। କୌଣସି କାରଣରୁ ନିଲମ୍ବିତ ହୋଇ ଏବେ ସେ ଭବାନୀପାଟଣା ରିଜର୍ଭ ପୁଲିସ୍ ମୁଖ୍ୟାଳୟରେ ଅବସ୍ଥାପିତ ଥିଲେ।

ଶନିବାର ବିଳମ୍ବିତ ରାତିରେ ସେ ବାଇକ୍ ଯୋଗେ ଭବାନୀପାଟନାରୁ ଜୁନାଗଡ଼ ରାସ୍ତାରେ ଆସୁଥିଲେ। ତେବେ ଆଜି ସକାଳୁ ଜୁନାଗଡ଼ ଥାନା ବନମାଳୀପୁର ଭାରତ ପେଟ୍ରୋଲ୍ ପମ୍ପ ଏନଏଚ-୨୬ ପାଖରେ ବାଇକ୍ ସହ ତାଙ୍କର ଦରପୋଡ଼ା ଶବ ପଡ଼ିଥିବା କିଛି ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ପ୍ରଥମେ ତାଙ୍କ ପରିଚୟ ମିଳିନଥିଲା। ପରେ ବାଇକ୍ ନମ୍ବର୍‌ରୁ ତାଙ୍କ ସମ୍ପର୍କରେ ଜଣାପଡ଼ିଥିଲା। ଖବର ପାଇ ତାଙ୍କ ପତ୍ନୀ, ମା', ଭାଇ ସହ ପରିବାରଲୋକେ କୋରାପୁଟରୁ ଆସି ପହଞ୍ଚିଛନ୍ତି।

### ଧୋକାଦେଲା...

ନାହିଁ। ୧୦ ତାରିଖରୁ ବାୟୁର ଦିଗ ପରିବର୍ତ୍ତନ ହେବ ଏବଂ ୧୧ କିମ୍ବା ୧୨ରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ବଳୟ ସୃଷ୍ଟି ହେବା ସହ ଏହା ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବ। ସମ୍ଭାବ୍ୟ ଲଘୁଚାପଟି ଓଡ଼ିଶା ବା ସଂଲଗ୍ନ ଉପକୂଳ ଦେଇ ସ୍ଥଳଭାଗକୁ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ସମଗ୍ର ରାଜ୍ୟରେ ୪ ଦିନ ବର୍ଷା ହେବ। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଉପକୂଳ ଓ ଆଭ୍ୟନ୍ତରୀଣରେ ତାପମାତ୍ରା ୩୫-୩୭ ଡିଗ୍ରୀ ମଧ୍ୟରେ ରହିବ। ଏହାପରେ ପୁଣି ତାପମାତ୍ରା ବୃଦ୍ଧି ପାଇବ। ୧୦ ତାରିଖରୁ ତାପମାତ୍ରା କମିବ; ଏଣୁ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଗୁଳୁଗୁଳି ଚାଲୁ ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୪ ତାରିଖରୁ ତାପମାତ୍ରା ସହ ଗୁଳୁଗୁଳିର ପ୍ରଭାବ ଆହୁରି ବଢ଼ିବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକଟ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିରେ ପ୍ରବଳ ଗୁଳୁଗୁଳି ହେବ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଉଷ୍ମ ଓ ଆର୍ଦ୍ର ପାଣିପାଗ ଜନିତ ୟେଲୋ ଆଲର୍ଟ ଜାରି କରିଛି।

### ପେଟ୍ରୋଲ ପମ୍ପରୁ...

ଚିନ୍ତାର ବିଷୟ ପାଲଟିଛି। ଏହି ଘଟଣା ପରେ ବଡ଼ଗାଁସ୍ଥିତ ଇତମାରେ ଥିବା ଶ୍ରବଣ ଅଗ୍ରୱାଲଙ୍କ ଲାଇସେନ୍ସପ୍ରାପ୍ତ ବିସ୍ଫୋରକ ଗୋଦାମକୁ ସିଲ୍ କରାଯାଇଥିଲା। ହେଲେ ରବିବାର ଉକ୍ତ ଗୋଦାମର ବିପୁଳ ବିସ୍ଫୋରକ ଦୁଇଟି ମିନି ଟ୍ରକ୍‌ରେ ଭର୍ତ୍ତି ହୋଇ ଦେଓଗାଁସ୍ଥିତ ରାଉରକେଲା ପେଟ୍ରୋଲ ପମ୍ପରେ ପାର୍କିଂ ହୋଇଥିବା ବେଳେ ରଘୁନାଥପାଲି ଥାନା ପୁଲିସ ଜବତ କରିଛି। ଦୁଇଟି ଗାଡ଼ିରୁ ପ୍ରାୟ ୧୧୬ ପ୍ୟାକେଟ୍ ଜିଲେଟିନ, ୪୧୬ ଡେଟୋନେଟର, ୧୫ ପେଟିରେ ୭୫୦ ମିଟର ତାର ଥିବା ସୂଚନା ମିଳିଛି। ଗାଡ଼ି ଦୁଇଟି କିଛି ଦିନ ହେଲା ପେଟ୍ରୋଲ ପମ୍ପରେ ପାର୍କିଂ ହୋଇଥିଲା। ଗୋଦାମ ସିଲ୍ ହେବା ଦିନଠାରୁ ବିସ୍ଫୋରକ ଗୋଦାମ ମାଲିକ ଶ୍ରବଣଙ୍କ ଉପରେ ପୁଲିସ ନଜର ରଖିଥିଲା। ଆଜି ଶ୍ରବଣ ପେଟ୍ରୋଲ ପମ୍ପରେ ପହଞ୍ଚିବା ପରେ ପୁଲିସ୍ ତାଙ୍କୁ ମାଡ଼ି ବସିଥିଲା।

ଜଣେ ବରିଷ୍ଠ ପୁଲିସ୍ ଅଧିକାରୀ କହିଛନ୍ତି, ଶ୍ରବଣଙ୍କ ଗୋଦାମ ସିଲ୍ ଥିଲେ ହେଁ ସେ ଏହି ଦୁଇଟି ଗାଡ଼ିରେ ବେଆଇନ ଭାବେ ବିସ୍ଫୋରକ ରଖିଥିଲେ। ପୁଲିସ୍ ଶ୍ରବଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅପରପକ୍ଷେ, ଗୋଦାମ ସିଲ୍ ହେବା ଆଗରୁ ବିସ୍ଫୋରକ ଚାଲାଣ ହୋଇଥିଲା କି ସିଲ୍ ହେବା ପରେ ଚାଲାଣ ହୋଇଥିଲା, ତାହା ଜଣାପଡ଼ିନାହିଁ। କେଉଁ ଉଦ୍ଦେଶ୍ୟରେ ବିସ୍ଫୋରକ ପେଟ୍ରୋଲ ପମ୍ପଠାରେ ରଖାଯାଇଥିଲା, ସେନେଇ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ପୁଲିସ ପକ୍ଷରୁ କୌଣସି ସଠିକ୍ ତଥ୍ୟ ଦିଆଯାଇନାହିଁ।

## ଛାତ୍ରଛାତ୍ରୀଙ୍କ ଯାତାୟାତକୁ ସଂପୂର୍ଣ୍ଣ ମାଗଣା କରାଯାଉ: ଛାତ୍ର କଂଗ୍ରେସ

**ଭୁବନେଶ୍ୱର,୧।୬(ସମିସ):** ସରକାରୀ ପରିବହନ ସେବାରେ ଛାତ୍ରଛାତ୍ରୀଙ୍କ ପାଇଁ ବସ୍ ସେବା ସଂପୂର୍ଣ୍ଣ ମାଗଣା କରାଯିବା ସହ ବେସରକାରୀ କ୍ଷେତ୍ରରେ ୫୦ ପ୍ରତିଶତ ରିହାତିର ବ୍ୟବସ୍ଥା କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି। ଆସନ୍ତା ଜୁନ୍ ୧୦ ତାରିଖ ଭିତରେ ଏହାକୁ କାର୍ଯ୍ୟକାରୀ କରିବାକୁ ଛାତ୍ର କଂଗ୍ରେସ ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଏଭଳି ଦାବି ରଖାଯାଇଛି। ନଚେତ୍ ରାଜ୍ୟର କୋଣ ଅନୁକୋଣରେ ଛାତ୍ର କଂଗ୍ରେସ ପକ୍ଷରୁ ଜୋରଦାର୍ ବିକ୍ଷୋଭ କରାଯିବ ବୋଲି ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନ କହିଛନ୍ତି। ଏ ସଂପର୍କରେ ଗତକାଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ, ପ୍ରଦେଶ କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ, ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଚଳନ୍ତା ବାଇକ୍‌ରେ ଯୁବକଙ୍କୁ ଛୁରାମାଡ଼

**ବଲାଙ୍ଗିର,୧।୬(ସମିସ):** ବଲାଙ୍ଗିର ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଅପରାଧୀ। ରବିବାର ସନ୍ଧ୍ୟାରେ ଟାଉନ୍ ଥାନା ନିକଟସ୍ଥ ଫଳ ବଜାର ପାଖରେ ଜଣେ ଯୁବକକୁ ଛୁରାମାଡ଼ କରି ଦୁର୍ବୃତ୍ତ ଫେରାର୍ ହୋଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆପରାଧିକ ଘଟଣା ଘଟିଥିବା ଜଣାପଡ଼ିଛି। ଆହତ ଯୁବକଜଣଙ୍କ ହେଲେ, ଲକ୍ଷ୍ମୀନଗରପଡ଼ାର ସିତେଶ ସ୍ୱାଇଁ।

ସିତେଶ କିଛି ଟଙ୍କା ଧରି ବାଇକ୍‌ରେ ଯାଉଥିବା ବେଳେ ୩ରୁ ୪ଜଣ ଯୁବକ ତାଙ୍କୁ ପଛପଟୁ ଛୁରାମାଡ଼ କରିଥିଲେ। ସିତେଶ ବାଇକ୍ ସହ ତଳେ ପଡ଼ିଯିବାରୁ



ଅଭିଯୁକ୍ତମାନେ ତାଙ୍କ ପକେଟରେ ଥିବା ୧୫ ହଜାର ଟଙ୍କା ଲୁଟି ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଭର୍ତ୍ତି କରାଇଛନ୍ତି। ଛୁରାମାଡ଼ରେ ତାଙ୍କ ପିଠିର ଦୁଇଟି ସ୍ଥାନରେ ଗଭୀର ଆଘାତ ଲାଗିଛି। ତାଙ୍କୁ ହତ୍ୟା ପାଇଁ ଯୋଜନା କରାଯାଇଥିଲା ବୋଲି ସିତେଶ କହିଛନ୍ତି। ଟାଉନ୍ ଥାନା ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବଶତ୍ରୁତାରୁ ଆକ୍ରମଣ ହୋଇଥିବା ସୂଚନା ମିଳିଛି।

# ସରଣ୍ଡାରେ ପୁଣି ଲ୍ୟାଣ୍ଡମାଇନ୍ ବିସ୍ଫୋରଣ; ଜଣେ ଆହତ

**ରାଉରକେଲା,୧।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଜରେଇକେଲା ସୀମାନ୍ତରୁ ମାତ୍ର ୨୫କିଲୋମିଟର ଦୂରରେ ଥିବା ସରଣ୍ଡା ଜଙ୍ଗଲ ସଂଲଗ୍ନ ଗ୍ରାମ ବଲିବାଠାରେ ଗତକାଲି ସଂଧ୍ୟାରେ ପୁଣି ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି। ଏହି ବିସ୍ଫୋରଣରେ ସ୍ଥାନୀୟ ଅଞ୍ଚଳର ଜଣେ ଗ୍ରାମବାସୀ ଆହତ ହେଇଛନ୍ତି। ଆହତ ଗ୍ରାମବାସୀ ହେଲେ, ବଲିବା ଗାଁର ସାଉ ବାରଜୋ (୩୦)। ତାଙ୍କୁ ମନୋହରପୁରରୁ ରାଉରକେଲା ସରକାରୀ ଡାକ୍ତରଖାନା ଓ ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଚିକିତ୍ସା ନିମନ୍ତେ ବୁର୍ଲା ସ୍ଥାନାନ୍ତର କରାଯାଇଛି।



ସାଉ ପତ୍ର ତୋଳିବା ସହ କାଠ ପାଇଁ ଜଙ୍ଗଲକୁ ଯାଇଥିଲେ। ଫେରୁଥିବା ବେଳେ ସଂଧ୍ୟାରେ ଜଙ୍ଗଲ ରାସ୍ତାରେ ଖଞ୍ଜାଯାଇଥିବା ଲ୍ୟାଣ୍ଡମାଇନ୍ ଉପରେ ଚଢ଼ି ଯିବାରୁ ତାହା ବିସ୍ଫୋରଣ ହୋଇଥିଲା। ଏଥିରେ ସାଉଙ୍କ ଦୁଇଗୋଡ଼ରେ ଗଭୀର ଆଘାତ ଲାଗିଛି। ବାଲିବାରେ ଥିବା ସିଆର୍‌ପିଏଫ୍ ଯବାନମାନେ ସାଉଙ୍କୁ ଚିକିତ୍ସା ନିମନ୍ତେ ମନୋହରପୁରସ୍ଥିତ ସରକାରୀ ହସ୍ପିଟାଲକୁ ପଠାଇଥିଲେ। ଗୁରୁତର ଅବସ୍ଥାରେ ସେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଚାଇଁବାସା ଏସ୍.ପି ରାକେଶ ରଞ୍ଜନ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡି (ଇମ୍ପ୍ରୋଭାଇଜ ଏକ୍ସପ୍ଲୋସିଭ ଡିଭାଇସ) ବିସ୍ଫୋରଣକୁ ନିଶ୍ଚିତ କରିଛନ୍ତି। ମାଓବାଦୀମାନେ କମ୍ବିଂରତ ସୁରକ୍ଷା କର୍ମଚାରୀଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଏହି ଲ୍ୟାଣ୍ଡମାଇନ୍ ଖଞ୍ଜିଥିବା କୁହାଯାଉଛି।

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

**AFFIDAVIT**

By virtue of an affidavit sworn before the Notary Public, Purushottampur, Ganjam. I, Sujata Raut, W/o- Late Rabi Raut, resident of Dhobapalli, Ganjam, Odisha here by declare that my minor son's name has been changed from Pradipta Raut to Pradeep Raut. Henceforth he shall be known as **Pradeep Raut** for all purposes.

Sd/- Sujata Raut

**AFFIDAVIT**

I, Sasmita Nandini Tripathy, aged 40 years, D/o- Sadananda Tripathy, at present AT/PO/PS- Bolgarh, Dist- Khurda, State Odisha do hereby declare that by sworn affidavit in the court of Executive Magistrate, Bhadrak, my minor daughter Sanhita Saloni Khatai has changed her surname from Khatai to Tripathy and henceforth she shall be known as **Sanhita Saloni Tripathy** instead of Sanhita Saloni Khatai for all the purposes.

**ମଦ ଦୋକାନରେ ତାଲା ପକାଇବା ଘଟଣା**

# ବିଜେପି ଆଣିଥିବା ଅଭିଯୋଗ ଭିତ୍ତିହୀନ : ବିଧାୟକ




ଲକ୍ଷ୍ମୀପୁର,୧।୬(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ବେଆଇନ ମଦ କାରବାରକୁ ନେଇ କିଛି ଦିନ ଧରି ରାଜନୀତି ସରଗରମ ହୋଇଛି। ଅଞ୍ଚଳରେ ଦିନକୁ ଦିନ ବେଆଇନ ମଦ କାରବାର ବୃଦ୍ଧି ପାଉଥିବାରୁ ଅଞ୍ଚଳକୁ ମଦମୁକ୍ତ କରିବାକୁ କିଛିଦିନ ତଳେ ଲକ୍ଷ୍ମୀପୁର ବିଧାୟକ ୪ ଟି ବ୍ଲକରେ ଚାଲିଥିବା ସବୁ ଲାଇସେନ୍ସ ପ୍ରାପ୍ତ ଦେଶୀ ଓ ବିଦେଶୀ ମଦ ଦୋକାନରେ ତାଲା ପକାଇଥିଲେ। ଏନେଇ ଲକ୍ଷ୍ମୀପୁର ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି ଲକ୍ଷ୍ମୀପୁର ବିଧାୟକ ମଦ ବ୍ୟବସାୟୀଙ୍କୁ ବଟି ମାଗୁଥିବା ଅଭିଯୋଗ ଆଣିଥିଲେ। ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ରବିବାର ଏକ ସାମ୍ବାଦିକ ସମ୍ମିଳନୀ କରି ବିଜେପି ଆଣିଥିବା ଅଭିଯୋଗ ଓ ତାଙ୍କ ଉପରେ କରିଥିବା ବିଭିନ୍ନ ପ୍ରକାର ଆରୋପକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ କ୍ରମେ ନିଜ ନିର୍ବାଚନ ମଣ୍ଡଳି ଅଞ୍ଚଳରେ ଚାଲିଥିବା ବେଆଇନ ମଦ କାରବାରକୁ ବନ୍ଦ କରିବାକୁ ଏଭଳି ପଦକ୍ଷେପ ନେଇଥିବା ସେ କହିଛନ୍ତି। ଗତ ସାମ୍ବାଦିକ ସମ୍ମିଳନୀରେ ବିଜେପି ଯାହା ଅଭିଯୋଗ କରିଛି ସେଥିରୁ ଗୋଟିଏ ମଧ୍ୟ ପ୍ରମାଣିତ ହେଲେ ଆଇନ ଅନୁସାରେ ସାମ୍ନା କରିବାକୁ ପ୍ରସ୍ତୁତ ରହିଛି ବୋଲି ବିଧାୟକ କହିଥିଲେ। ମଦ ମାଫିଆଙ୍କ ସହ ଫୋନ୍‌ରେ ଡିଲ କରି ମୋ ବିରୋଧରେ ଗତ ଦିନରେ ସାମ୍ବାଦିକ ସମ୍ମିଳନୀର ଅୟୋଜନ କରାଯାଇଥିଲା। ତାର ବାର୍ତ୍ତାଳାପ ମୋ ପାଖରେ ରହିଛି। ତାକୁ ସମୟ ଆସିଲେ ସାର୍ବଜନୀନ କରିବି ବୋଲି ବିଧାୟକ ଶ୍ରୀ ସାଉଁତା କହିଛନ୍ତି। ଏହି ଅବସରରେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା ଉପସ୍ଥିତ ରହି ବିଧାୟକଙ୍କ ପଦକ୍ଷେପକୁ ସମର୍ଥନ ଜଣାଇଛନ୍ତି। ଏ ଅଞ୍ଚଳରେ ଯେଉଁ ଭଳି ବେଆଇନ ମଦ ବ୍ୟବସାୟ ଚାଲିଛି ତାହା ବନ୍ଦ ହେବା ଆବଶ୍ୟକ। ଏଥିପାଇଁ ବିଧାୟକ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ ବୋଲି ସାଂସଦ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ବିଜେପି ନିଜ ସାମ୍ବାଦିକ ସମ୍ମିଳନୀରେ ବିଧାୟକଙ୍କ ପିତାଙ୍କୁ ପିଅନ ଓ ଅନ୍ୟାନ୍ୟ ଆକ୍ଷେପ କରିବା ଏକ ମାନହାନି ବୋଲି ସାଂସଦ କହିଥିଲେ। ରାଜରାସ୍ତା, ସ୍କୁଲ ଯାତାୟାତ ରାସ୍ତା ପାର୍ଶ୍ୱରେ ମଦ ବିକ୍ରିକୁ କଂଗ୍ରେସ ବିରୋଧ କରୁଛି। ଆଗାମୀ ଦିନରେ ଏହାକୁ ନେଇ କଂଗ୍ରେସ ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସାଂସଦ ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ ବ୍ଲକ୍‌ର ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ନୂତନ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଯୋଗଦାନ



ଲକ୍ଷ୍ମୀପୁର,୧।୬(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍‌ରେ ଶୁକ୍ରବାର ନୂତନ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ରିତା ମାହାନ୍ତି ଯୋଗଦେଇଛନ୍ତି। ତାଙ୍କୁ ଲକ୍ଷ୍ମୀପୁର ବ୍ଲକ ଶିକ୍ଷକ ସଂଘର ସଭାପତି ଦୟାନିଧି ଗରଡ଼ାଙ୍କ ସମେତ ସିଆରସିସି କୃଷ୍ଣ କୁଲଦୀପ, ମୋନାଜ୍ ପରିଡ଼ା, ସଂଜି କାଡ୍ରାକା, ଅମିୟ ଗରଡ଼ା, ପ୍ରମୋଦ ଗରଡ଼ା, ଜୟଦାନ ଖରା, ସିମାଞ୍ଚଳ ବାଇପାରି, ଆରୁନମୟ ଦତ୍ତ, ଇଶ୍ୱର ମିଣିଆକା, ବିନୟ ହିକକା ଅନ୍ୟମାନେ ଫୁଲତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାପୂର୍ବରୁ ସେ ନବରଙ୍ଗପୁର ଉଚ୍ଚ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଏଥିସହ ପୂର୍ବତନ ବିଇଓ ଚାମେଲି ମଜୁମଦାରଙ୍କୁ ମଧ୍ୟ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହିସମୟରେଅତିରିକ୍ତଗୋଷ୍ଠୀଶିକ୍ଷାଧିକାରୀବିଭୂତିଭୂଷଣଟାକ୍ରିଉପସ୍ଥିତଥିଲେ।

## ଉଠା ଦୋକାନ ଉଚ୍ଛେଦ ପାଇଁ ବୈଠକ



ବୈପାରୀଗୁଡ଼ା,୧।୬(ସମିସ): ବୈପାରୀଗୁଡ଼ା ସଦର ମହକୁମାସ୍ଥିତ ସ୍ଥାନୀୟ ପାଠାଗାର ଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟମଣି ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ବିଡିଓ ଅଭିମନ୍ୟୁ କବି ଶତପଥି, ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହୁରିଆ, କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଶୋଇ, ନାଏବ ସରପଞ୍ଚ ସୁଶାନ୍ତ ସାହୁ, ପିଇଓ, ଗ୍ରାମବାସୀ ଏବଂ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ପାଞ୍ଚ ତାରିଖ ସୁଦ୍ଧା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ପାଖର୍ ଉଠା ଦୋକାନୀକୁ ଉଚ୍ଛେଦ କରିବାକୁ ନିଷ୍ପତ୍ତି ହୋଇଥିଲା। ଉଚ୍ଛେଦ ନ ହେଲେ ପ୍ରଶାସନ ପକ୍ଷରୁ ଆଇନଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ସୂଚାଯାଇଥିଲା।

## ମାନସିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଦାମନଯୋଡ଼ି,୧।୬(ସମିସ): ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ମାନସିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ବ୍ଲକ ଓ ସେମିଳିଗୁଡ଼ା ବ୍ଲକର ନିକଟବର୍ତ୍ତି ଅଞ୍ଚଳରୁ ୫୪ଜଣ ମାନସିକ ରୋଗୀ ଯୋଗଦେଇଥିଲେ। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ପରାମର୍ଶ ଏବଂ ମାଗଣା ଔଷଧ ବିତରଣ କରାଯାଇଥିଲା। ଜୟପୁରସ୍ଥିତ କୋରାପୁଟ ସଦର ମହକୁମା ହସ୍ପିଟାଲରୁ ମାନସିକ ସ୍ୱାସ୍ଥ୍ୟ ଉପରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଡା. ସବ୍ୟସାଚୀ ମହାପାତ୍ର, ସାମାଜିକ କର୍ମୀ ଲଲାଟେନ୍ଦୁ ମିଶ୍ର, କେସ୍‌ୱାର୍କର ସରୋଜ ପଣ୍ଡା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରୁ ମାନସିକ ସ୍ୱାସ୍ଥ୍ୟ ସୁପରଭାଇଜର ସମୀର ବିଶୋଇ ଯୋଗଦେଇ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁମନ କୁମାର ଟପ୍ପୋଙ୍କ ତତ୍ତ୍ୱାବଧାନରେ ତଥା ଡା. ଶିବପ୍ରସାଦ ସାହୁଙ୍କ ନେତୃତ୍ୱରେ ସୁପରଭାଇଜର ମକର ଜାନି, ଏନସିଡି କାଉନସିଲର ତାପସୀ କୁମାରୀ ଜେନା, ସିଏଚଓ ଅବିନାଶ ଦାସ, ସ୍ୱାସ୍ଥ୍ୟକର୍ମୀ ମାନସ କୁମାର ସ୍ୱାଇଁ ଓ ଶୁଭକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ସଂଗଠନ 'ଏକତା'ର ସ୍ୱେଚ୍ଛାସେବୀ ଓ ଆଶାକର୍ମୀ ସହଯୋଗ କରିଥିଲେ।

# ବୈଦ୍ୟନାଥ ମନ୍ଦିରରେ ଦେବ ଦମ୍ପତିଙ୍କ ବିବାହ



ଉମରକୋଟ,୧।୬(ସମିସ): କଳିଙ୍ଗ କଳା ସାଂସ୍କୃତିକ ଯୁବ ପରିଷଦ ପକ୍ଷରୁ ଗୁଲିପାଟଣା ବାବା ବୈଦ୍ୟନାଥ ମନ୍ଦିରଠାରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ମନ୍ଦିର ପରିସରରେ ଆୟୋଜିତ ହୋଇଛି। ବିବାହ କାର୍ଯ୍ୟ ଆରମ୍ଭ ପୂର୍ବରୁ ଭଗବାନ ଶିବ ଓ ମା' ପାର୍ବତୀଙ୍କ ପ୍ରତିମୂର୍ତ୍ତିରେ ପ୍ରାଣ ପ୍ରତିଷ୍ଠା କରାଯାଇଥିଲ। ଶୁକ୍ରବାର କନ୍ୟା ପିତାଙ୍କ ଘରେ ପୁରୋହିତ ଲକ୍ଷ୍ମୀ ତ୍ରିପାଠୀ ଦେବ ଦାମ୍ପତିଙ୍କ ନିର୍ବନ୍ଧ କାର୍ଯ୍ୟ କରିଥିଲେ। ଶନିବାର ସନ୍ଧ୍ୟାରେ ସହରର ୯ ନମ୍ବର ୱାର୍ଡ ସ୍ଥିତ ବରପିତା ଏମ୍ ରଞ୍ଜିତ କୁମାର ଓ ମାତା ଏମ୍ ମହାଲକ୍ଷ୍ମୀଙ୍କ ଘର ସମ୍ମୁଖରେ ବାବା ବୈଦ୍ୟନାଥଙ୍କ ପ୍ରତିମୂର୍ତ୍ତିକୁ ଅଳଙ୍କାର, ସୁଗନ୍ଧିତ ପୁଷ୍ପମାଳ ପରିଧାନ କରାଯାଇ ବର ବେଶରେ ସୁସଜ୍ଜିତ କରାଯାଇଥିଲା। ବର ପିତାଙ୍କ ଘରୁ ସନ୍ଧ୍ୟା ୫ଟାରେ ବରଯାତ୍ରୀ ବାହାରି ସହର ପରିକ୍ରମା କରି ଗୁଲିପାଟଣା ସ୍ଥିତ ମନ୍ଦିରରେ ପହଞ୍ଚିଥିଲେ। ବାଣ, ବାଜା, ଡିଜେରେ ଝୁମି ଝୁମି ନାଚି ଥିଲେ ବରଯାତ୍ରୀ ପକ୍ଷ। ପ୍ରାୟ ୧୦୦୦ ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। କନ୍ୟା ମାତା, ପିତା ୱାଇ ସାବିତ୍ରୀ ଓ ୱାଇ ମୋହନ ରାଓ ଏବଂ ପରିବାର ସଦସ୍ୟ ଭଗବାନ ଶିବଙ୍କ ବରଯାତ୍ରୀ ବୈଦ୍ୟନାଥ ମନ୍ଦିର ଠାରେ ପଟୁଆର ପହଞ୍ଚିବା ପରେ ବାଟବରଣ କରି ବିବାହ ବେଦୀକୁ ପାଛୋଟି ନେଇଥିଲେ। ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାତି ୯ଟା ୫୫ ସମୟରେ ଶୁଭ ଲଗ୍ନରେ ଦେବ ଦାମ୍ପତିଙ୍କ ହସ୍ତଗଣ୍ଠି ପଡ଼ିଥିଲା। ମନ୍ଦିର କମିଟି ପକ୍ଷରୁ ପ୍ରାୟ ୩୦୦୦ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। କଳିଙ୍ଗ କଳା ଓ ସାଂସ୍କୃତିକ ଯୁବ ପରିଷଦର ବାଲାଜୀ ବେହେରା, ମହେନ୍ଦ୍ର ଦାସ, ଟୁନା ନାୟକ,କୃଷ୍ଣ ସାହୁ, ଭୁଲକୁ ଗୌଡ଼, ରାମ ମାଣିଆ, ଯତୀନ ପଣ୍ଡା, ଟୁନା ବେହେରା, ବିଷ୍ଣୁ ପ୍ରସାଦ ପଟନାୟକ, ମାର୍କଣ୍ଡ ସାହୁ, ଟୁନା ରଣା, ସଞ୍ଜୟ ସ୍ୱାଇଁ, ରଜତ ସନ୍ତ୍ରା ,ଗୋପାଳ ରାଓ ପ୍ରମୁଖ ସହଯୋଗ କରିଥିଲେ। ମନ୍ଦିର କମିଟି ସଭାପତି ଜୟଦେବ ପରିଡା, କୋଷାଧ୍ୟକ୍ଷ ନିରଞ୍ଜନ ସ୍ୱାଇଁ, ସାଧାରଣ ସଂପାଦକ ଦଣ୍ଡପାଣି ଖାଡେଙ୍ଗାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା।

## ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ



ବୈପାରୀଗୁଡ଼ା,୧।୬(ସମିସ): ବିଭିନ୍ନ ଦାବି ନେଇ ଷ୍ଟେରିଙ୍ଗ ଛାଡ ଆନ୍ଦୋଳନ ପାଇଁ ସଜବାଜ ହେଉଛି ଡ୍ରାଇଭର ସଙ୍ଘ। ବୈପାରୀଗୁଡା ସଦର ମହକୁମା ସ୍ଥିତ ହାଟପଦା ଠାରେ ରବିବାର ଅପରାହ୍ନରେ ଡ୍ରାଇଭର ସଙ୍ଘ ପକ୍ଷରୁ ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ମାଧବ ବିଶୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବରୁ ବିଭିନ୍ନ ଦାବି ନେଇ ତତ୍କାଳୀନ ସରକାର ନିକଟରେ ଦାବି ଉପସ୍ଥାପନା କରାଯାଇଛି। ଆନ୍ଦୋଳନ ମଧ୍ୟ ହୋଇଛି। ସେହି ସମୟରେ କିଛି ଦାବି ପୂରଣ ହୋଇଛି। କିନ୍ତୁ ଅଧିକାଂଶ ଦାବି ପୂରଣ ହୋଇପାରି ନାହିଁ। ଡ୍ରାଇଭରଙ୍କ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ଜାତୀୟ ରାଜପଥର ପ୍ରତି ଶହେ କିଲୋମିଟର ମଧ୍ୟରେ ଶୌଚଳୟ ସହ ପାର୍କିଂ ବ୍ୟବସ୍ଥା, ଡ୍ରାଇଭରଙ୍କ ପିଲାଙ୍କ ଶିକ୍ଷାର ଉନ୍ନତି ଦାବି ପୂରଣ ହୋଇନାହିଁ। ଡ୍ରାଇଭରମାନେ ଅଧିକାଂଶ ସମୟରେ ବିନା ଦୋଷରେ ଆକ୍ରମଣ ଶିକାର ହେଉଛନ୍ତି। ଏହାକୁ ବନ୍ଦ କରବା ସହ ଉପରୋକ୍ତ ବଳକା ଦାବି ପୂରଣ ପାଇଁ ରାଜ୍ୟ ସରକାର ପାଖରେ ପୁଣି ଉପସ୍ଥାପନା କରାଯିବ। ଦାବି ପୂରଣ ନ ହେଲେ ପୁଣିଥରେ ଷ୍ଟେରିଙ୍ଗ ଛାଡ ପାଇଁ ଡ୍ରାଇଭର ସଙ୍ଘ ପ୍ରସ୍ତୁତି ଅଛି ବୋଲି ସଙ୍ଘ ସଭାପତି ସୂଚାଇଥିଲେ।

## ଟ୍ରକ୍‌ରେ ପିଟିହେଇ ରାସ୍ତା ଉପରକୁ ଖସି ପଡିଲା ବାଇକ୍



● ଅଳ୍ପକେ ବର୍ତ୍ତିଲେ ବାପା- ଝିଅ

କୋରାପୁଟ,୧।୬(ସମିସ): କୋରାପୁଟ ଜୟପୁର ୨୬ ନଂ ଜାତୀୟ ରାଜପଥର ଦେଓଘାଟି ନିକଟରେ ବାଇକ ହେଣ୍ଡେଲ ଏକ୍ ଟ୍ରକରେ ବାଜି ଯିବାରୁ ବାଇକ ରାସ୍ତା ଉପରେ ଖସି ପଡ଼ିଥିଲା। ତେବେ ଏଥିରେ ବାଇକରେ ବସିଥିବା ବାପ ଓ ଝିଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଜୟପୁର ସହରର ସନ୍ତୋଷ ପାଳ ଓ ତାଙ୍କ ଝିଅ ସଙ୍ଗୀତା ପାଳ ରବିବାର ସକାଳେ କୋରାପୁଟ ଯାଉଥିଲେ। ସଙ୍ଗୀତାଙ୍କ ବିଏଡ୍ ପ୍ରବେଶିକା ପରୀକ୍ଷା ଥିବାରୁ ସନ୍ତୋଷ ପାଳ ଝିଅକୁ ନେଇ ବାଇକ୍(ଓଡ଼ି ୧୦ ଏଏ ୭୯୪୭)ରେ କୋରାପୁଟ ଯାଉଥିବା ବେଳେ ଦେଓଘାଟି ନିକଟରେ ସମ୍ମୁଖରୁ ଆସୁଥିବା ଏକ ଟ୍ରକ୍‌ରେ ବାଇକ ହେଣ୍ଡେଲ ବାଜି ଯାଇଥିଲା। ଫଳରେ ନିୟନ୍ତ୍ରଣ ହରାଇ ବାଇକ ରାସ୍ତା ଉପରେ ଖସି ପଡିଥିଲା। ସେହି ସମୟରେ ତାଙ୍କ ବାଇକ ପଛରେ ଆସୁଥିବା ଏକ ବୋଲେରୋ(ଓଆର୍ ୧୯ ଏଲ ୪୪୬୩) ସେମାନଙ୍କ ଉପରକୁ ଚଢି ଯିବା ପୂର୍ବରୁ ଅଚାନକ ବ୍ରେକ୍ ଦେବାରୁ ରାସ୍ତା କଡକୁ ଓଲଟି ପଡ଼ିଥିଲା। ଫଳରେ ବାଇକରୁ ଖସି ରାସ୍ତା ଉପରେ ପଡ଼ି ରହିଥିବା ବାପା ଝିଅ ବର୍ତ୍ତି ଯାଇଛନ୍ତି। ତେବେ ଉଭୟ ଆହତ ହୋଇଛନ୍ତି। ରାସ୍ତାରେ ଯାଉଥିବା କେତେକ ଯାତ୍ରୀ ସନ୍ତୋଷ ପାଳ ଓ ଝିଅ ସଙ୍ଗୀତାକୁ କୋରାପୁଟ ବଡ଼ ମେଡ଼ିକାଲକୁ ପଠାଇଥିଲେ। ଅନ୍ୟପକ୍ଷରେ ବୋଲେରୋରେ ଥିବା କୌଣସି ଯାତ୍ରୀଙ୍କର କିଛି ହୋଇନଥିବା ଜଣାପଡ଼ିଛି। କୋରାପୁଟ ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ରୁନୁ ମାଝୀ ସୂଚନା ଦେଇଛନ୍ତି।

## ଉପୁଡ଼ିଲା ଗଛ; ଅଳ୍ପକେ ବର୍ତ୍ତିଲା ବସ୍



କାକିରିଗୁମ୍ମା,୧।୬(ସମିସ): କୋରାପୁଟ ଠାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥ କାକିରିଗୁମ୍ମା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ଥିବା ବିରାଟ କୃଷ୍ଣଚୁଡ଼ା ଗଛ ଉପୁଡ଼ି ଜାତୀୟ ରାଜପଥ ଉପରେ ପଡ଼ିଯାଇଥିଲା। ଫଳରେ ବ୍ୟାଙ୍କ ସମ୍ମୁଖରେ ଛିଡା ହୋଇଥିବା ସନ୍ତୋଷ ନାମ ଘରୋଇ ବସ୍ ଅଳ୍ପକେ ବର୍ତ୍ତିଯାଇଥିଲା। ଗଛର ଡାଳ ପଡି ବସ୍‌ର ଝରକା କାଚ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଏହାଦ୍ୱାରା ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଅଟକି ରହିଥିଲା। ସୂଚନାପାଇ ଲକ୍ଷ୍ମୀପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେପହଞ୍ଚିଗଛକୁକାଟିରାସ୍ତାରୁହଟାଇବାପରେଯାତାୟାତସ୍ୱାଭାବିକହୋଇଥିଲା।

## ଜୟପୁର ସିଟିଜେନ କମିଟିର ସାଧାରଣ ପରିଷଦ ବୈଠକ



ଜୟପୁର,୧।୬ (ସମିସ) : ଜୟପୁର ସହରର ଅଗ୍ରଣୀ ସଂଗଠନ ତଥା ବରିଷ୍ଠ ଏବଂ ବୁଦ୍ଧିଜୀବୀଙ୍କୁ ନେଇ ଗଠିତ ଜୟପୁର ସିଟିଜେନ କମିଟିର ସାଧାରଣ ପରିଷଦ ବୈଠକ ଏବଂ ପୂର୍ବରୁ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସିଟିଜନ କମିଟିର ଭବନଠାରେ ଅନୁଷ୍ଠିତ ନିର୍ବାଚନରେ ସଭାପତି ଭାବେ ବିନୋଦିନୀ ସନ୍ତ୍ରାପାତ୍ର, ସମ୍ପାଦକ ଜି.ଭି. ରେଡ୍ଡି, ଉପସଭାପତି ମଦନ ମୋହନ ନାୟକ, ଦେବେନ୍ଦ୍ର ବାହିନୀପତି, ଭବାନୀ ଶଙ୍କର ଆଚାର୍ଯ୍ୟ, ସହ ସମ୍ପାଦକ ହରିହର କରସୁଧା ପଟ୍ଟନାୟକ, ନୀଳାଚଳ ପ୍ରଧାନ, ଜାନକୀ ପାଣିଗ୍ରାହୀ, କୋଷାଧ୍ୟକ୍ଷ ରବିନାରାୟଣ ନନ୍ଦ, ସଙ୍ଗଠନ ସମ୍ପାଦକ ସୁବାସ ଚନ୍ଦ୍ର ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବାନ ପଣ୍ଡା, ପରମେଶ୍ୱର ପାତ୍ର, ରତ୍ନାକର ଚୌଧୁରୀ, ଇଂ କେଦାର ନାଥ ବେହେରା, ନରସିଂହ ପାଣିଗ୍ରାହୀ, ଗୀତା ପ୍ରକାଶ ଚନ୍ଦ୍ର ମିଶ୍ର, ନରସିଂହ ଚୌଧୁରୀ, ଯାଦବ ସୁବୁଦ୍ଧି, ରାମ ନାୟକ, ଭୀମସେନ ଅଗ୍ରୱାଲ, ଜି ଭି ରାଓ, ପି. ମହେଶ୍ୱର ରାଓ ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଡଃ. ସୁରେଶ ଦାଶ ଏହାକୁ ପରିଚାଳନା କରିଥିଲେ। ସାଧାରଣ ପରିଷଦ ବୈଠକରେ ଆଗାମୀ ଦିନର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ନେଇ ଆଲୋଚନା ହୋଇଥିଲା

## ବାବା ପଶ୍ଚିମେଶ୍ୱରଙ୍କ ବିବାହ ଉତ୍ସବ



ବୈପାରିଗୁଡ଼ା,୧।୬(ସମିସ): ବୈପାରିଗୁଡ଼ା ସ୍ଥିତ ପଶ୍ଚିମେଶ୍ୱର ମନ୍ଦିରରେ ଶୀତଳ ଷଷ୍ଠୀ ତଥା ବାବା ପଶ୍ଚିମେଶ୍ୱରଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନନ୍ଦ କିଶୋର ସାହୁ ଓ ତାଙ୍କ ଧର୍ମପତ୍ନୀ ସକୁନ୍ତଳା ସାହୁ ବର ପିତାମାତା ଏବଂ ସନ୍ତୋଷ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ସସ୍ମିତା ମିଶ୍ର କନ୍ୟା ପିତାମାତା ଦାୟିତ୍ୱ ତୁଲାଇଥିଲେ। ପାରମ୍ପରିକ ନୀତି କ୍ରମେ ବିବାହ କାର୍ଯ୍ୟର ସମସ୍ତ ବିଧି ବିଧାନ ଅନୁଯାୟୀ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଆଜି ସନ୍ଧ୍ୟାରେ ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହି ବିବାହ କାର୍ଯ୍ୟରେ ଯୋଗଦେବା ସହ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ମନ୍ଦିର ପରିଚାଳନା କମିଟି ଦ୍ୱାରା ପରିଚାଳିତ ହୋଇଥିଲା। ମନ୍ଦିର କମିଟି ତରଫରୁ ସମସ୍ତ ଜନସାଧାରଣଙ୍କ ପାଇଁ ଭୋଜିର ଆୟୋଜନ କରାଯାଇଥିଲା।

## ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ତମାଖୁ ମୁକ୍ତ ଦିବସ ପାଳନ

ନବରଙ୍ଗପୁର,୧।୬(ସମିସ): ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ଦିନ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ବିଶ୍ୱ ତମାଖୁ ମୁକ୍ତ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ନବ କିଶୋର ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡ଼ା.ସୁକାନ୍ତ ଶତପଥୀ, ଅନୁରାଗ ମଲ୍ଲିକ, ଇରସାତ ଖାନ, ବିଭିନ୍ନ କର୍ମକର୍ତା, ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା, ଆଶାକର୍ମୀ, ଅଙ୍ଗନବାଡି କର୍ମୀ ଏବଂ ବିଭିନ୍ନ ସରକାରୀ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଡା. ବେହେରାଙ୍କ ସ୍ୱାଗତ ଭାଷଣ ଦେଇଥିଲେ। ଦାନ୍ତରୋଗ ବିଶେଷଜ୍ଞ ଡା.ଅନୁରାଗ ମଲ୍ଲିକ, ଖାଦ୍ୟ ନିରାପତ୍ତା ଅଧିକାରୀ ଅରୁଣ କୁମାର ମହାରଣା, ଜିଲ୍ଲା କାର୍ଯକ୍ରମ ପରିଚାଳକ ଶଙ୍କର ଆଚାର୍ଯ, ସହ ପରିଚାଳକ ତରୁଣ କୁମାର ସାହୁ, ଡ.ରାଧନାଥ ବେହେରା ସମେତ ଅନ୍ୟ ବ୍ୟକ୍ତି ବିଶେଷ ଯୁବପୀଢିଙ୍କୁ ଆକୃଷ୍ଟ କରିବାପାଇଁ ତମାଖୁ କମ୍ପାନୀମାନେ କରୁଥିବା ଚଞ୍ଚକତା ଏବଂ ତମାଖୁର ପ୍ରତ୍ୟକ୍ଷ ଓ ପରୋକ୍ଷ କୁପ୍ରଭାବ ଉପରେ ଆଲୋଚନା କରି ସମାଜରେ ଅଧିକ ସଚେତନତା ଆଣିବା ପାଇଁ ସମସ୍ତଙ୍କୁ ପ୍ରୟାସ କରିବାକୁ ଅନୁରୋଧ କରିଥିଲେ। ଏହି କାର୍ଯକ୍ରମକୁ ରାମହାରୀ ପଣ୍ଡା ପରିଚାଳନା କରିଥିଲେ।

## ବିଡିଓଙ୍କ ଅବସର ଗ୍ରହଣ



ବୈପାରିଗୁଡ଼ା,୧।୬(ସମିସ): ବୈପାରିଗୁଡା ବ୍ଲକ୍‌ର କାର୍ଯ୍ୟରତ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ) ଅଭିମନ୍ୟୁ କବି ଶତପଥି ଶନିବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଶ୍ରୀ ଶତପଥି ୨୦୧୯ ମସିହାରେ ବୈପାରିଗୁଡା ବ୍ଲକରେ ବିଡ଼ିଓ ଭାବେ ଯୋଗଦେଇଥଲେ। ସେହି ସମୟରେ ମହାମାରୀ କରୋନାର ସଂକ୍ରମଣ ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ନେଇଥଲେ। ୪ ବର୍ଷ ପରେ ୨୦୨୪ ଡିସେମ୍ବର ମାସରେ ସେ ମାଲକାନଗିରି ଜିଲ୍ଲାର ପଡିଆ ବ୍ଲକରୁ ବଦଳି ହୋଇ ପୁଣିଥରେ ବୈପାରିଗୁଡା ବ୍ଲକ୍‌ରେ ବିଡ଼ିଓ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ନୂତନ ବିଡ଼ିଓଙ୍କ ଯୋଗଦାନ ପର୍ଯ୍ୟନ୍ତ ଜୟପୁର ବିଡିଓ ଶକ୍ତି ମିଶ୍ର ବୈପାରିଗୁଡ଼ା ବିଡିଓ ଦାୟିତ୍ୱ ତୁଲାଇବେ ବୋଲି ସୂଚନା ମିଳିଛି।

# ମେଗା ପ୍ରକଳ୍ପ ଯୋଗୁଁ ନଷ୍ଟ ହେଉଛି ପେଭର ବ୍ଲକ୍ ରାସ୍ତା



ବୈପାରିଗୁଡ଼ା,୧।୬(ସମିସ): ଜାତୀୟ ରାଜପଥ ବିଭାଗ ପକ୍ଷରୁ ବୈପାରିଗୁଡାରେ ରାସ୍ତା କଡରେ ପେଭର ବ୍ଲକ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇଥିବା ସଂସ୍ଥା ବେପରୁଆ ଭାବେ ତାହାକୁ ନଷ୍ଟ କରୁଥିବା ÷ଅଭିଯୋଗ ହୋଇଛି। ଫଳରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏଥିପାଇଁ ଖର୍ଚ୍ଚ ହୋଇଥିବା ୫୬ ଲକ୍ଷ ଟଙ୍କା ଏବେ ପାଣିରେ ପଡିଛି। ବିଭିନ୍ନ ସ୍ଥାନରେ ଏଭଳି ପେଭର ବ୍ଲକ୍ ରାସ୍ତା ନଷ୍ଟ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁଯାୟୀ, ଜାତୀୟ ରାଜପଥ ବିଭାଗ ପକ୍ଷରୁ ବୈପାରିଗୁଡ଼ାର ବିଭିନ୍ନ ରାସ୍ତା ପାର୍ଶ୍ୱରେ ୫୬ ଲକ୍ଷ ଟଙ୍କା ବ୍ୟୟରେ ପେଭର ବ୍ଲକ ରାସ୍ତା ନିର୍ମାଣ କରୁଥିବା ବେଳେ ଠିକାଦାର ତରବରିଆ ଭାବେ ରାସ୍ତା କଡରେ ପେଭର ବ୍ଲକ ଇଟା ପକାଇ ରାତି ଅଧିଆ କାମ ସାରିଦେଇଥିଲା। ଫଳରେ ନୂତନ ପେଭର ବ୍ଲକ କାମ ୫୬ ଦିନରେ କେଉଁଠି ପେଭର ବ୍ଲକ ଇଟା ଉଠିଗଲା ତ କେଉଁଠି ଦବିଗଲା। କେତେକ ସ୍ଥାନରେ କାଳବୈଶାଖୀ ବର୍ଷାରେ ଧୋଇନେଲା ରାସ୍ତାରେ ପଡ଼ିଥିବା ପେଭର ବ୍ଲକ। ନିମ୍ନମାନର କାମ ଯୋଗୁଁ ଏହା ଦିବସ ଯାଇଥିବା ଅଭିଯୋଗ ହୋଇଛି। ଏହାବ୍ୟତିତ କିଛି କିଛି ସ୍ଥାନରେ ପେଭର ବ୍ଲକ କାମ ଠିକ୍ ଭାବରେ ହୋଇଥିବା ବେଳେ ମେଗା ଜଳ ପ୍ରକଳ୍ପ ନିଜର ପାଇପ୍ ଲାଇନ ବିଛେଇବା ପାଇଁ ରାସ୍ତା କଡ଼ରେ ଗାତ ଖୋଳି ପେଭର ବ୍ଲକ ଇଟା ସବୁକୁ ନଷ୍ଟ କରିଦେଇଥିବା ନଜରକୁ ଆସିଛି। ଏନେଇ ଜାତୀୟ ରାଜପଥ ବିଭାଗର ସଂପୃକ୍ତ ଯନ୍ତ୍ରୀଙ୍କୁ ପଚାରିବାରୁ ପେଭର ବ୍ଲକ କାମ ସଂପୂର୍ଣ୍ଣ ହୋଇ ବିଲ୍ ମଧ୍ୟ ହୋଇଯାଇଛି। ମେଗା ଜଳ ପ୍ରକଳ୍ପ ଯୋଗୁଁ ରାସ୍ତା କାମ ନଷ୍ଟ ହେଉଛି । ମେଗା ପ୍ରୋଜେକ୍ଟକୁ ନଷ୍ଟ ହୋଇଥିବା ପେଭର ବ୍ଲକ କାମ ଯଥାଶୀଘ୍ର ମରାମତି କରିବାକୁ କୁହାଯାଇଛି ବୋଲି ସେ ପ୍ରକାଶ କରିଥିଲେ।

# ଲୋକଙ୍କ ସମସ୍ୟା ବୁଝିଲେ ସରପଞ୍ଚ



ମାଥିଲି,୧।୬ (ସମିସ):

ଆଜି ଅନ୍ତର୍ଜାତୀୟ ଅଭିଭାବକ ଦିବସ ଉପଲକ୍ଷେ ଲୋକଙ୍କ ପାଖରେ ପହଞ୍ଚି ସମସ୍ୟା ପଚାରି ବୁଝିବା ସହ ସମସ୍ୟା ଗୁଡିକ ତୁରନ୍ତ ସମାଧାନ କରିବାକୁ ଯୁଦ୍ଧ କାଳୀନ ଭିତରେ ଚେଷ୍ଟା କରିବେ ପ୍ରତିଶ୍ରୁତି ଦେଇଛନ୍ତି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ମେକ୍କା ପଞ୍ଚାୟତ ସରପଞ୍ଚ ରଞ୍ଜିତା ପୂଜାରୀ। ସରପଞ୍ଚ ନିଜର ପଞ୍ଚାୟତବାସୀଙ୍କୁ ଅଭିଭାବକ ମନେକରି ଗାଁ ଗାଁ ସାହି ସାହି ବୁଲି ସମସ୍ତ ଗୁରୁଜନଙ୍କ ଆଶୀର୍ବାଦ ନେବା ସହ ଗାଁ ଓ ସାହି ମାନଙ୍କର ସମସ୍ୟା ତଥା ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଓ ବିଶେଷ କରି ପାନୀୟ ଜଳର ସମସ୍ୟା ଉପରେ ପଚାରିବୁଝିଛନ୍ତି। ପ୍ରଥମେ ମେକ୍କା ପଞ୍ଚାୟତର ପୁରୁଣା ଦାମାପଡାଠାରେ ଥିବା ପ୍ରତ୍ୟକ୍ଷ ଦେବୀ ମା' ତେଲୁଗୁଣିଙ୍କ ନିକଟରେ ପହଞ୍ଚି ମା'ଙ୍କ ଆଶୀର୍ବାଦ ଗ୍ରହଣ କରିବା ପରେ ଗାଁ ଓ ସାହିବାସୀଙ୍କ ନିକଟରେ ପହଞ୍ଚି ସମସ୍ୟା ବୁଝିବା ସହ ତାହାର ତୁରନ୍ତ ସମାଧାନ, ଲୋକମାନେ କିପରି ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଯୋଜନାର ଲାଭ ପାଇ ପାରିବେ ସେ ଉପରେ କାର୍ଯ୍ୟ କରିବା ପାଇଁ ସଂକଳ୍ପ ନେଇଥିଲେ। ଏହି ସମୟରେ ମାଥିଲି ବ୍ଲକ୍ ସଭାପତି ସଦାଶିବ ପୂଜାରୀଙ୍କ ସମେତ ବହୁ ନେତା ଓ ପଞ୍ଚାୟତର ଲୋକ ପ୍ରତିନିଧି, ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ।

## କାଗଜ କଳ କର୍ମଚାରୀଙ୍କ ଆତ୍ମହତ୍ୟା

ରାୟଗଡ଼ା,୧।୬(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଚାନ୍ଦିଲି ପଞ୍ଚାୟତ ତଥା ଚାନ୍ଦିଲି ଥାନା ଅର୍ନ୍ତଗତ ଜେକେପୁର ସ୍ଥିତ ଜେକେ କାଗଜ କଳ ଭିତରେ ଶନିବାର ବିଳମ୍ବିତ ରାତିରେ ଜଣେ ଯୁବକ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣକ ହେଲେ ରାୟଗଡ଼ା ସହରର ସରୋଜ ମହାନ୍ତି(୪୨)। ଘଟଣାରୁ ପ୍ରକାଶ ଯେ, ସରୋଜ ଆଇ-ଭେକ୍ସ ନାମକ ଏକ କେମିକାଲ କମ୍ପାନୀର ସପ୍ଲାୟାର ପକ୍ଷରୁ କମ୍ପାନୀରେ ବ୍ୟବହୃତ ହେଉଥିବା ଆଇ-ଭେକ୍ସ କେମିକାଲର ସାଇଟ ଇନଚାର୍ଜ ଭାବେ ଠିକା କର୍ମଚାରୀ ଭାବରେ କାର୍ଯ୍ୟ କରୁଥିଲେ। ଶନିବାର ମଧ ପ୍ଲାଣ୍ଟକୁ ସି-ସିଫ୍ଟରେ ଯାଇଥିଲେ ସରୋଜ। ତେବେ ସେଠାରେ ଥିବା ଏକ ଷ୍ଟୋରେଜ ରୁମ୍‌ରେ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାକୁ ନେଇ ଚାନ୍ଦିଲି ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରାଙ୍କୁ ପଚାରିବାରୁ, ସରୋଜ ବ୍ୟାଙ୍କରୁ ଋଣ ଆଣି ସୁଝି ନପାରିବାରୁ ମାନସିକ ଚାପରେ ଆତ୍ମହତ୍ୟା କରିଥିବା ପ୍ରକାଶ କରିଛନ୍ତି। ମୃତ ସରୋଜଙ୍କ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ବେହେରା ସୂଚନା ଦେଇଛନ୍ତି।

## ବିଷାକ୍ତ ଛତୁଖାଇ ୩ ଗୁରୁତର



କଲ୍ୟାଣସିଂହପୁର,୧।୬(ସମିସ): ବିଷାକ୍ତ ଛତୁଖାଇ ଗୋଟିଏ ପରିବାରର ଶିଶୁ ସମେତ ତିନି ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସେରିଗୁମା ପଞ୍ଚାୟତ ତୁମ୍ବିତରାଇ ଗ୍ରାମର ରାମି ପେରିସିକା, ସିର୍ଦ୍ଧାଥ ପେରିସିକା(୧୬), ଶିଶୁ ଦିଲପ ପେରିସିକା(୩)। କଲ୍ୟାଣସିଂହପୁର ବ୍ଲକ ସେରିଗୁମା ପଞ୍ଚାୟତର ତୁମ୍ବିତରାଇ ଗାଁର ଏହି ପରିବାର ଗତକାଲି ଜଙ୍ଗଲକୁ ଯାଇ ଫେରିବା ବେଳେ ବାଟରେ ଛତୁଦେଖି ଗୋଟାଇ ଆଣିଥିଲେ। ଉକ୍ତ ଛତୁକୁ ରନ୍ଧେଇ କରି ଖାଇବାପରେ କିଛିସମୟ ପରେ ପେଟ ବ୍ୟଥା, ବାନ୍ତି ହୋଇ ଗୁରୁତର ହେବାରୁ ସେମାନଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ବର୍ତ୍ତମାନ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

## ଶିକ୍ଷୟିତ୍ରୀଙ୍କ ଝୁଲନ୍ତା ଶବ ଉଦ୍ଧାର

ମୁନିଗୁଡ଼ା,୧।୬(ସମିସ): ଶିକ୍ଷୟିତ୍ରୀଙ୍କ ଝୁଲନ୍ତା ଶବ ଉଦ୍ଧାର କରିଛି ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଥାନା ପୁଲିସ। ମୃତକ ହେଲେ ମୁନିଗୁଡା ବ୍ଲକ ଭୈରବଗଡ଼ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ତଥା ସିଆରସିସି ଅତସୀ ତ୍ରିପାଠୀ। ଶିକ୍ଷୟିତ୍ରୀଙ୍କ ସ୍ୱାମୀ ବ୍ରହ୍ମପୁର ଯାଇଥିବା ବେଳେ ମୁନିଗୁଡ଼ାସ୍ଥିତ ନିଜ ଘରେ କେହି ନଥିବା ବେଳେ ତାଙ୍କର ଝୁଲନ୍ତା ଶବ ପୁଲିସ ଉଦ୍ଧାର କରିଛି। ସ୍ୱାମୀଙ୍କ ପାଖରୁ ଖବର ପାଇ ଅତସୀଙ୍କ ବାପା ଝିଅଘରେ ପହଞ୍ଚି ଝିଅର ଝୁଲନ୍ତା ଶବକୁ ଦେଖିବାକୁ ପାଇଥିଲେ। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ପୁଲିସ ଅନୁମାନ କରୁଥିବା ବେଳେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ଅଧିକ ତଥ୍ୟ ମିଳିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

## ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ରାୟଗଡା,୧।୬(ସମିସ):

ରାୟଗଡ଼ା ଆଞ୍ଚଳିକ ପରିବହନ ଅଧିକାରୀ ଶିବ ଶଙ୍କର ଚୌଧୁରୀଙ୍କୁ ଶନିବାର ରାୟଗଡା ଆରଟିଓ କାର୍ଯ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଏକ ସାଧାରଣ ବୈଠକ ଆୟୋଜନ କରାଯାଇଥିଲା। ରାୟଗଡ଼ା ଜିଲ୍ଲାରେ ସେ ଦୀର୍ଘ ବର୍ଷ କାର୍ଯ୍ୟ କରି ହାସଲ କରିଥିବା ବିଭିନ୍ନ ସଫଳତା ସଂପର୍କରେ ଉପସ୍ଥିତ ଅଧିକାରୀ ଓ ଜନସାଧାରଣ ମତବ୍ୟକ୍ତ କରିଥିଲେ। ଜିଲ୍ଲାରେ ଟ୍ରାଫିକ ନିୟନ୍ତ୍ରଣ, ଟ୍ରାଫିକ ନିୟମ ଉଲଂଘନକାରୀଙ୍କୁ ସଚେତନ କରିବା ସହ ଜୋରିମାନା ଆଦାୟ, ସଡ଼କ ଦୁର୍ଘଟଣା ସଂଖ୍ୟା ହ୍ରାସ, ବ୍ଲାକ୍ ସ୍ପଟ ଚିହ୍ନଟ ଓ ଦୁର୍ଘଟଣା ହ୍ରାସ, ପାର୍କିଂ ଭଳି ଅନେକ ବିଷୟରେ ତାଙ୍କ ଭୂମିକା ବେଶ ପ୍ରଶଂସନୀୟ ରହିଥିଲା। ଏହି ଅବସରରେ ଏମ୍‌ଭିଆଇ ରାଜ କୁମାର ବେହେରା, ଟ୍ରାଫିକ ଇନସପେକ୍ଟର ଜଶକେତନ ଭରସଗରିଆ, ସନ୍ତୋଷ ବେହେରା, ଦେବେନ୍ଦ୍ର ମଙ୍ଗରାଜ, ମନୋଜ କୁମାର ସାହୁ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସହକାରୀ ନିର୍ବାହୀଯନ୍ତ୍ରୀ ଗିରଫ

ବ୍ରହ୍ମପୁର,୧।୬(ସମିସ): ବ୍ରହ୍ମପୁର ରାସ୍ତା ଓ କୋଠାବାଡ଼ି ବିଭାଗ-୧ ଡିଭିଜନର ସହକାରୀ ନିର୍ବାହୀଯନ୍ତ୍ରୀ ଏନ. ଦିଲିପ କୁମାର ଚୌଧୁରୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ତଦନ୍ତ ପରେ ଯନ୍ତ୍ରୀ ଚୌଧୁରୀଙ୍କ ନିକଟରୁ ଅଧିକ ୧୧୯% ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶନିବାର ଯନ୍ତ୍ରୀ ଚୌଧୁରୀଙ୍କ ଗିରିରୋଡ ସ୍ଥିତ କାର୍ଯ୍ୟାଳୟ ସମେତ ବ୍ରହ୍ମପୁର ଓ ଭୁବନେଶ୍ୱରରେ ଥିବା ଏକାଧିକ ଘରେ ଏକକାଳୀନ ଚଢଉ ହୋଇଥିଲା। ଏହି ସମୟରେ ଯନ୍ତ୍ରୀ ଚୌଧୁରୀଙ୍କ ନାମରେ ବ୍ରହ୍ମପୁରରେ ଥିବା ୨କୋଟି ମୂଲ୍ୟର ୧୧ଟି ପ୍ଲଟ, ଧର୍ମନଗର ସ୍ପେକ୍ଟ୍ରମ ରୟାଲ ଆପାର୍ଟମେଣ୍ଟରେ ଥିବା ୫୦ଲକ୍ଷ ମୂଲ୍ୟର ଏକ ଫ୍ଲାଟ, ମୟୁରୀବିହାରରେ ଥିବା ୧କୋଟି ମୂଲ୍ୟର ୨୪୦୦ ବର୍ଗଫୁଟର ଏକ ୨ମହଲା ବିଶିଷ୍ଟ କୋଠା, ଭୁବନେଶ୍ୱର ସହିଦନଗରରେ ଥିବା ୧କୋଟି ମୂଲ୍ୟର ଏକ ଫ୍ଲାଟ୍, ୩୦ଲକ୍ଷ ଟଙ୍କାର ବ୍ୟାଙ୍କ ଓ ବୀମା ଜମା, ୧୬ଲକ୍ଷ ଟଙ୍କାର ଗୃହଉପକରଣ ଠାବ କରାଯାଇଥିଲା। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ଏକ ମାମଲା(୬/୨୫) ରୁଜୁ ହୋଇଛି। ରବିବାର ସହକାରୀ ଯନ୍ତ୍ରୀ ଦିଲ୍ଲିପ ଚୌଧୁରୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ତାଙ୍କର ସମ୍ପତ୍ତିକୁ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ସୀମାନ୍ତରେ ୩ ମାଓବାଦୀ ଗିରଫ



ମାଲକାନଗିରି,୧।୬(ସମିସ):

ମାଲକାନଗିରି ଛତିଶଗଡ଼ ସୀମାନ୍ତ ସୁକୁମା ଜିଲ୍ଲାର ଜାଗରକୋଣ୍ଡା ଥାନା ଅଞ୍ଚଳରୁ ୩ ହାର୍ଡକୋର ମାଓବାଦୀଙ୍କୁ ଗିରଫ କରିଛନ୍ତି ସୁରକ୍ଷା କର୍ମୀ। ଦୁଇ ଜଣଙ୍କ ଉପରେ ୮ ଲକ୍ଷ ଏବଂ ଜଣଙ୍କ ଉପରେ ୫ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ ଛତିଶଗଡ଼ ସରକାର। ସୁକୁମା ଓ ବିଜାପୁର ଜିଲ୍ଲାର ଅନେକ ହିଂସାକାଣ୍ଡରେ ଏମାନେ ଜଡ଼ିତ ଥିବା ସୁକୁମା ଏସ୍‌ପି କିରଣ ଚୌହାନ ସୂଚନା ଦେଇଛନ୍ତି। ଡିଆରଜି ଓ ସିଆରପିଏଫ ବାହିନୀର ମିଳିତ ଅପରେସନ ବେଳେ ଏମାନଙ୍କୁ ଗିରଫ କରାଯାଇଛି।

## ● ବଦଳିଲେ ୩ ଥାନା ଅଧିକାରୀ

## କମଳକାନ୍ତଙ୍କୁ ଗୁଣପୁର, ପ୍ରସନ୍ନଙ୍କୁ ରାୟଗଡ଼ା, ଉତ୍ତମଙ୍କୁ ଚାନ୍ଦିଲି ଥାନା ଦାୟିତ୍ୱ





ରାୟଗଡ଼ା,୧।୬(ସମିସ): ଓଡିଶା ସରକାରଙ୍କ ଗୃହ ବିଭାଗ ବିଜ୍ଞପ୍ତି ଓ ରାଜ୍ୟ ପୁଲିସ ମୁଖ୍ୟାଳୟ ଚିଠି ପ୍ରକାରେ ରାୟଗଡ଼ା ଜିଲ୍ଲା ପୁଲିସ ପ୍ରତିଷ୍ଠାନ ବୋର୍ଡ ଅଧକ୍ଷା ତଥା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁଶ୍ରୀ ସ୍ୱାତୀ ଏସ୍ କୁମାର ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁପ୍ରସାଦ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ରାୟଗଡ଼ା, ଗୁଣପୁର ଓ ଚାନ୍ଦିଲି ତିନୋଟି ଥାନାର ଅଧିକାରୀଙ୍କୁ ବଦଳି କରାଯାଇଛି। ରାୟଗଡ଼ା ଥାନା ଅଧିକାରୀ କମଳକାନ୍ତ ବସନ୍ତ କୁମାର କହଁରଙ୍କୁ ଗୁଣପୁର, ଚାନ୍ଦିଲି ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରାଙ୍କୁ ରାୟଗଡ଼ା ଥାନା ଓ ଗୁଣପୁର ଥାନା ଅଧିକାରୀ ଉତ୍ତମ କୁମାର ସାହୁଙ୍କୁ ଚାନ୍ଦିଲି ଥାନାକୁ ବଦଳି କରାଯାଇଥିବା ଜଣାପଡ଼ିଛି।

## ୧୬ ଫୁଟର ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ରାୟଗଡ଼ା,୧।୬(ସମିସ): ରାୟଗଡ଼ା ପୌର ପରିଷଦ ପକ୍ଷରୁ ସ୍ଥାନୀୟ ଜିସିଡ଼ି ହାଇସ୍କୁଲ ସମ୍ମୁଖରେ ଥିବା ଗାନ୍ଧୀ ପାର୍କରେ ମହାତ୍ମାଗାନ୍ଧୀଙ୍କ ୨୧ ଫୁଟର ପ୍ରତିମୂର୍ତ୍ତି ଓ ଦାଣ୍ଡି ଯାତ୍ରା ଅଭିଯାନ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିଗୁଡିକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ, ନଗର ଅଧକ୍ଷ ପି. ମହେଶ ପଟ୍ଟନାୟକ, ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାର, କାଉନସିଲର ସନ୍ତୋଷ ଦଳେଇ, ଗୋପୀନାଥ ଗଉଡ, ମଞ୍ଜୁଳା ମିଣିୟାକା ଉପସ୍ଥିତ ଥିଲେ। ରାୟଗଡ଼ାକୁ ଏକ ସ୍ମାର୍ଟ ସିଟିରେ ପରିଣତ କରିବାକୁ ଦାବି ସରକାରଙ୍କ ନିକଟରେ ଉପସ୍ଥାପନା କରିବାକୁ ସାଂସଦ ଓ ବିଧାୟକ କହିଥିଲେ।



## ମନରେଗା କାମରେ ମେସିନ ବ୍ୟବହାର ଅଭିଯୋଗ



କାଲିମେଲା,୧।୬(ସମିସ):

ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସ୍ଥାନୀୟ ଜବକାଡ ଧାରୀଙ୍କୁ ବର୍ଷକୁ ଅନ୍ୟୂନ ଶହେ ଦିନର ମାଟିକାମ ଯୋଗାଇ ଦେବା ପରିବର୍ତ୍ତେ ତରବରିଆ ଭାବେ ମେସିନ ଯୋଗେ ମାଟି ରାସ୍ତା ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କାଲିମେଲା ବ୍ଲକ କାଲିମେଲା ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି-୬୯ ରୁ କୁତବାନପଲ୍ଲୀ ରାସ୍ତା କାମରେ। ସୂଚନା ମୁତାବକ, ୨୦୨୪-୨୫ ଆର୍ଥିକ ବର୍ଷରେ ଏଠାରେ କୋଡ଼ ନମ୍ବର ୨୪୩୧୦୧୦୦୯ /ଜଉ/୧୦୬୧୦୨୨୨ ରେ ରାସ୍ତା କାମ ହୋଇଛି। ତେବେ ଏଠାରେ ଶ୍ରମିକ ବଦଳରେ ମେସିନ ଦ୍ୱାରା କାମ ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଠିକାଦାର ଏବଂ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ମେସିନରେ କରାଯାଇଥିବା ରାସ୍ତା ଦୁର୍ନୀତିର ସ୍ପଷ୍ଟ ଚିତ୍ରକୁ ଦର୍ଶାଉଛି ବୋଲି ସ୍ଥାନୀୟବାସୀନ୍ଦା ଅଭିଯୋଗ କରିଛନ୍ତି। ସ୍ଥାନୀୟ କିମ୍ବା ପଞ୍ଚାୟତ ଅର୍ନ୍ତଗତ ଶ୍ରମିକ ଦ୍ୱାରା ଏହି କାର୍ଯ୍ୟ କରିବା ନିୟମାବଳୀରେ ରହିଥିବା ସତ୍ତ୍ୱେ ବେଆଇନ୍ ଭାବେ ଶ୍ରମିକ ବଦଳରେ ମେସିନ୍ ଦ୍ୱାରା କାମ କରାଇ ସ୍ଥାନୀୟ ଜବକାର୍ଡ ଧାରୀଙ୍କ ଆକାଉଣ୍ଟକୁ ଅସାଧୁ ଉପାୟରେ ଟଙ୍କା ପଇଠ କରି ଲକ୍ଷ ଲକ୍ଷ ଟଙ୍କା ବାଟମାରଣା କରାଯାଉଥିବା ସ୍ଥାନୀୟବାସୀନ୍ଦା ଅଭିଯୋଗ କରିବା ସହ ଏହାର ତଦନ୍ତ ପାଇଁ ଦାବି କରିଛନ୍ତି।

## ବିଭିନ୍ନ କେନ୍ଦ୍ରରେ ପରୀକ୍ଷା ଦେଲେ ଶତାଧିକ ବିଇଡି ଆଶାୟୀ

ବ୍ରହ୍ମପୁର,୧।୬(ସମିସ): ସହରର ବିଭିନ୍ନ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନରେ ରବିବାର ଶତାଧିକ ବିଇଡି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ମୋଟ ୨ଟି ସିଫ୍ଟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସକାଳ ୧୦ରୁ ୧୨ଟା ପ୍ରଥମ ସିଫ୍ଟ ରହିଥିବା ବେଳେ ମଧାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ଦ୍ୱିତୀୟ ସିଫ୍ଟ ଅନୁଷ୍ଠିତ ହୋଇଥିଲା। ସହରର ପ୍ରାୟ ୧୦ରୁ ଅଧିକ କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ମୋବାଇଲ ଚୋରି ଘଟଣାରେ ୩ ଗିରଫ

ବ୍ରହ୍ମପୁର,୧।୬(ସମିସ): ଯୁବକଙ୍କ ମୋବାଇଲ ଚୋରି ଘଟଣାରେ ବଡ଼ବଜାର ଥାନା ପୁଲିସ ଆସିକା ରୋଡ୍ ତ୍ରିବେଣୀନଗରର ବିଶାଲ ମହାରଣା (୨୭), ବାପି ପାତ୍ର (୨୩) ଓ ବାଲାଜିପେଣ୍ଠ ସାହିର ରାଜା ସାହୁ (୨୩) ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ପରେ କୋର୍ଟ ଚାଲାଣ କରିଥିଲା। ୩୦ ତାରିଖରେ ଉପରୋକ୍ତ ୩ ଜଣ ବ୍ରହ୍ମପୁର ଲକ୍ଷ୍ମୀନୃସିଂହ ସାହିର ମାନସ ପାତ୍ରଙ୍କ ମୋବାଇଲ ଚୋରି ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଥିଲା।

## ନାବାଳିକାଙ୍କୁ ଅସଦାଚରଣ; ଯୁବକ ଗିରଫ

ବ୍ରହ୍ମପୁର,୧।୬(ସମିସ): ଜଣେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଫାଷ୍ଟଗେଟ ଧୋବାବନ୍ଧ ହୁଡ଼ାର ଗଣେଶ ଘଡେଇ(୧୯) ନାମକ ଯୁବକଙ୍କୁ ଗିରଫ କରିଛି। ବଡ଼ବଜାର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ କମେଣ୍ଟ ମାରିବା ସହ ଅସଦାଚରଣ କରାଯାଇଥିବା ଅଭିଯୋଗ ପରେ ଥାନାରେ ମାମଲା ରୁଜୁ ହେବା ସହ ପୁଲିସ ଘଟଣାର ତଦନ୍ତ କରିଥିଲା। ଆଜି ଅଭିଯୁକ୍ତ ଗଣେଶଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମମାଟିରୁ ସାଇକଲରେ ତ୍ରିରଙ୍ଗା ଶୋଭାଯାତ୍ରା



ମାଥିଲି, ୧।୬ (ସମିସ):

ଅପରେସନ୍ 'ସିନ୍ଦୂର'ରେ ଭାରତୀୟ ସେନାର ଶୌର୍ଯ୍ୟ ଓ ପରାକ୍ରମ, ଦେଶଭକ୍ତି ଓ ବୀରତ୍ୱକୁ ସମ୍ମାନ ଜଣାଇ ଅବିଭକ୍ତ କୋରାପୁଟ ଜିଲ୍ଲାର ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ମାଟି ତେନ୍ତୁଲିଗୁମ୍ମାରୁ ଏକ ସାଇକେଲ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି କିଆଙ୍ଗ ଶିବ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରାକୁ ମିନାକ୍ଷୀ ପାୱାର ପ୍ରୋଜେକ୍ଟ ତରଫରୁ ଆୟୋଜନ କରାଯାଇଥିଲା। ଦ୍ୱିତୀୟ ବିଏସ୍ଏଫ୍ ବାଟାଲିଅନ କମ୍ପାନୀ କମାଣ୍ଡେଣ୍ଟ ଇନ୍ସପେକ୍ଟର ସଞ୍ଜୟ ଯାଦବ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସାଇକେଲ ଶୋଭାଯାତ୍ରାରେ ବିଏସ୍ଏ ଦ୍ୱିତୀୟ ବଟାଲିଅନ କମ୍ପାନୀ କମାଣ୍ଡାଣ୍ଟ ଇନ୍ସପେକ୍ଟର ସଞ୍ଜୟ ଯାଦବ, ଥ୍ରୀ ଅଫ୍ ଇଣ୍ଡୋଷ୍ଟ୍ରିର ଚ୍ୟାରମ୍ୟାନ ସୁଶୀଲ ଗୋୟଙ୍କା, ମିନାକ୍ଷୀ ପାୱାର ପ୍ରୋଜେକ୍ଟର ନିର୍ଦ୍ଦେଶକ ବି. ଶ୍ରୀନିବାସ, ମାଥିଲି ବ୍ଲକ୍ ପୂର୍ବତନ ଅଧକ୍ଷ ତ୍ରିନାଥ ଭୂମିଆ, ଶିଳ୍ପପତି ସୁବା ରାଓଙ୍କ ସମେତ ସ୍ଥାନୀୟ ବିଏସଏଫ ଯବାନ, ମିନାକ୍ଷୀ ପାୱାର ପ୍ରୋଜେକ୍ଟ କର୍ମଚାରୀ ଯୋଗଦେଇଥିଲେ।

### ଭକୁଆ ବନାଇଲା ବନ୍ଧୁ

# ଟଙ୍କା ଧାର ଦେବାକୁ କହି ଠକିନେଲା ସୁନାହାର

**ଅଭିଯୋଗ ପରେ ଅଭିଯୁକ୍ତ ବନ୍ଧୁ ଗିରଫ**

ବ୍ରହ୍ମପୁର,୧।୬(ସମିସ): ଟଙ୍କା ଧାର ଦେବାକୁ କହି ଜଣେ ଯୁବକଙ୍କ ଠାରୁ ସୁନାହାର ଠକେଇ ଅଭିଯୋଗ ହୋଇଛି। ଠକେଇର ଶିକାର ଯୁବକଙ୍କ ଜଣେ ବନ୍ଧୁ ଓ ତାଙ୍କ ସହଯୋଗୀ ସୁନାହାର ନେବା ପରେ ଫେରସ୍ତ କରିବା ପରିବର୍ତ୍ତେ ପାଲଟା ଗାଳିଗୁଲଜ କରି ଧମକ ଦେଉଥିବା ଅଭିଯୋଗ ପରେ ଜଣଙ୍କୁ ବାନ୍ଧିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲେ ରାହୁଲ ପାଢୀ (୨୫)।

ସୂଚନା ପ୍ରକାରେ, ସ୍ଥାନୀୟ ହନୁମାନବଜାର ମାଧବନଗର ନିବାସୀ ସିମରନ ପାତ୍ରଙ୍କର କିଛି ଟଙ୍କା ଆବଶ୍ୟକ ଥିବାରୁ ସେ ନିଜ ବନ୍ଧୁ ରାଜେଶ ମିଶ୍ରଙ୍କୁ ଏନେଇ ଜଣାଇଥିଲେ। ସିମରନଙ୍କ ନିକଟରେ ଥିବା ୨୫ଗ୍ରାମ ଓଜନର ଏକ ସୁନା ହାରକୁ ବନ୍ଧକ ରଖି ଟଙ୍କା ଯୋଗାଡ କରିବାକୁ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ହୋଇଥିଲା। ସେହିକ୍ରମରେ ରାଜେଶ ତାଙ୍କର ଅନ୍ୟଜଣେ ବନ୍ଧୁ ରାହୁଲ ପାଢ଼ୀଙ୍କୁ ଡାକି ସିମରନଙ୍କ ସହ ସାକ୍ଷତ କରାଇଥିଲେ। ସେ ସୁନାହାର ବନ୍ଧକ ରଖି ଟଙ୍କା ଧାର ଦେବେ ବୋଲି କହିଥିଲେ। ସେହିକ୍ରମରେ ଗତ ୧୩ତାରିଖରେ ସିମରନ ଆସିକା ରୋଡ ତାଲୁକା ଛକଠାରେ ପହଞ୍ଚି ରାହୁଲଙ୍କୁ ସୁନାହାର ହସ୍ତାନ୍ତର କରିଥିଲେ। ତା' ପରଦିନ ଅର୍ଥାତ୍ ୧୪ତାରିଖ ଦିନ ସେ ଟଙ୍କା ଯୋଗାଡ଼ କରି ଦେବେ ବୋଲି ପ୍ରତିଶ୍ରୁତି ଦେଇ ପରେ ଆଉ ଫୋନ୍ ଉଠାଇନଥିଲେ। ଇତି ମଧ୍ୟରେ ୧୫ଦିନରୁ ଅଧିକ ସମୟ ବିତି ଯାଇଥିଲେ ହେଁ ସିମରନଙ୍କୁ ଟଙ୍କା ମିଳିନଥିଲା କିମ୍ବା ସୁନାହାର ମଧ ଫେରସ୍ତ ମିଳିନଥିଲା। ଘଟଣା ସମ୍ପର୍କରେ ସିମରନ ରାହୁଲ ଓ ରାଜେଶଙ୍କୁ ପଚାରିବାରୁ ଉଭୟ ତାଙ୍କୁ ଗାଳିଗୁଲଜ କରିବା ସହ ବିଭିନ୍ନ ପ୍ରକାର ଧମକଚମକ ଦେଇଥିଲେ। ଘଟଣାକୁ ନେଇ ସିମରନ ବଡ଼ବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ରାହୁଲଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

ସକାଳ
THE SAKALA



**ଚିକିତ୍ସାରେ ଅବହେଳା**

# ମା' ସହ ଗର୍ଭସ୍ଥ ଶିଶୁର ମୃତ୍ୟୁକୁ ନେଇ ତୁମୁଳକାଣ୍ଡ

**■ ନୟାଗଡ଼ ଡାକ୍ତରଖାନାରେ ତୀବ୍ର ଉତ୍ତେଜନା ■ ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ଫୋର୍ସ ମୁତୟନ ■ ଡାକ୍ତରଙ୍କୁ ତୁରନ୍ତ ବଦଳି, ଥାନାରେ ମାମଲା**

ନୟାଗଡ଼,୧।୬(ସମିସ): ଜଣେ ମହିଳାଙ୍କ ସହ ତାଙ୍କ ଗର୍ଭସ୍ଥ ଶିଶୁର ମୃତ୍ୟୁକୁ ନେଇ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତୁମୁଳକାଣ୍ଡ ଘଟିଛି। ଉତ୍ତ୍ୟକ୍ତ ଲୋକ ଡାକ୍ତରଖାନା ପରିସରରେ ପାଟିତୁଣ୍ଡ କରିବା ସହ ଡାକ୍ତରଙ୍କ ସହ ହାତାହାତି ଭଳି ପରିସ୍ଥିତି ଉପୁଜିଛି। ଏପରିକି, ପରିସ୍ଥିତି ନିୟନ୍ତ୍ରଣ ପାଇଁ ହସ୍ପିଟାଲ ପରିସରରେ ପୁଲିସକୁ ଫୋର୍ସ ମୁତୟନ କରିବାକୁ ପଡ଼ିଥିଲା। ତେବେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବନମାଳି ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିବା ସହ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମେତ ଅନ୍ୟାନ୍ୟ ପ୍ରତିଶ୍ରୁତି ଦିଆଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ମୃତ ମହିଳାଜଣଙ୍କ ହେଲେ, ନୟାଗଡ଼ ସଦର ଥାନା ଅନ୍ତର୍ଗତ ବାଲୁଗାଁର ବିଜେପି ଯୁବନେତା ସଞ୍ଜୟ କୁମାର ନାୟକଙ୍କ ପତ୍ନୀ ମମତା ସ୍ୱାଇଁ। ମମତାଙ୍କ ପ୍ରସବ ବେଦନା ହେବାରୁ ଗତକାଲି ରାତି ପ୍ରାୟ ୭ଟାରେ ପରିବାରଲୋକ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଲେବର୍ ରୁମ୍‌ରେ ତାଙ୍କର ଠିକ୍ ଭାବେ ଚିକିତ୍ସା କରାଯାଇନଥିଲା। ଡାକ୍ତର ତାଙ୍କୁ ଦେଖିବା ପାଇଁ ଆସିନଥିଲେ। ଏପରିକି, ପ୍ରସବ କରାଇବା ପାଇଁ ଡାକ୍ତର ୩୦ ହଜାର ଟଙ୍କା ଦାବି କରିଥିଲେ ବୋଲି ସଞ୍ଜୟ ଅଭିଯୋଗ କରିଛନ୍ତି। ତାଙ୍କ କହିବାନୁଯାୟୀ, ଡାକ୍ତରଙ୍କ ଦାବି ମୁତାବକ ସେ ଟଙ୍କା ଯୋଗାଡ଼ କରି ଆସିବା ବେଳକୁ, ଦୀର୍ଘସମୟଧରି ପ୍ରସବବେଦନାରେ ଛଟପଟ ହୋଇ ରାତି ପ୍ରାୟ ୩ଟା ୪୫ରେ ମମତାଙ୍କ ମୃତ୍ୟୁ ହୋଇଯାଇଥିଲା।




ଏହି ଖବର ପଦାକୁ ଆସିବା ପରେ ଜୋରରେ ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖାଯାଇଥିଲା। ସଞ୍ଜୟଙ୍କ ସମର୍ଥକମାନଙ୍କ ସହ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ପାଟିତୁଣ୍ଡ ହେବା ସହ ହାତାହାତି ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ସକାଳହେବାକେ ଶହଶହ ଲୋକ ହସ୍ପିଟାଲ ପରିସରରେ ରୁଣ୍ଡ ହୋଇ ହୋ-ହଲ୍ଲା କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ହସ୍ପିଟାଲର ଡାକ୍ତରମାନେ ମନମୁଖୀ କାର୍ଯ୍ୟ ଚଳାଇ ଆସୁଛନ୍ତି। ହସ୍ପିଟାଲ ଅପେକ୍ଷା କ୍ଲିନିକ୍‌କୁ ଗୁରୁତ୍ୱ ଦେଉଛନ୍ତି। ଡାକ୍ତରଙ୍କ ଶୋଷଣ ମନୋବୃତ୍ତି ଯୋଗୁଁ ପ୍ରତିଦିନ ବହୁ ଗରିବ, ନିରୀହ ଲୋକ ପ୍ରାଣ ହରାଉଛନ୍ତି। ଏହି କାରଣରୁ ଆଜି ମଧ୍ୟ ଜଣେ ମା' ଓ ପେଟରେ ଥିବା ଛୁଆର ଜୀବନ ଯାଇଛି ବୋଲି ସେମାନେ ଅଭିଯୋଗ କରିଥିଲେ।

ପରେ ମମତାଙ୍କ ପରିବାରଲୋକ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ରବୀନ୍ଦ୍ରନାଥ ସାହୁଙ୍କ ନାମରେ ଥାନାରେ ଅଭିଯୋଗ କରିବାରୁ ତତକ୍ଷଣାତ୍ ପୁଲିସ ଏହାକୁ ନେଇ ମାମଲା ରୁଜୁ କରିଥିଲା। ଅପରପକ୍ଷେ, ଡାକ୍ତରଙ୍କୁ ଗିରଫ ଦାବିରେ ଲୋକମାନେ ରୁଣ୍ଡ ହୋଇ ହୋହାଲ୍ଲା କରିବାରୁ ପୁଲିସ ଆଇନଶୃଙ୍ଖଳା ରକ୍ଷା ପାଇଁ ଫୋର୍ସ ମୁତୟନ କରିଥିଲା। ଖବର ପାଇ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଟାଉନ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ସଦଳବଳେ ପହଞ୍ଚି ବୁଝାସୁଝା କରିଥିଲେ। କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନାତନ କାଲେଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଜିତ ଚନ୍ଦ୍ର ପଣ୍ଡା ଏବଂ ୪ ଜଣ ଡିଏସ୍‌ପି, ୬ ଜଣ ଇନ୍‌ସପେକ୍ଟର ଓ ୨ ପ୍ଲାଟୁନ୍ ଫୋର୍ସ ଉପସ୍ଥିତ ହେଇ ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

ସେହିପରି ଖବର ପାଇ ବିଜେପି ଜିଲ୍ଲା ସଭାପତି ତାପସ କୁମାର ମାର୍ଥା, ରଣପୁର ବ୍ଲକ୍ ଅଧ୍ୟକ୍ଷ ନିର୍ମଳା ବେହେରା, ବିଜେପି ନେତା ସନ୍ତୋଷ ପ୍ରଧାନ, ନସିର ଅହମ୍ମଦ, ପ୍ରହଲ୍ଲାଦ ବରାଡ଼, ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କର୍ଣ୍ଣ, ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ, କଂଗ୍ରେସ ନେତା ମନୋଜ କୁମାର ସାହୁ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ।

ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବନମାଳୀ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ବୈଠକରେ ପୁଲିସ ବିଭାଗର ବରିଷ୍ଠ ଅଧିକାରୀ, ସମସ୍ତ ନେତୃବୃନ୍ଦ ଏବଂ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ପିପି ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନୟାଗଡ଼ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ମଧ୍ୟ ଆଲୋଚନାରେ ସାମିଲ ହୋଇଥିଲେ। ଦାବି ମୁତାବକ ତୁରନ୍ତ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ରବୀନ୍ଦ୍ର ନାଥ ସାହୁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଅନ୍ୟତ୍ର ବଦଳି କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାସହ ଏକ କମିଟି ଗଠନ କରି ଘଟଣାର ତଦନ୍ତ କରାଯିବ ଏବଂ ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ଏହାସହ ଶବ ବ୍ୟବଚ୍ଛେଦକୁ ଭିଡିଓଗ୍ରାଫି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅପରାହ୍ନ ପ୍ରାୟ ୧ଟାରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଥିଲା।

**■ ପରକୀୟା ପ୍ରୀତିରୁ ଗଡ଼ିଲା ମୁଣ୍ଡ**

# ଯୁବକଙ୍କୁ ଗଳାକାଟି ହତ୍ୟା

କଣିହାଁ,୧।୬(ସମିସ): ପରକୀୟା ପ୍ରୀତିକୁ ନେଇ ଅନୁଗୋଳ ଜିଲ୍ଲା କଣିହାଁ ଥାନା ମସୁଣିହତା ଗ୍ରାମରେ ଜଣେ ଯୁବକଙ୍କ ମୁଣ୍ଡ ଗଡ଼ିଛି। ଶନିବାର ବିଳମ୍ବିତ ରାତିରେ ଯୁବକଙ୍କୁ ଗଳାକାଟି ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ମସୁଣିହତା ଗ୍ରାମର ବାବାଜୀ ନାଏକ (୨୫)। ରାତି ପ୍ରାୟ ୨ଟାରେ ବାବାଜୀ ନିଜ ଘର ବାରଣ୍ଡାରେ ଶୋଇଥିବା ବେଳେ କାକୁଡ଼ିଆ ଗ୍ରାମର ବିଭୂତି ନାଏକ (୩୫) ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟିଦେଇଥିଲେ। ଘଟଣାସ୍ଥଳରେ ବାବାଜୀଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ବିଭୂତିଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବିଭୂତିଙ୍କ ସ୍ତ୍ରୀଙ୍କୁ ୭ ମାସ ହେଲା ବାବାଜୀ ପ୍ରେମ ବିବାହ କରି ଘରେ ରଖିଥିଲେ। ଏଥିରେ ବିଭୂତି ପ୍ରତିଶୋଧ ପରାୟଣ ହୋଇ ବାବାଜୀଙ୍କୁ ହତ୍ୟା କରିବା ପାଇଁ ଧମକ ଦେଇଆସୁଥିଲେ। ଶନିବାର ବାବାଜୀ ଘର ବାରଣ୍ଡାରେ ଶୋଇଥିବା ସମୟରେ ବିଭୂତି ଏକ ବାଇକ୍‌ରେ ଆସି ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟି ଦେଇଥିବା ବାବାଜୀଙ୍କ ବାପା ଅଭିଯୋଗ କରିଛନ୍ତି। ବିଭୂତିଙ୍କ ସହ ଅନ୍ୟ ଜଣେ ସହଯୋଗୀ ମଧ୍ୟ ଆସିଥିଲେ। ସେ ବିଭୂତିଙ୍କ ଭାଇ ବୋଲି ବାବାଜୀଙ୍କ ବାପା କହିଛନ୍ତି। ଆଇଆଇସି ରମଣୀ ରଞ୍ଜନ ଦଳେଇଙ୍କ ନେତୃତ୍ୱରେ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# କାର୍-ବାଇକ୍ ଧକ୍କା; ଶ୍ୱଶୁର-ଜ୍ୱାଇଁ ମୃତ

ବନ୍ଧୁଗାଁ,୧।୬(ସମିସ): ଆନ୍ଧ୍ରପ୍ରଦେଶର ସାନ୍ଦିୱାଲ୍ସା-ଡକିଲା କତାପାଟଣାମ୍ ମଧ୍ୟରେ ଏକ କାର୍ ଧକ୍କାରେ ଶ୍ୱଶୁର-ଜ୍ୱାଇଁଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ ପେଦାଲୋଡ଼ା ପଞ୍ଚାୟତ ଝାଙ୍କରକାର୍ଲି ଗାଁର ଶଶୁର ଅପାନା ପିଡ଼ିକା (୬୨) ଓ ଜ୍ୱାଇଁ ରମେଶ ହୁଇକା (୨୦)। ଘଟଣା ପରେ କାର୍‌ଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ସୂଚନାନୁଯାୟୀ, ଝଙ୍କାରକାର୍ଲିର ରମେଶ ଆନ୍ଧ୍ରପ୍ରଦେଶ ସାନ୍ଦିୱାଲ୍ସା ଗାଁସ୍ଥିତ ନିଜ ଶ୍ୱଶୁର ଘରକୁ ଶୁକ୍ରବାର ଯାଇଥିଲେ। ସେଠାରୁ ସେ ଶ୍ୱଶୁରଙ୍କ ସହ ବାଇକ୍‌ରେ ନିଜ ଗାଁ ଝାଙ୍କରକାର୍ଲିକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ସାନ୍ଦିୱାଲ୍ସା-ଡକିଲା କତାପାଟଣାମ୍ ମଧ୍ୟରେ ଏକ କାର୍ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ରମେଶଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଆପାନାଙ୍କୁ ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସରପଞ୍ଚ ଶେଖର କଣ୍ଡାଗୋରୀ, ଭେଙ୍କଟ କଣ୍ଡାଗୋରୀ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆନ୍ଧ୍ରପ୍ରଦେଶ ପୁଲିସ୍ ଶବକୁ ଉଦ୍ଧାର କରିବା ସହ ଦୁର୍ଘଟଣା ଘଟାଇଥିବା କାର୍‌କୁ ଧରିବାକୁ ସିସିଟିଭି ଯାଞ୍ଚ କରୁଥିବା ଜଣାପଡ଼ିଛି।

# ମଦୁଆଙ୍କ ଖଣ୍ଡା ଚୋଟରେ ଦୁଇ ପୁଲିସ ଆହତ; ୨ ଗିରଫ

ବଲାଙ୍ଗିର/ପାଟଣାଗଡ଼,୧।୬(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅପରାଧୀମାନେ ପୁଲିସ୍‌କୁ ବି ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଏହାର ଏକ ନମୁନା ଦେଖିବାକୁ ମିଳିଛି। ଦୁଇ ମଦୁଆଙ୍କ ଖଣ୍ଡା ଚୋଟରେ ପାଟଣାଗଡ଼ ଥାନାର ଦୁଇ ପୁଲିସ୍ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ, କନଷ୍ଟେବଲ୍ ଦେବାଶିଷ ନାଏକ ଓ ଗୃହରକ୍ଷୀ ନିରଞ୍ଜନ ସାହୁ। ଦୁହିଁଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ, ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଛି। ସେମାନେ ହେଲେ, ବ୍ରହ୍ମପୁରାର ମନୋଜ କୁମାର ସାହୁ ଓ ବାଲିପଟା ଗାଁର ଉମାକାନ୍ତ ମାଝୀ।

ସୂଚନାନୁସାରେ, ମନୋଜ ଓ ଉମାକାନ୍ତ ଶୁକ୍ରବାର ବିଳମ୍ବିତ ରାତିରେ ମଦ ପିଇ ଏକ ବାଇକ୍‌ରେ ବ୍ରହ୍ମପୁରା ଅଭିମୁଖେ ଯାଉଥିବା ବେଳେ କନଷ୍ଟେବଲ୍ ଦେବାଶିଷ ଓ ଗୃହରକ୍ଷୀ ନିରଞ୍ଜନ ସେମାନଙ୍କୁ ଅଟକାଇ ପଚରାଉଚରା କରିଥିଲେ। ଏଥିରେ ରାଗି ଯାଇ ଅଭିଯୁକ୍ତଦ୍ୱୟ ସେମାନଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରି ଫେରାର୍ ହୋଇଯାଇଥିଲେ।

# କମିଲା ଯୁକ୍ତ ୩ ନାମଲେଖା ଆବେଦନ

ଭୁବନେଶ୍ୱର,୧।୬(ସମିସ): ଚଳିତ ବର୍ଷ ରାଜ୍ୟରେ ଯୁକ୍ତ ୩ ପାଠ୍ୟକ୍ରମରେ ନାମଲେଖା ଆବେଦନ ଅବଧି ରବିବାର ଶେଷ ହୋଇଛି। ଯୁକ୍ତ ୩ରେ ନାମଲେଖା ପାଇଁ ରାଜ୍ୟରେ ୨ଲକ୍ଷ ୭୬ହଜାର ୫୬୯ଟି ସିଟ୍ ଉପଲବ୍ଧ ରହିଛି । ମାତ୍ର ଯୁକ୍ତ ୩ରେ ନାମ ଲେଖାଇବା ପାଇଁ ମାତ୍ର ୨ଲକ୍ଷ ୫୬ହଜାର ୩୫୦ ଜଣ ଆବେଦନ କରିଛନ୍ତି। ତନ୍ମଧ୍ୟରୁ ୨ଲକ୍ଷ ୪୮ହଜାର ୫୨୮ ପିଲା ଆବଶ୍ୟକ ଫି' ଦାଖଲ କରି ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଛନ୍ତି। ସମୁଦାୟ ସିଟ୍ ତୁଳନାରେ ଆବେଦନ ସଂଖ୍ୟା ପ୍ରାୟ ୨୬ ହଜାର କମିଛି। ଶିକ୍ଷାବର୍ଷରେ ସନ୍ତୁଳନ ଆଣିବାକୁ ଅର୍ଥାତ୍ ନିର୍ଦ୍ଧାରିତ ସମୟରେ ପାଠପଢ଼ା ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ +୨ ପରୀକ୍ଷା ଫଳ ପ୍ରକାଶ ପାଇବା ପୂର୍ବରୁ +୩ ପାଇଁ ଆବେଦନ ଆରମ୍ଭ ହୋଇଥିଲା। ଏପରିକି ଆବେଦନ ଅବଧି ସରିବା ପୂର୍ବରୁ ଆଉ ୧୦ଦିନ ବଢ଼ାଯାଇଥିଲା। ଏହା ସତ୍ତ୍ୱେ ଚଳିତ ବର୍ଷ ଆବେଦନ ସଂଖ୍ୟା ହ୍ରାସ ପାଇଥିବାରୁ ଗତବର୍ଷ ପରି ଯୁକ୍ତ ୩ରେ ସିଟ୍ ସଂଖ୍ୟା ଖାଲି ପଡ଼ିବା ସ୍ପଷ୍ଟ ହୋଇ ଯାଇଛି ।

# ୪୪ ଗୁଣା ପିଲା ଦେଲେ ବିଏଡ୍ ପରୀକ୍ଷା

ଭୁବନେଶ୍ୱର,୧।୬(ସମିସ): ରାଜ୍ୟର ୩୪୨ଟି ପରୀକ୍ଷା କେନ୍ଦ୍ରରେ ରବିବାର ବିଏଡ୍ ପରୀକ୍ଷା ଅନୁଷ୍ଠିତ ହୋଇଛି। ଚଳିତବର୍ଷ ପ୍ରାୟ ୧ଲକ୍ଷ ୨୧ ହଜାର ପିଲା ପରୀକ୍ଷା ଦେଇଛନ୍ତି। କଡ଼ା ସୁରକ୍ଷା ମଧ୍ୟରେ ପରୀକ୍ଷା ସରିଥିବା ରାଜ୍ୟ ପ୍ରବରଣ ଆୟୋଗ(ଏସ୍ଏସ୍‌ବି)ର ସମ୍ପାଦକ ଡ. ରାଜେଶ କୁମାର ସାହୁ କହିଛନ୍ତି। ଚଳିତବର୍ଷ ବିଏଡ୍ ପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଛି। ସମୁଦାୟ ୩୧ଟି ଶିକ୍ଷାନୁଷ୍ଠାନରେ ୨୭୫୦ସିଟ୍ ଉପଲବ୍ଧ ରହିଛି। ପ୍ରାୟ ୧ଲକ୍ଷ ୨୧ହଜାର ପିଲା ଅର୍ଥାତ୍ ସମୁଦାୟ ସିଟ୍‌ର ପ୍ରାୟ ୪୪ଗୁଣା ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ଆବେଦନକାରୀଙ୍କ ମଧ୍ୟରେ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ସଂଖ୍ୟା ବହୁ ଅଧିକ। ଚଳିତଥର ୪୩ ହଜାର ୬୧୨ଜଣ ଛାତ୍ର ଆବେଦନ କରିଥିବା ବେଳେ ଏହାର ପ୍ରାୟ ଦୁଇଗୁଣ ଅର୍ଥାତ୍ ୮୬ ହଜାର ୯୩ଜଣ ଛାତ୍ରୀ ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଥିଲେ। ଅପରପକ୍ଷରେ, ଏମ୍ଏଡ୍ ନାମଲେଖା ପାଇଁ ୧୬୫୧ଜଣ ଆବେଦନ କରିଥିବା ବେଳେ ଆସନ୍ତା ୪ ତାରିଖରେ ଏହାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ।

# ବିଜେଡିରେ ମିଶିଲେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଦଳର ନେତା

ଭୁବନେଶ୍ୱର,୧।୬(ସମିସ): ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୦୨୪ ସାଧାରଣ ନିର୍ବାଚନ କଂଗ୍ରେସ ପ୍ରାର୍ଥୀ ଦିଲ୍ଲୀପ ପ୍ରଧାନୀଙ୍କ ନେତୃତ୍ୱରେ ଶତାଧିକ ପିଆରଆଇ ସଦସ୍ୟ ଓ କର୍ମୀ ବିଜେଡିରେ ଯୋଗଦାନ କରିଛନ୍ତି। ରବିବାର ଶଙ୍ଖଭବନଠାରେ ବିଜେଡି ବିଧାୟକ ତଥା ଜିଲ୍ଲା ସଭାପତି ମନୋହର ରନ୍ଧାରୀଙ୍କ ଉପସ୍ଥିତିରେ ସେମାନେ ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ଦଳରେ ସାମିଲ୍ ହୋଇଥିବା ସମସ୍ତଙ୍କୁ ଶ୍ରୀ ରନ୍ଧାରୀ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ।

ଏହି ଅବସରରେ କଂଗ୍ରେସର ବିଧାନସଭା ପ୍ରାର୍ଥୀ ଦିଲ୍ଲୀପ ପ୍ରଧାନୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାବାସୀଙ୍କ ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ବିଜୁ ଜନତା ଦଳରେ ସାମିଲ ହେବା



ପାଇଁ ନିଷ୍ପତ୍ତି ନେଲୁ। ଦଳରେ ସାମିଲ ହୋଇ ଆମେ ବହୁତ ଖୁସି ଅନୁଭବ କରୁଛୁ। ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ସରପଞ୍ଚ ସର୍ବଶ୍ରୀ ପ୍ରମିଳା ମୁଦୁଲି, ଶଙ୍କର ନାୟକ, ରୁକ୍ମଣୀ ମାଝୀ, ସମିତିସଭ୍ୟ ସର୍ବଶ୍ରୀ ଦୁର୍ଯୋ ମାଝୀ, ଜିତେନ୍ଦ୍ର ହରିଜନ, ସୋମନାଥ ସୌରା, ବରିଷ୍ଠ କଂଗ୍ରେସ ନେତା ମନ୍ଦର ଜାନୀ ଓ ବିପିନି ବିଶୋୟୀ, ପୂର୍ବତନ ସରପଞ୍ଚ କୁମର ପୂଜାରୀ ପ୍ରମୁଖ ବିଜେଡିରେ ସାମିଲ୍ ହେବା ସହ ବେଶ୍ ଖୁସି ବ୍ୟକ୍ତ କରିଥିଲେ। ଏହି ମିଶ୍ରଣ ପର୍ବରେ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ (ମୁନ୍ନା ଖାନ), ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସାଧାରଣ ସମ୍ପାଦକ ରମେଶ ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ମିଡିଆ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**■ ଟ୍ରେନ୍‌ରେ ଡକାୟତି ଯୋଜନା**

# ୪ ଗିରଫ, ୨୦ ମୋବାଇଲ ଜବତ

ପୁରୀ,୧।୬(ସମିସ): ଆଗକୁ ରଥଯାତ୍ରା। ପୁରୀକୁ ହଜାର ହଜାର ସଂଖ୍ୟାରେ ଯାତ୍ରୀ ଟ୍ରେନରେ ଯିବାଆସିବା କରିବେ। ତେବେ ଟ୍ରେନ ଯାତ୍ରା ଯେପରି ସୁରକ୍ଷିତ ହେବ ସେଥିପାଇଁ ବେଶ୍ ତତ୍ପର ହୋଇପଡିଛନ୍ତି ଆରପିଏଫ୍ ଏବଂ ଜିଆର୍‌ପି ପୋଲିସ। ରାତ୍ରୀକାଳୀନ ପାଟ୍ରୋଲିଂକୁ କଡାକଡି କରିଛନ୍ତି। ଏହି କ୍ରମରେ ଶନିବାର ରାତିରେ ପୁରୀ ଆରପିଏଫ୍ ଏବଂ ଜିଆର୍‌ପି ଥାନା ପୋଲିସ ମିଳିତ ଭାବେ ଷ୍ଟେଶନରେ ପାଟ୍ରୋଲିଂ କରୁଥିଲେ। ରାତି ପ୍ରାୟ ୧୧ଟା ୫୦ ସମୟରେ ଲୋକୋ ଅଫିସ ନିକଟ ଟ୍ରେନ ଲାଇନ କଡରେ ୫ ଜଣ ଅସାମାଜିକ ଯୁବକ ବସି ବିଳମ୍ବିତ ରାତିରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ସେଠାରେ ଜିଆର୍‌ପି ଏବଂ ଆରପିଏଫ୍ ଚଢାଉ କରିଥିଲେ। ସେମାନଙ୍କୁ ଦେଖି ଜଣେ ଯୁବକ ଖସି ଯାଇଥିବା ବେଳେ ୪ ଜଣଙ୍କୁ କାବୁ କରିଥିଲେ ଆର୍‌ପିଏଫ୍ ଏବଂ ଜିଆର୍‌ପି ପୋଲିସ। ଅଭିଯୁକ୍ତମାନେ ହେଲେ ଡେଲାଙ୍ଗ ଓଡତରାହୀର ଦିଲ୍ଲୀପ ଜେନା, ଖୋର୍ଦ୍ଧା ଗୁରୁଜଙ୍ଗର ବାବୁଲା ବାରିକ, ଗଞ୍ଜାମ ଚମାଖଣ୍ଡିର ସଞ୍ଜୟ ସେଠୀ, ଗଞ୍ଜାମ ବ୍ରହ୍ମପୁର ସହର ବିଲସାହିର ମନୋଜ ବେହେରା। ପଚରାଉଚରା କରିବା ପରେ ପୁରୀ-ଭଲସାଦ ସାପ୍ତାହିକ ଏକ୍ସପ୍ରେସ ଟ୍ରେନରେ ଡକାୟତି କରିବା ଲାଗି ଯୋଜନା କରୁଥିବା ସ୍ୱୀକାର କରୁଥିଲେ। ଅଭିଯୁକ୍ତମାନଙ୍କଠାରୁ ୨୦ଟି ମୋବାଇଲ ଫୋନ(ଯେଉଁଥିରେ ଗୋଟିଏ ଆଇଫୋନ ରହିଛି), ୨ଟି ଛୁରୀ, ୪ ପ୍ୟାକେଟ ଲଙ୍କାଗୁଣ୍ଡ, ୪ଟି କଳା ରଙ୍ଗର ମାସ୍କ, ୪ଟି ଟ୍ରେନ ଟିକେଟ, ସିଗାରେଟ୍, ଆସ୍କା ୪୦ ବୋତଲ ଏବଂ ମ୍ୟାପ୍ ଜବତ କରାଯାଇଥିଲା। ଏ ନେଇ ଜିଆର୍‌ପି ଥାନାରେ ଏକ ମାମଲା (ନଂ.୪୭/୨୫) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଜିଆର୍‌ପି ଥାନାଧିକାରୀ ଏସ୍.କେ. ବାହିନୀପତି ସୂଚନା ଦେଇଛନ୍ତି। ଆଗକୁ ରଥଯାତ୍ରା ଆସୁଥିବାରୁ ଯାତ୍ରୀଙ୍କ ସୁରକ୍ଷିତ ଯାତାୟାତ ପାଇଁ ଯାଞ୍ଚ ଏବଂ ପାଟ୍ରୋଲିଂ କଡାକଡି କରାଯିବ ବୋଲି ବାହିନୀପତି କହିଛନ୍ତି।

# ରାଜ୍ୟରେ ବନ୍ଦର ବିକାଶ ପାଇଁ ଇଓଆଇ ଆହ୍ୱାନ

**ସହାୟକ ହେଲା ପୂର୍ବ ସରକାରଙ୍କ ବନ୍ଦର ନୀତି**

ଭୁବନେଶ୍ୱର,୧।୬(ସମିସ): ରାଜ୍ୟରେ ବିଶାଳ ସାମୁଦ୍ରିକ କ୍ଷମତାକୁ ଉପଯୋଗ କରି ବନ୍ଦର ଭିତ୍ତିକ ବିକାଶ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଅଣ ପ୍ରମୁଖ ବନ୍ଦର, କ୍ରୁଜ ଟର୍ମିନାଲ, ବହୁମୁଖୀ ବନ୍ଦର, ଜାହାଜ ନିର୍ମାଣ ଓ ମରାମତି ସୁବିଧା କେନ୍ଦ୍ର ଏବଂ କଣ୍ଟେନର ଟର୍ମିନାଲର ବିକାଶ ପାଇଁ ରାଜ୍ୟ ସରକାର ଏକ୍ସପ୍ରେସନ ଅଫ୍ ଇଣ୍ଟେଷ୍ଟ(ଇଓଆଇ) ଆହ୍ୱାନ କରିଛନ୍ତି। ବୈଶ୍ୱିକସ୍ତରରେ ନିବେଶକ ଏବଂ ଅପରେଟରଙ୍କ ନିକଟରୁ ରାଜ୍ୟ ବନ୍ଦର ଏବଂ ଅନ୍ତର୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ଇଓଆଇ ଆହ୍ୱାନ କରାଯାଇଛି।

ଇଓଆଇ ଅନୁଯାୟୀ ରାଜ୍ୟରେ ବାଲେଶ୍ୱରର ବିଚିତ୍ରପୁର(ତାଳସାରୀ)ଠାରୁ ଦକ୍ଷିଣରେ ବାହୁଦା ମୁହାଣ(ଗଞ୍ଜାମ) ଯାଏଁ ପ୍ରାୟ ୫୭୪ କିଲୋମିଟର ବିଶିଷ୍ଟ ସାମୁଦ୍ରିକ ଉପକୂଳ ରହିଛି। ରାଜ୍ୟରେ ବର୍ତ୍ତମାନ ପାରାଦୀପ ଏକ ପ୍ରମୁଖ ବନ୍ଦର ଥିବବାବେଳେ ପ୍ରାୟ ୧୪ଟି ଅଣ ପ୍ରମୁଖ ବନ୍ଦର ଚିହ୍ନଟ କରାଯାଇଛି। ଏହି ୧୪ଟି ଅଣ ପ୍ରମୁଖ ବନ୍ଦର ମଧ୍ୟରୁ ଗୋପାଳପୁର ଏବଂ ଧାମରା ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇ ସାରିଲାଣି। ସେହିପରି ଅସ୍ତରଙ୍ଗ ଏବଂ ସୁବର୍ଣ୍ଣରେଖା ବନ୍ଦରରେ ବର୍ତ୍ତମାନ ବିକାଶ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଜଟାଧାର ମୁହାଣରେ ଖୁବଶୀଘ୍ର ଏକ ଜେଟି ନିର୍ମାଣକୁ ନିକଟରେ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏଠାରେ ଜେଏସଡବ୍ଲ୍ୟୁ ଏହି ଜେଟି ନିର୍ମାଣ କରିବ। ଅବଶିଷ୍ଟ ୮ଟି ଅଣ ପ୍ରମୁଖ ବନ୍ଦରର ବିକାଶ ପାଇଁ ଇଓଆଇ ଆହ୍ୱାନ କରାଯାଇଛି। ବିଚିତ୍ରପୁର, ବାହାବଳପୁର, ଚାନ୍ଦିପୁର, ଇଞ୍ଚୁଡି, ଚୂଡାମଣି, ବାଲିହରଚଣ୍ଡୀ, ପାଲୁର ଏବଂ ବାହୁଦା ମୁହାଣ(ସୋନପୁର)ରେ ବନ୍ଦର କାର୍ଯ୍ୟକଳାପକୁ ସଶକ୍ତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଆସନ୍ତା ଜୁନ୍ ୨୩ ତାରିଖ ସୁଦ୍ଧା ଇଚ୍ଛୁକ ସଂସ୍ଥା ଇଓଆଇ ଦାଖଲ କରିପାରିବେ ବୋଲି ଏଥିରେ ଉଲ୍ଲେଖ ରହିଛି।

ରାଜ୍ୟରେ ବନ୍ଦର ଭିତ୍ତିକ କାର୍ଯ୍ୟକଳାପର ବିକାଶ ପାଇଁ ଗତ ବିଜେଡି ସରକାର ୨୦୨୨ ମସିହାରେ ଓଡ଼ିଶା ବନ୍ଦର ନୀତି ପ୍ରଣୟନ କରିଥିଲେ। ଓଡ଼ିଶାରେ ଏହି ନୀତି ଦ୍ୱାରା ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ, ମାଧ୍ୟମରେ ଓଡ଼ିଶା ଉପକୂଳରେ ସ୍ଥାୟୀ ସାମୁଦ୍ରିକ ବିକାଶ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀତ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ବିଶେଷକରି ସାମୁଦ୍ରିକ ଜାହାଜ ପରିବହନ, ସାମୁଦ୍ରିକ ପର୍ଯ୍ୟଟନକୁ ପ୍ରୋତ୍ସାହନ, ବହୁମୁଖୀ ବନ୍ଦର ନିର୍ମାଣ, ଆଦି ଭିତ୍ତିଭୂମି ସୃଷ୍ଟିରେ ନୂଆ ନୀତି ସହାୟକ ହେବ ହୋଇ ପାରିଛି ବୋଲି ବିଶେଷଜ୍ଞ ମହଲରେ ମତ ପ୍ରକାଶ ପାଇଛି।

# ପୁଣି ଶ୍ରୀମନ୍ଦିର ଉପରେ ଉଡିଲା ଡ୍ରୋନ୍

**ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ**

ପୁରୀ, ୧।୬(ସମିସ): ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଦିନକୁଦିନ ବିପନ୍ନ ହେବାରେ ଲାଗିଛି। ବିଭିନ୍ନ ସମୟରେ ଫଟୋ, ଭିଡିଓ ବଡ଼ଦେଉଳର ବହୁ ଗୁପ୍ତତଥ୍ୟକୁ ପଦାରେ ପକାଉଥିବା ବେଳେ ଏବେ ପୁଣି ଉଡିଛି ଡ୍ରୋନ୍। ସମ୍ପ୍ରତି ଭାରତ-ପାକିସ୍ତାନ ସ୍ଥିତିକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଥିବା ବେଳେ ଏହା କେବଳ ଯେକାଗଜ କଲମରେ ସୀମିତ ତାହା ପ୍ରମାଣିତ ହୋଇଛି। ତେବେ ଏହି ଡ୍ରୋନ ଶ୍ରୀମନ୍ଦିର ଭିତରର ଅନେକ ଦୃଶ୍ୟ ତୋଳିଥିବା ସନ୍ଦେହ କରାଯାଉଥିବା ବେଳେ ଏହା ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥାକୁ ପୁଣି ପଦାରେ ପକାଇଛି। ବିଗତ ଦିନରେ ଅନେକଥର ସୋସିଆଲ ମିଡିଆରେ ମନ୍ଦିରର ସମ୍ବେଦନଶୀଳ ଫଟୋ, ଭିଡିଓ ଭାଇରାଲ ହୋଇଥିବା ବେଳେ ଏବେ ଲଗାତର ଡ୍ରୋନ୍ ଉଡ଼ିବା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି।

ବାରମ୍ବାର ତାଗିଦ୍ ସତ୍ତ୍ୱେ ବୋଲ ମାନୁନାହାନ୍ତି ଅମାନିଆ। ପୁଣି ଭାଇରାଲ୍ ହୋଇଛି ଶ୍ରୀମନ୍ଦିରର ଡ୍ରୋନ ଭିଡିଓ। ମୁଖ୍ୟ ବାନା ଲଗାଯାଉଥିବା ଦୃଶ୍ୟ ଭିଡିଓରେ ଆସିଥିବା ବେଳେ ଜଣେ ଚୁନେରା ସେବାୟତ ନମସ୍କାର କରୁଥିବା ଭିଡିଓରେ ଦେଖିବାକୁ ମିଳିଛି, ଯାହାକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନବାଚୀ



ସୃଷ୍ଟି ହୋଇଛି। ତେବେ ଭାଇରାଲ ଭିଡିଓରେ ଚୁନରା ସେବାୟତଜଣଙ୍କ ଏକାଧିକଥର ଆସୁଥିବା ଦେଖିବାକୁ ମିଳିଛି। ମେ' ୩୦ରେ ଫେସବୁକ୍‌ରେ ଏହି ଭିଡିଓ ଅପଲୋଡ୍ ହୋଇଛି। ଉତ୍ତରପ୍ରଦେଶର ହିମାଂଶୁ ନାମକ ଜଣେ ଯୁବକଙ୍କ ଆକାଉଣ୍ଟରୁ ଏହି ଭିଡିଓ ଭାଇରାଲ ହୋଇଥିଲା। ହେଲେ ଏବେ ସେ ତାଙ୍କ ଆକାଉଣ୍ଟରୁ ଏହି ଭିଡିଓ ଡିଲିଟ୍ କରିଦେଇଥିବା ଜଣାପଡ଼ିଛି। ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିକୋଣରୁ ଏହା ଉପର ନୋ-ଫ୍ଲାଇଂ ଜୋନ ଘୋଷଣା କରାଯାଇଛି। ହେଲେ ଅନେକ ସମୟରେ ଏହି କଟକଣାକୁ ଉଲ୍ଲଂଘନ କରାଯାଉଥିବା ବେଳେ ରବିବାର ଏହାର ପୁନରାବୃତ୍ତି ଘଟିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବାରମ୍ବାର ଡ୍ରୋନ୍ ଉଡୁଥିବା ବେଳେ ସୁରକ୍ଷା କର୍ମୀମାନେ ଜାଣିପାରୁନାହାନ୍ତି କେମିତି? ଶ୍ରୀମନ୍ଦିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବାଟାଲିୟନ ଗଠନ କରାଯାଇଛି। ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଯୁଦ୍ଧାସ୍ତ୍ର ଗାଡ଼ି ରକ୍ଷକ ସିଂହଦ୍ୱାର ସମ୍ମୁଖରେ ପହରା ଦେଉଛି। ମାଳମାଳ ଓଡ଼ିଶା ପୁଲିସ୍, ଜେଟିପି ମୁତୟନ ଅଛନ୍ତି। ହେଲେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାର ନାକ ତଳେ ଘଟୁଛି ଏଭଳି ଅଘଟଣ। ତେବେ ଶ୍ରୀମନ୍ଦିର ସୁରକ୍ଷା ନେଇ ଆଇନ ମନ୍ତ୍ରୀ ଘୋଷଣା କରିଥିବା ଆଣ୍ଟି ଡ୍ରୋନ ସିଷ୍ଟମ କେବେ ଲାଗିବ ତାହାକୁ ଏବେ ଅପେକ୍ଷା।

**ବର୍ଷପୂର୍ତ୍ତି ପାଇଁ ବ୍ୟସ୍ତ ସରକାର**

# ରଜ ପରେ ଚାଷୀଙ୍କୁ ମିଳିବ ବିହନ!

**■ କ୍ଷେତ ହଳ କରି ବିହନକୁ ଚାହିଁଛି ଚାଷୀ**
**■ ସମବାୟ ସମିତିରେ ନାହିଁ ସରକାରୀ ବିହନ**

ଭୁବନେଶ୍ୱର, ୧।୬(ସମିସ): ବର୍ଷା ଆସିବା ପୂର୍ବରୁ କ୍ଷେତ ସଜ କରି ଚାଷୀ ଧାନ ବିହନକୁ ଚାହିଁ ବସିଛି, ମାତ୍ର ବିହନ ମିଳୁନାହିଁ। ସମବାୟ ସମିତିକୁ ସରକାରୀ ବିହନ ଆସିନାହିଁ, ବଜାରରେ ମଧ୍ୟ ଆବଶ୍ୟକ ମୁତାବକ ବିହନ ନାହିଁ । ଯେଉଁ ଚାଷୀମାନେ ବିହନ ଗଚ୍ଛିତ କରି ରଖିଛନ୍ତି, ସେମାନେ ଚାଷବାସ କାମ ଆରମ୍ଭ କରିଛନ୍ତି; ଅନ୍ୟ ଚାଷୀମାନେ ସରକାରୀ ବିହନକୁ ଅପେକ୍ଷା କରି ମୁଣ୍ଡରେ ହାତ ଦେଇ ବସିଛନ୍ତି । ଚଳିତବର୍ଷ ଖରିଫ୍‌ରେ ୫୮.୫୦ ଲକ୍ଷ ହେକ୍ଟର ଜମିରେ ଚାଷ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମାତ୍ର ବିହନ ବଣ୍ଟନରେ ବିଳମ୍ବ ଏହି ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି ।

ଉପକୂଳ ଓଡ଼ିଶାର ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଜିଲ୍ଲା ସମେତ ଅନ୍ୟାନ୍ୟ କେତେକ ସ୍ଥାନରେ ବିହନ ଯୋଗାଣରେ ଅଚଳାବସ୍ଥା ଚାଷୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ବିହନ ଅଭାବ ଯୋଗୁଁ କିଛି ଚାଷୀ ସରକାରୀ ପ୍ରମାଣିକ ବିହନ ବଦଳରେ ବଜାରରୁ ଅନ୍ୟ ବିହନ କିଣି ବୁଣିବାକୁ ମନ ବଳାଉଛନ୍ତି। ମାତ୍ର ଏହି ବିହନ କେତେ ଫଳପ୍ରଦ ହେବ ତାକୁ ନେଇ ଆଶାଆଶଙ୍କା ଭିତରେ ରହୁଛନ୍ତି। ପୁନଶ୍ଚ ସମବାୟ ବ୍ୟାଙ୍କଗୁଡ଼ିକ ବିହନ ଯୋଗାଣରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ସରକାର ସ୍ଥାନୀୟ ସମବାୟ ବ୍ୟାଙ୍କ ମାଧ୍ୟମରେ ବିହନ ବିକ୍ରି କରିବେ ବୋଲି ଘୋଷଣା କରିଥିଲେ ହେଁ ଏଯାବତ୍ ଚାଷୀଙ୍କ ପାଖରେ ବିହନ ପହଞ୍ଚି ପାରୁନି। ବିହନ ଆସିବାକୁ ଆହୁରି ୧୫ ଦିନ ଲାଗିବ ଓ ରଜ ପରେ ବିହନ ମିଳିଯିବ ବୋଲି ସମବାୟ ସମିତି ସମ୍ପାଦକମାନେ କହୁଥିବା ଅଭିଯୋଗ ହୋଇଛି ।

ଚାଷୀ ନେତା ବିଶ୍ୱମ୍ବର ବେଉରିଆଙ୍କ ଅଭିଯୋଗ ଅନୁସାରେ ସମବାୟ ବ୍ୟାଙ୍କଗୁଡ଼ିକର ମନମାନି ଯୋଗୁଁ ଚାଷୀମାନେ ଆଜି ଏଭଳି ଦଶା ଭୋଗୁଛନ୍ତି। ଧାନ ମଣ୍ଡିବେଳକୁ ସମବାୟ ବ୍ୟାଙ୍କମାନେ ଯେତେ ତତ୍ପର, ବିହନ ବିକ୍ରି ପାଇଁ ସେତିକି ତତ୍ପରତା ନାହିଁ। ମଣ୍ଡିରେ କମିଶନ ଓ ଫାଇଦା ଥିବାରୁ ସମବାୟ ସମିତିମାନେ ସେଥିପ୍ରତି ଅଧିକ ମନ ବଳାଉଛନ୍ତି; କିନ୍ତୁ ବିହନ ବିକ୍ରିରେ କମ୍ ଲାଭ ଥିବାରୁ ସେ ଦିଗରେ ମୋଟେ ଧ୍ୟାନ ଦେଉନାହାନ୍ତି। ସମବାୟ ସମିତିଗୁଡ଼ିକ ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିହନ ଆଣୁନାହାନ୍ତି। ନିଜ ସୁବିଧା ଆଣି କିଛି ଖୋଲା ବଜାରରେ ଚଢ଼ା ଦରରେ ବିକ୍ରି କରିଦେଉଛନ୍ତି। ଜାଲିଆତି କରି ଚାଷୀଙ୍କ ନାଁରେ ଏହି ବିହନ ବିକ୍ରି ଉଲ୍ଲେଖ କରି ଦିଆଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି।

ଅପରପକ୍ଷେ ସମବାୟ ସମିତିର କିଛି ସମ୍ପାଦକ ଚାଷୀଙ୍କ ଏହି ଅଭିଯୋଗକୁ ସ୍ୱୀକାର କରିଥିଲେ ବି ବିହନ ନିଗମ ଓ କୃଷି ବିଭାଗ ଉପରକୁ ଦୋଷ ଠେଲି ସଫେଇ ଦେଇଛନ୍ତି। ବିହନ ବିକ୍ରି ନ ହୋଇ ବଳକା ରହିଗଲେ, ଫେରସ୍ତ ବ୍ୟବସ୍ଥା ନ ଥିବାରୁ ସମବାୟ ସମିତିଗୁଡ଼ିକ ଏହାପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ସେହିଭଳି ବହୁ ସମବାୟ ସମିତିରେ ଗୋଦାମ ନଥିବାରୁ ବିହନ ରଖିବା ସମସ୍ୟା ହେଉଛି ବୋଲି ସେମାନେ କହିଛନ୍ତି ।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ । ଶୁଭ ଖବର ପ୍ରାପ୍ତ ହେବ । ନୂଆ ଯାନ କିଣିବା ଯୋଗ ଅଛି । ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ । ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ । ଉଧାର ଟଙ୍କା ଫେରିପାଇବେ ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ । ନାଚ, ଗୀତରେ ପ୍ରଶଂସା ମିଳିବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ପଡୋଶୀଙ୍କ ସହ ସମ୍ପର୍କ ବଢ଼ିବ ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ । ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ । କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ ।

**କନ୍ୟା:** ବ୍ୟବସାୟରେ ଲାଭ ହେବ । ଆୟଠୁ ଅଧିକ ବ୍ୟୟ କରିବେ । ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ । ନୂଆ କାମ ଆରମ୍ଭ କରିପାରନ୍ତି । ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ ।

**ତୁଳା:** ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ । ପାରିବାରିକ ସମସ୍ୟା ସମାଧାନ ହେବ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଭାଇଭଉଣୀଙ୍କଠାରୁ ଉପହାର ପାଇବେ । ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ । ଚକ୍ଷୁ ସମସ୍ୟା ହୋଇପାରେ ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବା ଭଲ । ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ । ଆଇନଜୀବୀଙ୍କୁ ସଫଳତା ମିଳିବ । ସାମାଜିକ ଓ ଧାର୍ମିକ ସମାବେଶରେ ଯୋଗଦେବେ । ଦାନ ଧର୍ମ କରିବେ ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ । ଲୋକସମ୍ପର୍କ ବୃଦ୍ଧି ପାଇବ । ରାଜନେତାଙ୍କ ପାଇଁ ଦିନଟି ଭଲ ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ । ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ । ବିରୋଧୀଙ୍କୁ ସାମ୍ନା କରିବେ । ଚିନ୍ତାଗ୍ରସ୍ତ ରହିବେ । ଜୀବନସାଥୀଙ୍କୁ ମନ କଥା କହିବେ ।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିପାରେ । କଳା କ୍ଷେତ୍ରରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି । ନିଜ ଲୋକ ଶତ୍ରୁ ସାଜିପାରନ୍ତି ।

## ଆଜିର ଐତିହ୍ୟ

- ୧୯୫୩- ବ୍ରିଟିଶ ରାଜଗାଦି ଆରୋହଣ କଲେ ମହାରାଣୀ ଏଲିଜାବେଥ ଦ୍ୱିତୀୟ ।
- ୧୯୬୬-ଆମେରିକାର ପ୍ରଥମ ମହାକାଶଯାନ ଚନ୍ଦ୍ରପୃଷ୍ଠରେ ଅବତରଣ କଲା ।
- ୧୯୮୮ - ବଲିଉଡ୍‌ର ମହାନ୍ ଅଭିନେତା ରାଜ୍ କପୁରଙ୍କ ଦେହାନ୍ତ ।
- ୨୦୦୬- ଆମେରିକା ଦାଉଦ୍ ଇବ୍ରାହିମ୍ ଓ ତାର ସଂଗଠନ ଉପରେ ପ୍ରତିବନ୍ଧକ ଲଗାଇଲା ।
- ୨୦୧୪- ତେଲଙ୍ଗାନା ଭାରତର ୨୯ତମ ରାଜ୍ୟ ହେଲା ।

# ସନ୍‌ସ୍କ୍ରିନ୍ ହେଲା କାଳ



ଚୀନ୍‌ରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି । ଏହି ଖବରକୁ ନେଇ ସାମାଜିକ ଗଣମାଧ୍ୟମରେ ମଧ୍ୟ ଆଲୋଚନା ହେଉଛି । ଜଣେ ୪୮ ବର୍ଷୀୟା ମହିଳାଙ୍କ ହାଡ଼ ଏତେ ଦୁର୍ବଳ ହୋଇଥିଲା ଯେ, ସେ କଡ଼ ଲେଉଟାଇବାବେଳେ ଏହା ଭାଙ୍ଗି ଯାଇଥିଲା । ତେବେ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଅନେକ ଦିନରୁ ନ ଆସିବା ତଥା ଅତ୍ୟଧିକ ସନ୍‌ସ୍କ୍ରିନ୍ ବ୍ୟବହାର ଯୋଗୁଁ ତାଙ୍କ ସହ ଏପରି ଘଟିଥିବା ଜଣାପଡ଼ିଛି । ସିଚୁଆନରେ ଥିବା ଚେଙ୍ଗଦୁ ହସ୍‌ପିଟାଲକୁ ଏହି ମହିଳା ଜଣକ ଆସିଥିଲେ । ତାଙ୍କ ହାଡ଼ ଭାଙ୍ଗି ଯାଇଥିଲା । ତେବେ ଏହି ମହିଳାଙ୍କର କୌଣସି ସ୍ଥାନରୁ ଖସି ପଡ଼ିବାରୁ କିମ୍ବା ଦୁର୍ଘଟଣାରୁ ତାଙ୍କ ହାଡ଼ ଭାଙ୍ଗି ନ ଥିଲା । ସେ ବିଛଣାରେ ଶୋଇଥିବା ଅବସ୍ଥାରେ କଡ଼ ଲେଉଟାଇବା କ୍ଷଣି ତାଙ୍କର ହାଡ଼ ଭାଙ୍ଗି ଯାଇଥିଲା । ମେଡିକାଲ ଯାଞ୍ଚରୁ ତାଙ୍କ ଶରୀରରେ ଭିଟାମିନ୍ ଡି'ର ଅତ୍ୟଧିକ ଅଭାବ ଥିବା ଜଣାପଡ଼ିଥିଲା । ମହିଳା ଜଣକ ପିଲାଦିନରୁ ଖରାରୁ ଦୂରେଇ ରହୁଥିଲେ । ସବୁବେଳେ ସୂର୍ଯ୍ୟକିରଣରୁ ତ୍ୱଚାକୁ ଦୂରେଇ ରଖିବା ପାଇଁ ଶରୀରକୁ ଢାଙ୍କିଲା ପରି ପୋଷାକ ପିନ୍ଧୁଥିଲେ । କେବେବି ମୋଟା ପରସ୍ତର ସନ୍‌ସ୍କ୍ରିନ୍ ଲୋସନ ନ ଲଗାଇ ପଦାକୁ ବାହାରୁ ନ ଥିଲେ । ମହିଳା ଜଣକୁ ଚିକିତ୍ସା କରୁଥିବା ଡାକ୍ତର ଲୋଙ୍ଗ ସୁଆଙ୍ଗ କହିବା କଥା, ମହିଳାଙ୍କ ଜୀବନଶୈଳୀ ତାଙ୍କ ଶରୀରରେ ଭିଟାମିନ୍ ଡି'କୁ ଅବରୋଧ କରି ରଖିଥିଲା । ସାଧାରଣତଃ ସୂର୍ଯ୍ୟକିରଣରୁ ଭିଟାମିନ୍ ଡି ମିଳିଥାଏ । କିନ୍ତୁ ମହିଳାଙ୍କ ଶରୀରରେ ସୂର୍ଯ୍ୟକିରଣ ପ୍ରବେଶ କରିପାରୁ ନ ଥିବାରୁ ଏହା ଗମ୍ଭୀର ଅଷ୍ଟିଓପୋରୋସିସ୍‌ର କାରଣ ପାଲଟିଥିଲା । ଏହା ଏପରି ଏକ ସ୍ଥିତି ଯେଉଁଥିରେ ହାଡ଼ଗୁଡ଼ିକ ଦୁର୍ବଳ ହୋଇଯାଏ, ଟିକିଏ ଚାପ ପଡ଼ିଲେ ଭାଙ୍ଗିବା ଆଶଙ୍କା ଥାଏ । ତେବେ ଚୀନ୍‌ରେ ଗୋରା ରଙ୍ଗକୁ ଗୁରୁତ୍ୱ ଦିଆଯାଉଥିବାରୁ ଲୋକେ ମାତ୍ରାଧିକ ସନ୍‌ସ୍କ୍ରିନ୍ ଲୋସନ୍ ଲଗାଇବା ସହ ଲମ୍ବା ପୋଷାକ, ଗ୍ଲୁଭସ୍, ଟୋପି ଆଦି ବ୍ୟବହାର କରିଥାନ୍ତି । ସେମାନେ ଯଥାସମ୍ଭବ ସୂର୍ଯ୍ୟକିରଣରୁ ଶରୀରକୁ ରକ୍ଷା କରିବାକୁ ଚେଷ୍ଟା କରନ୍ତି । ଏଥିଯୋଗୁଁ ଏଭଳି ଏକ ଅପ୍ରତ୍ୟାଶିତ ରୋଗ ଦେଖାଯାଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି । ଏହି କାହାଣୀ ଏବେ ଚୀନ୍ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି । ଏହି ଘଟଣା ପରେ ଚୀନ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଲୋକଙ୍କୁ ସନ୍ତୁଳିତ ଜୀବନ ଆପଣାଇବାକୁ ପରାମର୍ଶ ଦେଇଛନ୍ତି । ସନ୍‌ସ୍କ୍ରିନ୍ ବ୍ୟବହାର କରିବା ସହ ସୂର୍ଯ୍ୟାଲୋକରେ ସୀମିତ ସମୟ ପାଇଁ ଚଲାବୁଲା କରିବା ନିମନ୍ତେ କହିଛନ୍ତି । ଏହାଦ୍ୱାରା ଶରୀରରେ ପ୍ରାକୃତିକ ଭାବେ ଭିଟାମିନ୍-ଡିର ଆବଶ୍ୟକତା ପୂରଣ କରାଯାଇପାରିବ ବୋଲି ସେମାନେ କହିଛନ୍ତି ।


# ପ୍ରେମରେ ତାରା



ଅଭିନେତ୍ରୀ ତାରା ସୁତାରିଆ ଆଦର ଜୈନଙ୍କଠାରୁ ଅଲଗା ହେବା ପରେ ପୁଣି ଥରେ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି । ବୀର ପାହାଡ଼ିଆଙ୍କ ପ୍ରେମରେ ସେ ପଡ଼ିଥିବା କଥା କୁହାଯାଉଛି । ଗତ ମାର୍ଚ୍ଚ ମାସରେ ଏକ ଫେସନ୍ ଶୋ'ରେ ଏଦୁହିଁଙ୍କୁ ଦେଖାଯାଇଥିଲା । ଉଭୟ ଏହି ଶୋ'ର ସୋଷ୍ଟପର୍ ଥିଲେ । ଏହାପରେ ଉଭୟଙ୍କୁ ଡିନର୍ ଡେଟ୍‌ରେ ଦେଖାଯିବା ପରେ ସେମାନେ ପ୍ରେମ ସମ୍ପର୍କରେ ଥିବା କଥା ଚର୍ଚ୍ଚା ହେବାକୁ ଲାଗିଲା । ଏହାପୂର୍ବରୁ ବୀରଙ୍କ ନାମ ସାରା ଅଲ୍ଲୀ ଖାନ୍, ମାନୁଷୀ ଛିଲ୍ଲରଙ୍କ ସହ ଯୋଡ଼ା ଯାଇଥିଲା । ସେହିଭଳି ତାରା ଆଦରଙ୍କ ଠାରୁ ଅଲଗା ହେବା ପରେ ଅଭିନେତା ଅରୁଣୋଦୟ ସିଂହଙ୍କ ପ୍ରେମରେ ପଡ଼ିଥିବା ଖବର ପ୍ରକାଶ ପାଇଥିଲା । କିନ୍ତୁ ଏକ ସାକ୍ଷାତକାରରେ ତାରା ଏହାକୁ ଗୁଜବ ବୋଲି କହିବା ସହ ଅରୁଣୋଦୟ ତାଙ୍କର ଜଣେ ଭଲ ବନ୍ଧୁ ବୋଲି କହିଥିଲେ । ବୀର ନିକଟରେ ଅକ୍ଷୟ କୁମାରଙ୍କ ସହ 'ସ୍କାଏ ଫୋର୍ସ' ଫିଲ୍ମରେ ଦେଖାଯାଇଥିଲେ । ଏହା ତାଙ୍କର ଡେବ୍ୟୁ ଫିଲ୍ମ ଥିଲା ।

# ଭୂତଳ ଗାଁ

ଦେଶ ହେଉ କି ବିଦେଶ ପ୍ରତ୍ୟେକ ଗାଁର ନିଜସ୍ୱ ସ୍ୱତନ୍ତ୍ରତା ରହିଛି । ଏହି କ୍ରମରେ ଆମେରିକାର ପ୍ରସିଦ୍ଧ ଗ୍ରାଣ୍ଡ କାନିୟନ ନିକଟରେ ଥିବା ହବାସୁ କାନିୟନ ନିକଟରେ ଏକ ବଡ଼ ଖାଇ ରହିଛି । ଏହି ଖାଇ ମଧ୍ୟରେ ଏକ ଗାଁ ରହିଛି । ଯାହାର ନାଁ ସୁପାଇ । ଏହା ଏକ ଭୂତଳ ତଥା ଅଣ୍ଡରଗ୍ରାଉଣ୍ଡ ଗାଁ ଭାବେ ପରିଚିତ । ଭୂପୃଷ୍ଠର ୩୦୦୦ ଫୁଟ ତଳେ ଏହା ରହିଛି । ଏଠାରେ ଆମେରିକାର ମୂଳ ନିବାସୀ ରେଡ୍ ଇଣ୍ଡିଆନମାନେ ରୁହନ୍ତି । ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏହି ଗାଁ ପରିଦର୍ଶନରେ ଆସିଥାନ୍ତି । ସୁପାଇ ଗାଁରେ ଏବେ ୫୦୦ ଲୋକ ରହୁଛନ୍ତି । ବାହ୍ୟ ଦୁନିଆଠାରୁ ବିଛିନ୍ନ ଏହି ଗାଁର ଲୋକେ ଏକ ଭିନ୍ନ ପ୍ରକାରର ଜୀବନ ଜିଇଁଥାନ୍ତି । ସୁପାଇ ଗାଁ ତା'ର ନୀଳ ରଙ୍ଗର ପାଣି ପାଇଁ ପରିଚିତ । ବୈଜ୍ଞାନିକମାନେ ନୀଳ ରଙ୍ଗର ପାଣି ନେଇ ଅନେକ ଗବେଷଣା କରିବା ସତ୍ତ୍ୱେ ଏହାର କାରଣ ଜାଣିପାରିନାହାନ୍ତି । ଏଠାକାର ଲୋକଙ୍କୁ ହବାସୁପାଇ କୁହାଯାଏ । ସ୍ଥାନୀୟ ଭାଷାରେ ଏହାର ଅର୍ଥ ନୀଳ ଓ ସବୁଜ ରଙ୍ଗର ପାଣିରେ ରହୁଥିବା ଲୋକ । ତେବେ ଏହି ଗ୍ରାମକୁ ଯିବା ଆସିବା ପାଇଁ ରାସ୍ତା ମଧ୍ୟ ସୀମିତ । ଏଠାକୁ ପାଦରେ ଚାଲି ଚାଲି ଯିବାକୁ ପଡ଼ିବ ନଚେତ ଘୋଡ଼ାଗାଡ଼ିରେ ବସି ଯିବାକୁ ପଡିବ । ଆଜିର ସମୟରେ ଏହି ଗ୍ରାମ ଏତେ ପଛରେ ଅଛି ଯେ, ଏଠାକାର ଲୋକମାନେ ଆଜିବି ଚିଠି ନେବା ଆଣିବା ପାଇଁ ଘୋଡ଼ା ଉପରେ ନିର୍ଭରଶୀଳ । କାରଣ ଏଠାରେ ନା ରହିଛି ଇ-ମେଲ, ନା ଫ୍ୟାକ୍ସ ନା ହିଁ ଫୋନ । ଆମେରିକା ଭଳି ଉନ୍ନତ ରାଷ୍ଟ୍ରରେ ଆଧୁନିକତାଠାରୁ ବହୁତ ଦୂରରେ ଥିବା ଏହି ଗ୍ରାମ ରହିବା ସତରେ ଆଶ୍ଚର୍ଯ୍ୟର କଥା । ସେହିପରି ଏହା ମଧ୍ୟକୁ ପ୍ରବେଶ କରିବାକୁ ହେଲେ ହବାସୁପାଇ ଜନଜାତିର ଲୋକଙ୍କ ଠାରୁ ଅନୁମତି ନେବାକୁ ପଡ଼ିଥାଏ । ଏହାର ସଂସ୍କୃତିକୁ ସଂରକ୍ଷଣ ରଖିବା ପାଇଁ ଏଠାରେ କଡ଼ା ନିୟମ ପାଳନ କରାଯାଏ । ଡ୍ରୋନ୍, ମାଦକଦ୍ରବ୍ୟ ଏବଂ ଗାଡ଼ି ଚାଳନାକୁ ଏଠାରେ ନିଷେଧ କରାଯାଇଛି । ସେହିପରି ଏଠାରେ ବାସ କରୁଥିବା ଲୋକେ ମକ୍କା, ବିନ୍ସ ଭଳି ପନିପରିବା ଚାଷ କରି ଜୀବିକା ନିର୍ବାହ କରିଥାନ୍ତି । ତେବେ ଏହି ସ୍ଥାନରେ ପହଞ୍ଚିବାକୁ ହେଲେ ଉଡ଼ାଜାହାଜ ଏକମାତ୍ର ସାଧନ ।



# ପବିତ୍ର ଶୀତଳ ଷଷ୍ଠୀ



ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀରେ ମାତା ପାର୍ବତୀ ଏବଂ ମହାଦେବ ଶିବଙ୍କ ବିବାହ ଉତ୍ସବ ପାଳନ କରାଯାଏ । ଏହା ପରଦିନ ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଶିବ ରୁଦ୍ର ଏବଂ ପାର୍ବତୀ ଶାନ୍ତିର ବାର୍ତ୍ତା ବହନ କରନ୍ତି । ଶୀତଳତାର ସଙ୍କେତ ବହନ କରୁଥିବା ଶିବ ପାର୍ବତୀଙ୍କ ବିବାହ ଉତ୍ସବକୁ 'ଶୀତଳ ଷଷ୍ଠୀ' କୁହାଯାଏ । ସେହିପରି ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା ପରିସମାପ୍ତି ପରେ ଶୀତଳ ଷଷ୍ଠୀ ବେଳକୁ ଧରାପୃଷ୍ଠ ଶୀତଳ ପରିବେଶ ସୃଷ୍ଟି କରିଥାଏ । ଗ୍ରୀଷ୍ମ ଋତୁ ପୃଥିବୀପୃଷ୍ଠରୁ ବିଦାୟ ନେଉଥାଏ । ତେବେ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ପୌରାଣିକ କଥାବସ୍ତୁ ଉପରେ ଆଧାରିତ ।

ଆମ ଦୈନନ୍ଦିନ ଜୀବନରେ ଯେଉଁଭଳି ବିବାହ କାର୍ଯ୍ୟ ସମ୍ପାଦନ କରାଯାଏ, ଠିକ୍‌ସେମିତି ବୈଦିକ ରୀତିନୀତିରେ ଶିବ-ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥାଏ । କନ୍ୟା ଖୋଜା, ନିର୍ବନ୍ଧ, ବିବାହ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ, ବରଯାତ୍ରୀ ଆଗମନ ତଥା ବୈଦିକ ରୀତିରେ ବେଦିରେ ଦେବ ଦମ୍ପତିଙ୍କ ବିବାହ, କନ୍ୟାଦାନ ସହିତ ଯାନି ଯୌତୁକ ସହ କନ୍ୟା ବିଦାୟ କାର୍ଯ୍ୟ ହିନ୍ଦୁ ରୀତିରେ ସମ୍ପନ୍ନ କରାଯାଏ । ଏଥିରେ କିଛି ଭକ୍ତ ମା' ପାର୍ବତୀଙ୍କ ମାଆ ବାପା ହୋଇଥିବା ବେଳେ ଆଉ କିଛି ଭକ୍ତ ଶିବଙ୍କ ମାଆ ବାପା ହୋଇ ବିବାହ କାର୍ଯ୍ୟ ତୁଲାଇଥାନ୍ତି । ପାରମ୍ପରିକ ରୀତିରେ ପ୍ରଭୁ ଶିବଙ୍କୁ ବରଯାତ୍ରୀଙ୍କ ସହିତ ମା' ପାର୍ବତୀଙ୍କ ଘରକୁ ବାଜା, ବାଣ, ରୋଷଣୀରେ ନିଆଯାଏ ଏବଂ ବୈଦିକ ରୀତିରେ ବିବାହ କରାଯାଏ । ରଙ୍ଗବେରଙ୍ଗ ଚିତ୍ରରେ ସୁଶୋଭିତ ରଥରେ ଶିବ ଓ ମା' ପାର୍ବତୀଙ୍କୁ ଅଣାଯାଏ । ମଧ୍ୟରାତ୍ରିରୁ ଏହି ପଟୁଆର ଆରମ୍ଭ ହୋଇ ପରଦିନ ଦ୍ୱିପହରରେ ଶିବପାର୍ବତୀଙ୍କ ପୂଜାରେ ଶେଷ ହୁଏ ।

ଅନ୍ୟପଟେ ପୁରୀ ଲୋକନାଥ ମନ୍ଦିର, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଏବଂ ସମ୍ବଲପୁରର ଶିବ ମନ୍ଦିର ମାନଙ୍କରେ ଶୀତଳ ଷଷ୍ଠୀ ଯାତ୍ରା ଧୂମ୍‌ଧାମ୍‌ରେ ପାଳନ କରାଯାଏ । ଅବଶ୍ୟ ସମ୍ବଲପୁରରେ ଏହି ପର୍ବର ମୁଖ୍ୟ ଆକର୍ଷଣ ହେଉଛି ପାରମ୍ପରିକ ସଙ୍ଗୀତ ଓ ନାଚ ।

## ସ୍ୱସ୍ତି

# ସୁଦଶା ବ୍ରତ



ଯେଉଁ ମାସର ଶୁକ୍ଳ ପକ୍ଷ ଦଶମୀ ତିଥୀ ଗୁରୁବାର ସଂଯୋଗ ହୁଏ, ସେହିଦିନକୁ ସୁଦଶା ବ୍ରତ ରୂପେ ପାଳନ କରାଯାଏ । ଏଥିରେ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଏ । ଏହା ମା' ଲକ୍ଷ୍ମୀଙ୍କର ସବୁଠୁ ପ୍ରିୟ ବ୍ରତ । ଏହିଦିନ ଘରକୁ ଲିପାପୋଛା କରାଯାଇ ଚିତା ପକାଯାଏ । ମହିଳାମାନେ ଏହି ଦିନ ବ୍ରତ ରଖନ୍ତି । ନବବିବାହିତା ନିଜ ନୂଆ ବ୍ରତ ସୁଦଶା ବ୍ରତରୁ ଆରମ୍ଭ କରିଥାନ୍ତି । ତେବେ ଏହାର ସଂଯୋଗ ତିଥିରେ ବିବାହ ବ୍ରତ ଆଦି ଶୁଭ କର୍ମ ପଡୁ ନ ଥିଲେ, ନୂଆ କରି ଏହି ବ୍ରତ ଆରମ୍ଭ କରାଯାଏ ନାହିଁ । ସୁଦଶା ଶବ୍ଦ ସହିତ ଦଶଟି ଶବ୍ଦ ଯୋଡ଼ି ହୋଇ ଅଛି । ସେଥିପାଇଁ ୧୦ ପାଖୁଡ଼ା ପଦ୍ମ, ଦଶ ରଙ୍ଗ ମୁରୁଜ, ଦଶ ମୁଖୀ ଦୀପ, ଦଶ ମୁଠି ଚାଉଳ, ଦଶ ମେଞ୍ଚା କଦଳୀ, ଦଶ ଗୋଟି ମଣ୍ଡା ଆଦି ପୂଜା କର୍ମରେ ଲାଗି କରାଯାଏ । କେବଳ ସେତିକି ନୁହେଁ, ଏହିଦିନ ମା' ଲକ୍ଷ୍ମୀଙ୍କ ପାଖରେ ଛେନା, ପିଠା ଭୋଗ ମଧ୍ୟ ଲାଗି କରାଯାଏ । ଦଶଖିଅ ଧଳାସୂତାର ଏକ ବ୍ରତ ପୂଜା କରିବାର ବିଧି ଅଛି । ଆଉ ସେହି ବ୍ରତକୁ ପରବର୍ତ୍ତୀ ସୁଦଶା ବ୍ରତ ପର୍ଯ୍ୟନ୍ତ ବାହୁରେ ଧାରଣ କରାଯାଏ । ବ୍ରତଧାରୀମାନେ ସୁଦଶା ବ୍ରତ ବହି ପଢ଼ିବାର ନିୟମ ଅଛି ।



# କ୍ୟାଲେଣ୍ଡର ଲଗାଇବାର ଶୁଭ ଦିଗ

ବାସ୍ତୁ ଅନୁସାରେ, ଘରେ ଥିବା ପ୍ରତ୍ୟେକ ଜିନିଷର ପ୍ରଭାବ ଲୋକଙ୍କ ଉପରେ ପଡ଼ିଥାଏ । ଏହି କ୍ରମରେ ଘର କାନ୍ଥରେ କ୍ୟାଲେଣ୍ଡର ନିହାତି ଲଗାଯାଏ । ତେବେ କାନ୍ଥରେ କ୍ୟାଲେଣ୍ଡରକୁ ଠିକ୍ ଦିଗରେ ଲଗାଇବାକୁ ନେଇ କିଛି ବାସ୍ତୁ ନିୟମ ଅଛି ।



- ବାସ୍ତୁ ଅନୁସାରେ, ପୁରୁଣା କ୍ୟାଲେଣ୍ଡରକୁ ରଖିବା କିମ୍ବା ଏହାକୁ ନୂଆ କ୍ୟାଲେଣ୍ଡର ସହ ଲଗାଇବା ବାସ୍ତୁ ଦୋଷକୁ ବଢ଼ାଇ ଥାଏ । ବିଶେଷକରି ଏହା ସ୍ୱାସ୍ଥ୍ୟ ଓ ଉନ୍ନତିରେ ବାଧା ସୃଷ୍ଟି କରିଥାଏ । ତେବେ ପୁରୁଣା କ୍ୟାଲେଣ୍ଡରରେ ଠାକୁରଙ୍କ ଫଟୋ ଥିଲେ ତାହାକୁ ଜଳରେ ପ୍ରବାହିତ କରନ୍ତୁ ।
- କ୍ୟାଲେଣ୍ଡରକୁ ପଶ୍ଚିମ ଦିଗରେ ଲଗାଇବା ଶୁଭ । ଉତ୍ତର ଦିଗରେ ଲଗାଇବା ବି ଉତ୍ତମ । ଏହି ଦିଗରେ ଲଗାଇବା ଦ୍ୱାରା ଧନ ଓ ସମୃଦ୍ଧି ଆସେ ।
- ଦକ୍ଷିଣ ଦିଗରେ କ୍ୟାଲେଣ୍ଡର ଲଗାଇବା ଅଶୁଭ । ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚେ ।
- ସେହିପରି ମୁଖ୍ୟ ଦ୍ୱାର କିମ୍ବା କବାଟ ପଛରେ କ୍ୟାଲେଣ୍ଡର ଲଗାଇବା ଅଶୁଭ ।

# ରାହୁ ରତ୍ନ ଗୋମେଦ

ରତ୍ନ ଶାସ୍ତ୍ର ଅନୁସାରେ, ଗୋମେଦ ରତ୍ନକୁ ହେସୋନାଇଟ୍ କୁହାଯାଏ । ଏହା ରାହୁ ଗ୍ରହ ସହିତ ସମ୍ବନ୍ଧିତ । ଜାତକରେ ଗ୍ରହର ସ୍ଥିତି ଏବଂ ରାଶି ଅନୁସାରେ ଗୋମେଦ ରତ୍ନ ଧାରଣ କରିବା ଉଚିତ । ତେବେ ଏହାକୁ ଠିକ୍ ଭାବେ ଧାରଣ କରିବା ଦ୍ୱାରା ରାହୁ ଗ୍ରହ ମଜଭୁତ ହୋଇଥାନ୍ତି ।

- ଏହି ରତ୍ନକୁ ରୁପା କିମ୍ବା ଅଷ୍ଟଧାତୁରେ ଧାରଣ କରିବା ଭଲ ।
- ୬ରତିରୁ କମ୍ ଗୋମେଦ ରତ୍ନକୁ ଧାରଣ କରିବା ଅଶୁଭ ।
- ଶନିବାର ଏହାକୁ ସୂର୍ଯ୍ୟାସ୍ତ ପରେ ମଧ୍ୟମା ଅଙ୍ଗୁଳିରେ ପିନ୍ଧିବା ଆବଶ୍ୟକ ।
- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ରତ୍ନକୁ ମିଥୁନ, ମକର, କୁମ୍ଭ, ବୃଷ, ତୁଳା ରାଶି ଧାରଣ କରିପାରିବେ ।
- ସେହିପରି ଜାତକର ଉଚ୍ଚ ସ୍ଥାନରେ ରାହୁ ଥିଲେ, ଗୋମେଦ ରତ୍ନ ଧାରଣ କରାଯାଇପାରିବ ।
- ମୋତି ଓ ମୁଙ୍ଗା ରତ୍ନ ସହିତ ଏହାକୁ ପିନ୍ଧିବା ଅନୁଚିତ ।
- ଗୋମେଦ ରତ୍ନକୁ ଧାରଣ କଲେ ମାନସିକ ଶାନ୍ତି ମିଳେ ।
- ରାହୁ ପ୍ରକୋପରୁ ରକ୍ଷା ପାଇବା ଲାଗି ଏହାକୁ ପିନ୍ଧିବା ଭଲ ।
- ଗ୍ରହର ସ୍ଥିତି ଓ ଜ୍ୟୋତିର୍ବିଦଙ୍କ ପରାମର୍ଶ କ୍ରମେ ଏହାକୁ ଧାରଣ କରିବା ଉଚିତ ।



■ ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ

## ଇଂଲଣ୍ଡ ଲାୟନ୍ସର ଲଢୁଆ ବ୍ୟାଟିଂ

କେଣ୍ଟବୁରୀ, ୧।୬ (ଏଜେନ୍ସି): ଭ୍ରମଣକାରୀ ଭାରତ-ଏ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟରେ ଇଂଲଣ୍ଡ ଲାୟନ୍ସ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରିଛି। ଭାରତ-ଏ'ର ପ୍ରଥମ ପାଳି ସ୍କୋର ୫୫୭ ରନ ଜବାବରେ ଘରୋଇ ଇଂଲଣ୍ଡ ଲାୟନ୍ସ ରବିବାର ତୃତୀୟ ଦିବସ ୩ୟ ସେସନ ରିପୋର୍ଟ ଲେଖା ହେଲାବେଳକୁ ୧୨୦ ଓଭରରେ ୭ ୱିକେଟ ହରାଇ ୫୨୭ ରନ ସଂଗ୍ରହ କରିଛି। ଡାନ୍ ମୋସଲୀ ୧୦୬ ଓ ଜମାନ ଅଖତର ୩୧ ରନ କରି ଖେଳୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଟମ୍ ହେନ୍ସ ୧୭୧ ଓ ମ୍ୟାକ୍ସ ହୋଲ୍ଡେନ ୧୦୧ ରନ କରିଛନ୍ତି। ଭାରତ-ଏ ପକ୍ଷରୁ ମୁକେଶ କୁମାର ସର୍ବାଧିକ ୩ ଏବଂ ଅଂଶୁଲ କାମ୍ବୋଜ, ଶାର୍ଦ୍ଦୁଳ ଠାକୁର ଓ ହର୍ଷ ଦୁବେ ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଛନ୍ତି। ୪ ୱିକେଟ୍ ବଳକା ଥାଇ ଇଂଲଣ୍ଡ ଲାୟନ୍ସ ଆହୁରି ୪୮ ରନ ପଛରେ ରହିଛି। ପୂର୍ବରୁ କରୁନ ନାୟାର (୨୦୪)ଙ୍କ ଦ୍ୱିଶତକ ଏବଂ ଧ୍ରୁବ ଜୁରେଲ (୯୪) ଓ ସର୍ଫରାଜ ଖାନ (୯୨)ଙ୍କ ଉପଯୋଗୀ ଇନିଂସ ବଳରେ ଭାରତ-ଏ ପ୍ରଥମ ଇନିଂସରେ ୫୫୭ ରନରେ ଅଲ୍‌ଆଉଟ୍ ହୋଇଥିଲା। ଲାୟନ୍ସ ପକ୍ଷରୁ ଜମାନ ଅଖତର ଓ ଜୋଶ ହଲ୍ ୩ଟି ଲେଖାଏ ୱିକେଟ୍ ନେଇଥିଲେ।

## ପ୍ରଥମଥର ୟୁଫା ଚାମ୍ପିଅନ୍ସ ଲିଗ୍ ଜିତିଲା ପିଏସ୍‌ଜି



ମ୍ୟୁନିକ, ୧।୬ (ଏଜେନ୍ସି): ୟୁରୋପ ମହାଦେଶର ଶ୍ରେଷ୍ଠ ଫୁଟ୍‌ବଲ କ୍ଲବଗୁଡ଼ିକୁ ନେଇ ଆୟୋଜିତ ୟୁଫା ଚାମ୍ପିଅନ୍ସ ଲିଗ୍‌ରେ ଏଥର ପ୍ୟାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି) ବାଜିମାତ୍ କରିନେଇଛି। ଶନିବାର ବିଳମ୍ବିତ ରାତିରେ ଜର୍ମାନୀର ମ୍ୟୁନିକ ଏରେନାରେ ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲରେ ଫ୍ରାନ୍ସଭିତ୍ତିକ କ୍ଲବ ପିଏସ୍‌ଜି ୫-୦ ଗୋଲ୍‌ରେ ଏକପାଖିଆ ଭାବେ ଇଣ୍ଟର ମିଲାନକୁ ପରାସ୍ତ କରିଥିଲା। ଫାଇନାଲରେ ପିଏସ୍‌ଜି ପକ୍ଷରୁ ଡିଜାୟର ଡୋଉ ଡବଲ୍ ଗୋଲ୍‌ସ୍କୋର କରିଥିଲେ। ଇଟାଲୀୟ କ୍ଲବ ଇଣ୍ଟର ମିଲାନ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରି ଗୋଲ୍‌ସ୍କୋର ଖାତା ଖୋଲିବାରେ ବିଫଳ ହୋଇଥିଲା। ଏଥିସହ ପିଏସ୍‌ଜି ଇତିହାସରେ ପ୍ରଥମଥର ଲାଗି ବିଶ୍ୱର ଏହି ଶ୍ରେଷ୍ଠ କ୍ଲବଭିତ୍ତିକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସେହିଭଳି ପିଏସ୍‌ଜିର ପ୍ରଶିକ୍ଷକ ଲୁଇସ ଏନ୍‌ରିକ ବିଶ୍ୱର ୬ଷ୍ଠ ପ୍ରଶିକ୍ଷକ ଭାବେ ଦୁଇଟି ଭିନ୍ନ କ୍ଲବ ପକ୍ଷରୁ ୟୁଫା ଚାମ୍ପିଅନ୍ସ ଲିଗ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଏନ୍‌ରିକ ପୂର୍ବରୁ ୨୦୧୫ରେ ବାର୍ସିଲୋନାର ପ୍ରଶିକ୍ଷକ ଥିବାବେଳେ କ୍ଲବକୁ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ କରାଇଥିଲେ।



**ଆଇପିଏଲ୍-୧୮ : ଶ୍ରେୟସଙ୍କ ବିସ୍ଫୋରଣରେ ମୁମ୍ବାଇ ବିଦା**

# ପଞ୍ଜାବ-ବେଙ୍ଗାଲୁରୁ ଫାଇନାଲ

ଅହମ୍ମଦାବାଦ,୧।୬ (ଏଜେନ୍ସି)

'ଆମେ ଲଢ଼େଇ ହାରିଛୁ, ଯୁଦ୍ଧ ନୁହେଁ।' ଆଇପିଏଲ୍-୧୮ର ପ୍ରଥମ କ୍ୱାଲିଫାୟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁଠାରୁ ହାରିବା ପରେ କହିଥିଲେ ପଞ୍ଜାବ କିଙ୍ଗସ ଅଧିନାୟକ ଶ୍ରେୟସ ଆୟର। ଏଠାରେ ଆଜି ଅନୁଷ୍ଠିତ ଦ୍ୱିତୀୟ କ୍ୱାଲିଫାୟରରେ ୫ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ୱିକେଟରେ ପରାସ୍ତ କରି ପଞ୍ଜାବ କିଙ୍ଗ୍‌ସକୁ ଫାଇନାଲରେ ପ୍ରବେଶ କରାଇବା ପରେ ଆୟର ଏହା ପ୍ରମାଣିତ କରିଛନ୍ତି। ଏହି ବିଜୟ ଫଳରେ ଦୀର୍ଘ ୧୧ ବର୍ଷ ପରେ ପଞ୍ଜାବ ଫାଇନାଲରେ ପ୍ରବେଶ କରିଛି ଓ ଏଠାରେ ଜୁନ୍ ୩ ତାରିଖ ଦିନ ହେବାକୁ ଥିବା ଟାଇଟଲ ମୁକାବିଲାରେ ବେଙ୍ଗାଲୁରୁକୁ ଭେଟିବ। ଏଠାରେ ରବିବାର ଖେଳାଯାଇଥିବା ମ୍ୟାଚ୍ ବର୍ଷା ଯୋଗୁଁ ୨ ଘଣ୍ଟା ୧୫ ମିନିଟ୍ ବିଳମ୍ବରେ ଆରମ୍ଭ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ପ୍ରତିଦ୍ୱନ୍ଦ୍ୱୀ ପଞ୍ଜାବ ଆଗରେ ୨୦୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ପଞ୍ଜାବ ଅଧିନାୟକ ଶ୍ରେୟସ ଆୟର ଦମ୍‌ଦାର ବ୍ୟାଟିଂ ବଳରେ ଗୋଟିଏ ଓଭର ଖେଳ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଛକା ମାରି ଦଳକୁ ଜିତାଇଥିବା ଆୟର ୪୧ ବଲ୍‌ରେ ୫ ଚୌକା ଓ ୮ ଛକା ସହ ୮୭ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଜୋଶ ଇଂଲିଶ ୩୮ ଓ ଯୁବ ଖେଳାଳି ନେହାଲ ୱାଧେରା ୨୯ ବଲ୍‌ରୁ ୪୮ ରନ୍ କରି ଉପଯୋଗୀ ସହାୟତା ଦେଇଥିଲେ। ମୁମ୍ବାଇ ପକ୍ଷରୁ ଅଶ୍ୱିନ କୁମାର ୨ଟି ୱିକେଟ ନେଇଥିଲେ ମଧ୍ୟ ୧୯ତମ ଓଭରରେ ୨୬ ରନ୍ ସହ ୪ ଓଭରରେ ୫୫ ରନ୍ ଦେଇଥିଲେ।

**ଜୁନ୍ ୩ରେ ଫାଇନାଲ**

ପୂର୍ବରୁ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୦୩ ରନ୍ କରିଛି। ଦଳ ପକ୍ଷରୁ ଉଭୟ ସୂର୍ଯ୍ୟକୁମାର ଓ ତିଲକ ୪୪ ରନ୍ ଲେଖାଏଁ କରିଥିଲେ। ପୂର୍ବରୁ ମାତ୍ର ୮ ରନ୍ କରି ରୋହିତ ଶର୍ମା ଆଉଟ ହେବା ପରେ ଜନି ବେୟାରଷ୍ଟୋ ୨୪ ବଲ୍‌ରେ ୩୮ ରନ୍ କରି ଭଲ ଆରମ୍ଭ କରିଥିଲେ। ଶେଷଭାଗରେ ନମନ ଧୀରଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ମୁମ୍ବାଇ ଦୁଇ ଶହ ରନ୍ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ନମନ ୧୮ ବଲ୍‌ରେ ୭ଟି ଚୌକା ସହ ୩୭ ରନ୍ କରି ଶେଷ ଓଭରରେ ଆଉଟ ହୋଇଥିଲେ। ପଞ୍ଜାବ ପକ୍ଷରୁ ଆଜମତୁଲ୍ଲା ଓମରଜାଇ ସର୍ବାଧିକ ୨ଟି ୱିକେଟ ପାଇଥିଲେ।

**ରେକର୍ଡ** : ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ୧୬ ରନ୍ କରିବା ପରେ ଓପନିଂ କରି ନଥିବା ଖେଳାଳିଙ୍କ ମଧ୍ୟରେ ଗୋଟିଏ ସିଜନରେ ସର୍ବାଧିକ ରନ୍ କରିବାର ରେକର୍ଡ ଭାଙ୍ଗିଦେଇଥିଲେ। ପୂର୍ବରୁ ଗୋଟିଏ ସିଜନରେ ୬୮୭ ରନ୍ କରିଥିବା ବେଙ୍ଗାଲୁରୁର ଏବି ଡି ଭିଲିୟର୍ସଙ୍କ ନାମରେ ରହିଥିଲା। ୨୦୧୬ରେ ସେ ଏହି ରେକର୍ଡ କରିଥିଲେ। ଏହାର ୯ ବର୍ଷ ପରେ ସୂର୍ଯ୍ୟକୁମାର ଏହି ରେକର୍ଡକୁ ଭାଙ୍ଗିବାରେ ସମର୍ଥ ହୋଇଥିଲେ। ନାହିଁ। ଏଥର ପ୍ରଥମ ଟାଇଟଲ ଜିତିବାକୁ ଦଳ ନିକଟରେ ସୁଯୋଗ ରହିଛି।

## ରିଅଲ ମାଦ୍ରିଦ୍ ବିଶ୍ୱର ସବୁଠାରୁ ଧନୀ ଫୁଟବଲ କ୍ଲବ୍

ମାଦ୍ରିଦ୍,୧।୬ (ଏଜେନ୍ସି): ସ୍ପେନ୍‌ର ପେସାଦାର ଫୁଟବଲ କ୍ଲବ୍ ରିଅଲ ମାଦ୍ରିଦ୍ କ୍ରମାଗତ ଚତୁର୍ଥ ବର୍ଷ ଲାଗି ବିଶ୍ୱର ସବୁଠାରୁ ଦାମି କ୍ଲବ୍ ଭାବେ ବିଜନେସ୍ ମାଗାଜିନ୍ ଫୋର୍ବସ ପକ୍ଷରୁ ପ୍ରକାଶ ପାଇଛି। ଚଳିତବର୍ଷ ଏହି କ୍ଲବ୍ ୧.୧୩ ନିୟୁତ ଡଲାର ବିଲିୟନ୍ ଡଲାର ଆୟ କରିଛି। ଏହା ଫଳରେ ଦଳର ସମ୍ପତ୍ତିର ମୂଲ୍ୟ ୬.୬ ବିଲିୟନ ଡଲାରରେ ପହଞ୍ଚିଛି। ବିଶ୍ୱର ଦାମୀ କ୍ଲବ୍ ତାଲିକାରେ ଇଂଲଣ୍ଡର ମାଞ୍ଚେଷ୍ଟର ୟୁନାଇଟେଡ ଦ୍ୱିତୀୟ, ରିଅଲର ରିୟଲ ପ୍ରତିଦ୍ୱନ୍ଦ୍ୱୀ ବାର୍ସିଲୋନା ତୃତୀୟ ସ୍ଥାନରେ ରହିଛନ୍ତି। ଫୋର୍ବସ ପକ୍ଷରୁ ପ୍ରତିବର୍ଷ ଏହି ତାଲିକା ପ୍ରକାଶ କରାଯାଇଥାଏ।

**ଫ୍ରେଞ୍ଚ ଓପନ୍**

## କ୍ୱାର୍ଟରରେ ଭିଟୋଲିନା, ଆଲକାରାଜ୍

ପ୍ୟାରିସ, ୧।୬ (ଏଜେନ୍ସି): ଗତ ୨୨ ବର୍ଷରେ ପ୍ରଥମ ଆମେରିକୀୟ ଟେନିସ ଖେଳାଳି ଭାବେ ଟମି ପଲ୍ ବ୍ଲିଜଡ୍ ଫ୍ରେଞ୍ଚ ଓପନ୍ ପୁରୁଷ ଏକକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ୪ର୍ଥ ରାଉଣ୍ଡର ଏକ ମ୍ୟାଚରେ ବିଶ୍ୱର ୧୨ତମ ମାନ୍ୟତା ଟମି ୬-୩, ୬-୩, ୬-୩ ସିଧାସଳଖ ଗେମ୍‌ରେ ଅଷ୍ଟ୍ରେଲିଆର ଆଲେକ୍ସି ପୋପିରିନଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଶେଷଥର ଲାଗି ଆମେରିକୀୟ ଭାବେ ୨୦୦୩ରେ ଆନ୍ଦ୍ରେ ଆଗାସୀ ଏଠାରେ କ୍ୱାର୍ଟର ଫାଇନାଲ ଖେଳିଥିଲେ। ସେହିଭଳି କାର୍ଲସ ଆଲକାରାଜ ଇଂଲଣ୍ଡର ବେନ୍ ସାଲ୍ଟନ୍‌ଙ୍କୁ ୭-୬, ୬-୩, ୪-୬, ୬-୪ ସେଟ୍‌ରେ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ୧୩ତମ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନା, ପୋଲାଣ୍ଡର ଇଗା ସ୍ୱିଆଟେକ, ବେଲାରୁଷର ଆରିନା ସାବାଲେଙ୍କା ଓ ଚାଇନାର କ୍ୱିନୱିନ ଝେଙ୍ଗ୍ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ପ୍ରି-କ୍ୱାର୍ଟର ଫାଇନାଲରେ ଭିଟୋଲିନା ୪-୬, ୭-୬ (୮-୬), ୬-୧ରେ ଗତ ସଂସ୍କରଣର ଉପବିଜେତା ଇଟାଲୀର ଜସ୍ମିନ ପାଓଲିନଙ୍କୁ ହରାଇଥିଲେ। ପ୍ରଥମଥର ଲାଗି ଫ୍ରେଞ୍ଚ ଓପନର ରାଉଣ୍ଡ-୮ରେ ପହଞ୍ଚିଥିବା ଭିଟୋଲିନା କ୍ୱାର୍ଟରରେ ଡିଫେଣ୍ଡିଂ ଚାମ୍ପିଅନ ସ୍ୱିଆଟେକଙ୍କୁ ଭେଟିବେ। ଅନ୍ୟ ଏକ ମ୍ୟାଚରେ ସ୍ୱିଆଟେକ୍ ୧-୬, ୬-୩, ୭-୫ ସେଟରେ ଏଲିନା ରିବାକିନାଙ୍କୁ ହରାଇଥିଲେ। ସେହିଭଳି ବିଶ୍ୱମାନ୍ୟତାର ଏକ ନମ୍ବର ଖେଳାଳି ସାବାଲେଙ୍କା ୭-୫, ୬-୩ ସେଟରେ ଆମେରିକାର ଆମଣ୍ଡା ଆନିସିମୋଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି।






କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ 'ଓମେନ୍ସ ଆଚିଭର୍ସ ଆୱାର୍ଡ' ପ୍ରଦାନ କରୁଛନ୍ତି ମେନକା ଗାନ୍ଧି।

## ଇଂଲଣ୍ଡକୁ ସିରିଜ ଜିତାଇଲେ ରୁଟ୍

କାର୍ଡିଫ, ୧।୬ (ଏଜେନ୍ସି): ଜୋ ରୁଟ୍‌ଙ୍କ ୧୬୬ ରନର ଅପରାଜିତ ଶତକୀୟ ପାଳି ବଳରେ ରବିବାର ଏଠାରେ ଖେଳାଯାଇଥିବା ୨ୟ ଏକଦିବସୀୟ ମ୍ୟାଚରେ ଇଂଲଣ୍ଡ ୩ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୪୭.୪ ଓଭରରେ ୩୦୮ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ କେସି କାର୍ଟି ୧୦୩ ରନ କରିଥିଲେ। ବୋଲିଂରେ ଇଂଲଣ୍ଡର ଆଦିଲ ରଶିଦ ୪ ଓ ସାକିବ ମହମ୍ମଦ ୩ଟି ୱିକେଟ୍ ନେଇଥିଲେ। ଜବାବରେ ଇଂଲଣ୍ଡ ୭ ବଲ୍ ପୂର୍ବରୁ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ୧୩୯ ବଲର ଶତକୀୟ ପାଳିରେ ରୁଟ୍ ୨୧ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ହ୍ୟାରୀ ବ୍ରୁକ୍ ୪୭ ଓ ୱିଲ୍ ଜ୍ୟାକ୍ ୪୯ ରନ କରିଥିଲେ। ୱେଷ୍ଟଇଣ୍ଡିଜର ଆଲ୍‌ଜାରୀ ଜୋସେଫଙ୍କୁ ୪ଟି ୱିକେଟ୍ ମିଳିଥିଲେ ମଧ୍ୟ ଏହା ବୃଥା ଯାଇଥିଲା। ବିଜୟ ସହ ଇଂଲଣ୍ଡ ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ମଧ୍ୟ ୱେଷ୍ଟଇଣ୍ଡିଜ ୨୩୮ ରନରେ ହାରିଥିଲା। ଅନ୍ତିମ ତଥା ୩ୟ ଏକଦିବସୀୟ ମଙ୍ଗଳବାର ଖେଳାଯିବ।

## ଓସିଏର କ୍ୟୁରେଟର୍ କର୍ମଶାଳା ଉଦ୍‌ଯାପିତ

କଟକ,୧।୬(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ତରଫରୁ ବାରବାଟୀ ଷ୍ଟାଡିୟମରେ ଚାଲିଥିବା କ୍ୟୁରେଟର କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆସାମ ଆଇସିଏଆର କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ପ୍ରଫେସର ଏସ.କେ ରାୟ, ଓୟୁଏଟିର ପ୍ରଫେସର ରବୀନ୍ଦ୍ର କୁମାର ନାୟକ, ପ୍ରଫେସର ରବିରତନ ଦାସ, ପ୍ରଫେସର ଉତ୍ତମ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଓସିଏର ମୁଖ୍ୟ କ୍ୟୁରେଟର ଅଞ୍ଜନ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ତିନି ଦିନିଆ କର୍ମଶାଳାରେ ୪୯ଜଣ କ୍ୟୁରେଟର ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ଅନୁଗୋଳ କ୍ରିକେଟ ଏକାଡେମୀର କ୍ୟୁରେଟର ଅଞ୍ଜନ କର, ସୋନପୁର କ୍ରିକେଟ ଏକାଡେମୀର କ୍ୟୁରେଟର ବି ସୁଦର୍ଶନ ପାତ୍ର ଏବଂ ସୁନ୍ଦରଗଡ଼ କ୍ରିକେଟ ଏକାଡେମୀର କ୍ୟୁରେଟର ଶୁଭମ ଦାସଙ୍କୁ ସମ୍ମାନିତ କରାଯିବା ସହ ୧୦ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସିଇଓ ସୁବ୍ରତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିସିସିଆଇ କ୍ୟୁରେଟର ପଙ୍କଜ ପଟ୍ଟନାୟକ, ଓସିଏ କ୍ୟୁରେଟର ବିଭୂ ଶତପଥୀ, ହୃଷିକେଶ ସିଂହ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ।

## ବିଶ୍ୱ ପାରା ଆଥ୍‌ଲେଟିକ୍ସରେ ଭାଗନେବେ ସୁଚିତ୍ରା

ଭୁବନେଶ୍ୱର, ୧।୬ (ସମିସ): ଫ୍ରାନ୍ସରେ ସୋମବାରଠାରୁ ପ୍ୟାରିସ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଗ୍ରାଁପ୍ରି ଆରମ୍ଭ ହେବ। ଏହି ବିଶ୍ୱସ୍ତରୀୟ ପାରା ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶାର ସୁଚିତ୍ରା ପାତ୍ର ଦେଶ ତରଫରୁ ପ୍ରତିନିଧିତ୍ୱ କରିବେ। ସୁଚିତ୍ରା ମହିଳା ଥ୍ରୋ ଇଭେଣ୍ଟ (ଜାଭେଲିନ ଓ ସଟ୍‌ପୁଟ)ର ଏଫ୍-୫୫ ବର୍ଗରେ ଅଂଶଗ୍ରହଣ କରିବେ। ନିଜ କାଟାଗୋରୀରେ ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ସୁଚିତ୍ରା ଚଳିତ ବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ନୂଆଦିଲ୍ଲୀ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଗ୍ରାଁପ୍ରିରେ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିଭଳି ଚେନ୍ନଇରେ ଆୟୋଜିତ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ମଧ୍ୟ ପ୍ରଥମ ସ୍ଥାନ ହାସଲ କରିଥିଲେ। ପ୍ୟାରିସ ଗ୍ରାଁପ୍ରିରେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରିବା ନେଇ ଓଡ଼ିଶା ପାରା କ୍ରୀଡ଼ା ସଂଘ ପକ୍ଷରୁ ସୁଚିତ୍ରାଙ୍କୁ ଶୁଭେଚ୍ଛା ଜଣାଯାଇଛି।



**ଅରବିନ୍ଦ ସ୍ମାରକୀ କ୍ରିକେଟ**

## ସେମିରେ ରାଇଜିଂ ଷ୍ଟୁଡେଣ୍ଟସ୍



ଭୁବନେଶ୍ୱର,୧।୬ (ସମିସ): କଟକର ରାଇଜିଂ ଷ୍ଟୁଡେଣ୍ଟସ ୩୩ ରନ୍‌ରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରି ପାରାମାଉଣ୍ଟ ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ରବିବାର ଆରମ୍ଭ ହୋଇଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଉଦଘାଟନୀ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟୁଡେଣ୍ଟ ୨୯.୫ ଓଭରରେ ୧୭୨ ରନ୍ କରିଥିଲା। ଦଳ ପକ୍ଷରୁ ସାଇଦୀପ ମହାପାତ୍ର ୭୨ ଓ ଅମିନ ଖାନ୍ ୩୧ ରନ କରିଥିଲେ। ରାମେଶ୍ୱରର ନିରଞ୍ଜନ ଗୌଡ଼କୁ ୬ଟି ୱିକେଟ ମିଳିଥିଲା। ଜବାବରେ ରାମେଶ୍ୱର ୩୬.୧ ଓଭରରେ ୧୫୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ ମଲ୍ଲିକ ୩୯ ଓ ରାଜେଶ ମହାନ୍ତି ୨୭ ରନ୍ କରିଥିଲେ। ବିଜୟୀ ଦଳର ବିପ୍ଳବ ସାମନ୍ତରାୟ ସର୍ବାଧିକ ୩ଟି, ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ଓ ସୋହେଲ ଖାନ୍ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଆସନ୍ତାକାଲି ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ଓ କଟକର ୟୁନିଅନ ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ।

# ଜାତୀୟ ଶିଶୁ ଚେସ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ





ଖୋର୍ଦ୍ଧା,୧।୬ (ସମିସ)

ଅଲ୍ ଓଡ଼ିଶା ଚେସ ସଂଘ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, କେଟି ଗ୍ଲୋବାଲ ସ୍କୁଲ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର ମିଳିତ ସହଯୋଗରେ ୩୮ତମ ଜାତୀୟ ରାଜ୍ୟ ୭ ବର୍ଷରୁ କମ୍ ବା ଶିଶୁ ଚେସ ପ୍ରତିଯୋଗିତା ରବିବାର ଆରମ୍ଭ ହୋଇଛି। ସ୍ଥାନୀୟ କେଟି ଗ୍ଲୋବାଲ ସ୍କୁଲ ପରିସରରେ ରବିବାର ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଗୌତମ ପାଣିଗ୍ରାହୀ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଜୁନ୍ ୫ ତାରିଖଯାଏ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ୯ ରାଉଣ୍ଡ ବିଶିଷ୍ଟ ହେବ। ଏଥିରେ ଓପନ ବା ବାଳକ ବିଭାଗରେ ୨୧୭ ଓ ବାଳିକା ବିଭାଗରେ ୧୨୭ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶାରୁ ରେକର୍ଡ ୩୪ଜଣ ଖେଳାଳି ଏହି ପ୍ରତିଯୋଗିତାରେ ଭାଗନେଉଥିଲାବେଳେ ବାଳିକା ବିଭାଗରେ ଅନ୍ୱେଷା ମିଶ୍ର ଟପ୍ ସିଡ୍ ରହିଛନ୍ତି। ପୁରସ୍କାର ବାବଦରେ ଉଭୟ ବିଭାଗରେ ୨୦ ଜଣ ଲେଖାଏଁ ଖେଳାଳିଙ୍କୁ ମୋଟ ୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ମଧ୍ୟରୁ ପ୍ରତ୍ୟେକ ବିଭାଗର ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୫୦,୦୦୦ ଲେଖାଏଁ ଟଙ୍କା ପ୍ରଦାନ କରାଯିବ।

ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କେଟି ଗ୍ଲୋବାଲ ସ୍କୁଲର ଚେୟାରମ୍ୟାନ୍ ସେମାଦତ୍ତ ବେହୁରିଆ, ଆଇଏମ୍ ସ୍ୱାଂଶୁ ସତ୍ୟପ୍ରାଜ୍ଞ, ମନୋଜ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ ଅଲ୍‌ଓଡ଼ିଶା ଚେସ ସଂଘ ସମ୍ପାଦକ ତଥା ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଦେବବ୍ରତ ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲାବେଳେ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସୁରେଶ ଚନ୍ଦ୍ର ସାହୁ ଚିଫ୍ ଆର୍ବିଟର ଥିଲାବେଳେ ଆର୍ବିଟର ତାପସ କୁମାର ମହାନ୍ତି, ଜ୍ୟୋତିଶଙ୍କର ନନ୍ଦ, ବିରଞ୍ଚିନାରାୟଣ ସାହୁ ଓ ସମ୍ବିତ ସ୍ୱାଇଁ ପ୍ରମୁଖ ଖେଳ ଚରିଚାଳନା କରୁଛନ୍ତି।

**ଏସ୍‌ଏସ୍‌ଏନ୍ ସ୍ମାରକୀ ରାଜ୍ୟ ଓପନ ଚେସ୍**

## ଟାଇଟଲ୍ ଜିତିଲେ ରବୀନ୍ଦ୍ର ଓଝା



ଭୁବନେଶ୍ୱର, ୧।୬ (ସମିସ): ଓଡ଼ିଶାର ବରିଷ୍ଠ ଚେସ୍ ପ୍ରଶିକ୍ଷକ କଟକର ରବୀନ୍ଦ୍ର କୁମାର ଓଝା ପ୍ରଥମ ସମୀରନ ସୁକୁମାର ନାୟକ (ଏସ୍‌ଏସ୍‌ଏନ୍) ସ୍ମାରକୀ ପ୍ରଥମ ରାଜ୍ୟସ୍ତରୀୟ ଚେସ ପ୍ରତିଯୋଗିତାରେ ଟାଇଟଲ ବିଜୟୀ ହୋଇଛନ୍ତି। ରାଜଧାନୀ ଉପକଣ୍ଠ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ରବୀନ୍ଦ୍ର ୫ ରାଉଣ୍ଡରୁ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ଜଟଣୀର ସ୍ଥିତପ୍ରଜ୍ଞ ସାହୁ ରନର୍ସଅପ୍, କଟକର ଲଳିତ ରଞ୍ଜନ ସାହୁ ତୃତୀୟ, କନ୍ଧମାଳର ଲରେନ୍ସ କୁମାର ପ୍ରଧାନ ଚତୁର୍ଥ, ପୁରୀର ମହେଶ ପ୍ରସାଦ ସେଠୀ ପଞ୍ଚମ, ଭୁବନେଶ୍ୱରର ଆଦର୍ଶ କୁମାର ରାଉତ ଷଷ୍ଠ ଓ ସୁରଜିତ ନାୟକ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ପଶ୍ଚିମବଙ୍ଗର ଶୁଭ୍ରଜିତ ଦତ୍ତ, ଭୁବନେଶ୍ୱରର ଦୁଇ ଖେଳାଳି ହୃଦୟ ଚାୱଡ଼ା ଓ ହର ଚାଟାର୍ଜୀ ଯଥାକ୍ରମେ ୮ମରୁ ୧୦ମ ସ୍ଥାନରେ ରହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ଟିସିଏସ୍ ପ୍ରୋଜେକ୍ଟ ମୁଖ୍ୟ ଦୀପ୍ତିରଞ୍ଜନ ନାୟକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ରୟାଲ ପବ୍ଲିକ୍ ସ୍କୁଲ୍‌ର ଉପାଧ୍ୟକ୍ଷ ପ୍ରଜ୍ଞାପାରମିତା ସାହୁ, ସମୀରନଙ୍କ ମା' ମଧୁସ୍ମିତା ଓ ଭଉଣୀ ଦୀପାନ୍ୱିତା ନାୟକଙ୍କ ସମେତ ଆୟୋଜକ ଓଡ଼ିଶା ରାଜ୍ୟ ଚେସ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଅନ୍ତର୍ଜାତୀୟ ପାରା ଫେନ୍ସିଂରେ ମାଳତୀଙ୍କୁ ରୌପ୍ୟ

ଭୁବନେଶ୍ୱର, ୧।୬ (ସମିସ): ଫ୍ରାନ୍ସରେ ଚାଲିଥିବା ୨୦୨୫ ପାରା ଫେନ୍ସିଂ (ଅସିଚାଳନା) ସାଟେଲାଇଟ୍ ଟୁର୍ଣ୍ଣାମେଣ୍ଟ 'ୱିଲିୟମ ଅଫ୍ ଓରେଞ୍ଜ'ରେ ଓଡ଼ିଆ କ୍ରୀଡ଼ାବିତ୍‌ଙ୍କ ଚମକ ଦେଖିବାକୁ ମିଳିଛି। ପ୍ରଥମ ଦିବସରେ ଓଡ଼ିଶାର ମାଳତୀ ପାନୌରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଫଳରେ ଏହି ଅନ୍ତର୍ଜାତୀୟ ପାରା ଫେନ୍ସିଂ ଟୁର୍ଣ୍ଣାମେଣ୍ଟରେ ମାଳତୀ ଦେଶ ପାଇଁ ପଦକ ଖାତା ଖୋଲିଛନ୍ତି। ମାଳତୀ ମହିଳା ଫଏଲ୍ ବ୍ୟକ୍ତିଗତରେ ଏହି ସଫଳତା ପାଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାରୁ ଅନ୍ୟମାନଙ୍କ ମଧ୍ୟରେ ଓମପ୍ରକାଶ ବେହେରା, ମଧୁସ୍ମିତା ସାହୁ ଓ ରାକେଶ କୁମାର ସେଠୀ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS